# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶନିବାର, ମାର୍ଚ୍ଚ ୨୧/୨୦୨୦ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Berhampur, Saturday, March 21/2020 | ★★★

୧୬ଶ ଭାଗ ୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-


# ଆସ୍ଥାଭୋଟ ପୂର୍ବରୁ କମଲନାଥଙ୍କ ଇସ୍ତଫା

ଭୋପାଳ,୨୦।୩(ପି.ଟି.)



ଆସ୍ଥାଭୋଟର ସମ୍ମୁଖୀନ ହେବା ପୂର୍ବରୁ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ପଦରୁ କମଲନାଥ ଶୁକ୍ରବାର ଇସ୍ତଫା ଦେଇଛନ୍ତି। ଫଳରେ ରାଜ୍ୟରେ ୧୫ ମାସର କଂଗ୍ରେସ ସରକାରର ପତନ ଘଟିଛି। ୨୨ କଂଗ୍ରେସ ବିଧାୟକଙ୍କ ଇସ୍ତଫା ପରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଲାଗି ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ଆସ୍ଥାଭୋଟ ଲୋଡ଼ିବାକୁ ଗୁରୁବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କମଲନାଥ ରାଜଭବନ ଯାଇ ରାଜ୍ୟପାଳ ଲାଲ୍‌ଜୀ ଟଣ୍ଡନଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି।

କମଲନାଥ ତାଙ୍କ ଇସ୍ତଫାପତ୍ରରେ ଲେଖିଛନ୍ତି, ୪୦ ବର୍ଷର ରାଜନୈତିକ ଜୀବନରେ ସେ ସବୁବେଳେ ପବିତ୍ରତାର ରାଜନୀତି କରିଛନ୍ତି ଓ ଗଣତାନ୍ତ୍ରିକ ନୀତି ଆଦର୍ଶକୁ ସମ୍ମାନ ଦେବା ସହ ପ୍ରାଥମିକତା ଦେଇଆସିଛନ୍ତି। ଗତ ଦୁଇସପ୍ତାହରେ ଯାହା ସବୁ ଘଟିଲା ତାହା ଗଣତାନ୍ତ୍ରିକ ମୂଲ୍ୟବୋଧ ଅବମୂଲ୍ୟାୟନର ଏକ ନୂଆ ☞ପୃଷ୍ଠା–୪

## ଜନତାର ବିଜୟ: ସିନ୍ଧିଆ

ଭୋପାଳ,୨୦।୩(ପି.ଟି.)



କମଲନାଥଙ୍କ ଇସ୍ତଫାକୁ ମଧ୍ୟପ୍ରଦେଶରେ ଲୋକଙ୍କ ବିଜୟ ବୋଲି ଭାଜପା ନେତା ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି। ପୂର୍ବତନ ଏମ୍‌ପି ଜ୍ୟୋତିରାଦିତ୍ୟ ଦଳ ଛାଡ଼ିବା ଫଳରେ କମଲନାଥ ସରକାରଙ୍କ ପତନ ଘଟିଛି। ରାଜନୀତି ଲୋକଙ୍କ ସେବା କରିବାର ଏକ ମାଧ୍ୟମ ବୋଲି ସେ ବିଶ୍ୱାସ କରୁଥିଲେ। ତେବେ କମଲନାଥ ସରକାର ଏହି ପଥରୁ ବିଚ୍ୟୁତ ହୋଇଯାଇଥିଲା। ଶେଷରେ ସତ୍ୟର ଜୟ ହେଲା ବୋଲି ସିନ୍ଧିଆ ଟୁଇଟ୍ କରିଛନ୍ତି।

# ନିର୍ଭୟା ଦୋଷୀଙ୍କୁ ଫାଶୀ

ନୂଆଦିଲ୍ଲୀ,୨୦।୩(ପି.ଟି./ଆଇଏଏନ୍ଏସ୍)

ଶେଷରେ ସବୁ ପ୍ରତୀକ୍ଷାର ଅନ୍ତ ଘଟିଛି। ଦିଲ୍ଲୀର ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଫାଶୀ ଦିଆଯାଇଛି। ଶୁକ୍ରବାର ଭୋର ୫ଟା ୩୦ ମିନିଟରେ ଦୋଷୀ ମୁକେଶ ସିଂ (୩୨), ପବନ ଗୁପ୍ତା (୨୫), ବିନୟ ଶର୍ମା (୨୬) ଓ ଅକ୍ଷୟ କୁମାର ସିଂ (୩୧)ଙ୍କୁ ନୂଆଦିଲ୍ଲୀସ୍ଥିତ ତିହାର ଜେଲରେ ଫାଶୀଖୁଣ୍ଟରେ ଝୁଲାଇ ଦିଆଯାଇଛି। ଫାଶୀଘର କୂଅରେ ଅଧଘଣ୍ଟା ଧରି ଝୁଲିରହିବା ପରେ ଜେଲ୍‌ର ଡାକ୍ତର ଦୋଷୀମାନଙ୍କ ନାମରେ ମେଡିକାଲ

**ନ୍ୟାୟ ବିଳମ୍ବିତ କିନ୍ତୁ ବିଡ଼ମ୍ବିତ ନୁହେଁ**

ସାର୍ଟିଫିକେଟ ଜାରି କରିବା ସହ ସେମାନଙ୍କୁ ମୃତ ଘୋଷଣା କରିଛନ୍ତି। ଏହାସହ ୨୦୧୨ ଡିସେମ୍ବର ୧୬ରୁ ଚାଲିଥିବା ଆଇନର ଲମ୍ବା ଲଢ଼େଇରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଏହି କଠୋର କାର୍ଯ୍ୟାନୁଷ୍ଠାନକୁ ଦେଶବ୍ୟାପୀ ସ୍ୱାଗତ କରାଯାଇଥିବାବେଳେ ଅନ୍ୟ କେତେକ ମହଲରେ ଏହାକୁ ନିନ୍ଦା ମଧ୍ୟ କରାଯାଇଛି। ଦୋଷୀମାନଙ୍କ ପକ୍ଷରୁ ଫାଶୀ ଦଣ୍ଡାଦେଶ ଉପରେ ସ୍ଥଗିତାଦେଶ ପାଇଁ ସୁପ୍ରିମକୋର୍ଟରେ ଆବେଦନ ହୋଇଥିବାବେଳେ ଭୋର ୩ଟା ୩୦ ଯାଏ ଶୁଣାଣି ଚାଲିଥିଲା। ସର୍ବୋଚ୍ଚ ଅଦାଲତ ଏହାକୁ ଖାରଜ କରିଦେବା



**୭ ବର୍ଷ ୩ ମାସ ପରେ ନ୍ୟାୟ**

- ତିହାର ଜେଲରେ ଭୋର ୫ଟା ୩୦ରେ ଦିଆଗଲା ଫାଶୀ
- ଏକସଙ୍ଗେ ଫାଶୀଖୁଣ୍ଟରେ ଝୁଲିଲେ ଦୋଷୀ ମୁକେଶ, ବିନୟ, ଅକ୍ଷୟ ଓ ପବନ
- ମୃତ୍ୟୁଦଣ୍ଡକୁ ସ୍ୱାଗତ କଲେ ପ୍ରଧାନମନ୍ତ୍ରୀ
- ବିରୋଧ କଲା ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ
- ଦେଶର ଝିଅମାନଙ୍କ ପାଇଁ ଜାରି ରହିବ ଲଢ଼େଇ: ଆଶାଦେବୀ

ପରେ ନିର୍ଭୟାଙ୍କ ମା' ଆଶାଦେବୀ କହିଛନ୍ତି, ୭ ବର୍ଷ ୩ ମାସ ୩ ଦିନ ପରେ ଶେଷରେ ☞ପୃଷ୍ଠା–୪

## ଆସନ୍ତାକାଲିର 'ଛୁଟିଦିନ' ଆକର୍ଷଣ

ଦୀର୍ଘଦିନର ପାଣି ସମସ୍ୟା ଦୂରେଇବା ଲାଗି ଏମାନେ ଅଣ୍ଟା ଭିଡ଼ିଲେ। କେଉଁଠି ବର୍ଷାଜଳ ସଂରକ୍ଷଣ କଲେ ତ ପୁଣି କେଉଁଠି ଝରଣାକୁ ନେଇ ଆସିଲେ ଗାଁକୁ...



ପାଣି ପାଇଁ...



ନାଟକ ମଣିଷ



ସିନେମା: ଓଜନ ପାଇଁ ଟେନ୍‌ସନ୍



ଏ ସପ୍ତାହର ମଡେଲ

## ଆଜିର ସମ୍ପାଦକୀୟ

ଅଡିଓ ବିବାଦ


Taste the difference! Vencobb Fresh Chicken

20.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers



RSPL

ଘଡ଼ି ଡିଟର୍ଜେଣ୍ଟ

କଣ ଆପଣ ଜାଣିଛନ୍ତି କି ଆପଣଙ୍କ କପଡା ଦ୍ୱାରା ବେମାରି ବ୍ୟାପି ପାରେ?

ଆଜି ମଇଳା କେବଳ ସେଇଟା ନୁହେଁ ଯାହା ଦେଖା ଯାଉଛି। ଅଜାଣତରେ କୌଣସି ଭାଇରସ୍ ଆପଣଙ୍କ କପଡାରେ ଲାଗିକରି କୌଣସି ବଡ଼ ବେମାରିର କାରଣ ବନି ପାରେ।

ନିଜର କପଡାକୁ ପ୍ରତିଦିନ ଧୁଅନ୍ତୁ। ଅର୍ଥାତ ସୁରକ୍ଷିତ ଏବଂ ସୁସ୍ଥ ରୁହନ୍ତୁ।

ଘଡ଼ି ଡିଟର୍ଜେଣ୍ଟ



DSPL-320

NATIONAL HEALTH MISSION

ସାମାଜିକ ଦୂରତା ବଜାୟ ରଖିବା
କରୋନା ଭୂତାଣୁଠାରୁ ଦୂରେଇ ରହିବା



ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ



ଜନ ସମାବେଶ (ବାହାଘର, ସାଂସ୍କୃତିକ, ସାମାଜିକ ଓ ଧାର୍ମିକ କାର୍ଯ୍ୟକ୍ରମ) ଠାରୁ ଦୂରେଇ ରୁହନ୍ତୁ। ସର୍ବସାଧାରଣ ସ୍ଥାନରେ ସାତ ଜଣରୁ ଅଧିକ ବ୍ୟକ୍ତି ଏକତ୍ରିତ ହେବା ମନା।



ଜ୍ୱର, କାଶ, ଫ୍ଲୁ ଭଳି ଲକ୍ଷଣ ଥିଲେ ଘରେ ଅଲଗା ରୁହନ୍ତୁ



୧୪ ଦିନ ମଧ୍ୟରେ ବିଦେଶରୁ ଫେରିଥିବା ଯାତ୍ରୀମାନେ ୧୦୪ରେ କଲ୍ କରି କିମ୍ବା https://covid19.odisha.gov.in ରେ ପଞ୍ଜୀକରଣ କରନ୍ତୁ



ହାତ ନମିଳାଇ ନମସ୍କାର କରନ୍ତୁ ଅତିକମ୍‌ରେ ୧ ମିଟର ଦୂରରେ ରୁହନ୍ତୁ



ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟ ସହାୟତା ଫୋନ୍ ୧୦୪ରେ ଯୋଗାଯୋଗ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha | http://www.health.odisha.gov.in/ | @HFWOdisha

OIPR-10003/13/0122/1920




# ଏଇ ସକାଳକୁ ଅପେକ୍ଷା ଥିଲା

୨୦୨୦
ମାର୍ଚ୍ଚ ୨୦ ଶୁକ୍ରବାର ସକାଳ।
ଏହି ସକାଳରେ ଦେଶରେ ଉଇଁଥିଲା
ନୂଆ ସୂର୍ଯ୍ୟ। ହେଲେ ସୂର୍ଯ୍ୟୋଦୟ ଦେଖିବାକୁ ଆଉ
ଜୀବିତ ନ ଥିଲେ ନିର୍ଭୟାଙ୍କ ବଳାତ୍କାରୀ ଓ ହତ୍ୟାକାରୀମାନେ।
ଦୀର୍ଘ ସାତବର୍ଷ ଧରି ଜେଲରେ ରହିବା ପରେ ଫାଶୀଖୁଣ୍ଟରେ ଝୁଲି
ଚିରନିଦ୍ରାରେ ଶୋଇଯାଇଛନ୍ତି ଯୌନରାକ୍ଷସମାନେ। ବଳାତ୍କାରର ପରିଣାମ
ଫାଶୀ ଛଡ଼ା ଭିନ୍ନ କିଛି ନୁହେଁ ବୋଲି ଏକ ସୁଦୂରପ୍ରସାରୀ ସନ୍ଦେଶ ଦିଆଗଲା
ସମାନ ଚରିତ୍ରର କାମାସକ୍ତ ପୁରୁଷଙ୍କୁ। ବଳାତ୍କାର ପୂର୍ବରୁ ଶହେ ଥର ଚିନ୍ତା କରୁ
ଯୌନବିକୃତ ମଣିଷ। ନଚେତ୍ ଭୋଗିବ ସମଦଶା। ଭାରତୀୟ ନ୍ୟାୟପାଳିକାର ଏହି
କଠୋର ନିଷ୍ପତ୍ତିକୁ ଅବଜ୍ଞା କରିପାରିବେନି କେହି। ସତେ ଯେପରି ଏହା ସ୍ଥିର ହେଲା ଆଜି
ନୂତନ ସୂର୍ଯ୍ୟୋଦୟ ସହ, ଯାହାକୁ ଅପେକ୍ଷା କରି ନ ଥିଲେ କେବଳ ନିର୍ଭୟାଙ୍କ ମା', ବରଂ ଏହି
ନିର୍ଣ୍ଣାୟକ ମୁହୂର୍ତ୍ତର ପ୍ରତୀକ୍ଷାରେ ଥିଲା ସାରା ଭାରତ।



## କ'ଣ ଘଟିଥିଲା ସେହି କାଳରାତ୍ରିରେ

**ନୂଆଦିଲ୍ଲୀ,୨୦।୩ :** ୨୦୧୨ ଡିସେମ୍ବର ୧୬ ତାରିଖ ରାତି ୯ଟା ୫୪ ମିନିଟ। ସ୍ଥାନ ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ମୁନିର୍କାରେ ଘଟିଥିବା ବର୍ବର ଓ ନୃଶଂସ ଘଟଣା ଦେଶର ଇତିହାସରେ ଯୋଡ଼ିଦେଇଥିଲା ଏକ କଳଙ୍କିତ ଅଧ୍ୟାୟ। ୨୬ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟା ଓ ତାଙ୍କ ପୁରୁଷବନ୍ଧୁ ସେହି ରାତିରେ ସାକେତସ୍ଥିତ ଏକ ହଲ୍‌ରେ 'ଲାଇଫ୍ ଅଫ୍ ପାଇ' ଫିଲ୍ମ ଦେଖି ଘରକୁ ଫେରୁଥିଲେ। ଦ୍ୱାରକାସ୍ଥିତ ଘରକୁ ଫେରିବା ପାଇଁ ସେମାନେ ମୁନିର୍କାରେ ଏକ ବସ୍‌ରେ ଚଢ଼ିଥିଲେ। ବସ୍‌ରେ ଡ୍ରାଇଭର ରାମ ସିଂ ଓ ଜଣେ ନାବାଳକଙ୍କୁ ମିଶାଇ ମୋଟ ୬ ଜଣ ଥିଲେ। ସେମାନେ ସମସ୍ତେ ଜଣ ଜଣ କରି ନିର୍ଭୟାଙ୍କୁ ଗଣବଳାତ୍କାର କରିଥିଲେ। ଏହାସହ ନିର୍ଭୟା ଓ ତାଙ୍କ ପୁରୁଷ ବନ୍ଧୁଙ୍କୁ ଅକଥନୀୟ ଶାରୀରିକ ନିର୍ଯାତନା ଦେଇଥିଲେ। ଏତିକିରେ ସୀମିତ ନ ଥିଲା ସେମାନଙ୍କ ବର୍ବରତା। ଯୌନପିପାସୁମାନେ ନିର୍ଭୟାଙ୍କ ଦେହର ଅତି ସମ୍ବେଦନଶୀଳ ଅଙ୍ଗରେ ଲୁହା ରଡ୍ ପୂରାଇଦେଇଥିଲେ। ଶେଷରେ ସେମାନେ ତାଙ୍କୁ ବସ୍‌ରୁ ତଳକୁ ଫିଙ୍ଗିଦେଇଥିଲେ। ରାତି ୧୧ଟାରେ ତାଙ୍କ ଅନାବୃତ ଦେହ ପଡ଼ିଥିବା ଦେଖି କେତେଜଣ ଲୋକ ଦିଲ୍ଲୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ଆସି ତାଙ୍କୁ ସଫଦରଜଙ୍ଗ୍ ହସ୍ପିଟାଲକୁ ନେଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ନିର୍ଭୟାଙ୍କୁ ଏକ ଏୟାର ଆମ୍ବୁଲାନ୍ସରେ ସିଙ୍ଗାପୁରସ୍ଥିତ ମାଉଣ୍ଟ ଏଲିଜାବେଥ ହସ୍ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ ତମାମ ଉଦ୍ୟମ ସତ୍ତ୍ୱେ ଡାକ୍ତରୀ ଦଳ ତାଙ୍କୁ ରକ୍ଷା କରିପାରି ନ ଥିଲେ। ଜୀବନ ଯୁଦ୍ଧରେ ପରାଜିତ ହୋଇ ୨୯ ତାରିଖ ଭୋର ୪ଟା ୪୫ରେ ଆଖି ବୁଜିଦେଇଥିଲେ ନିର୍ଭୟା। ୩୦ ତାରିଖରେ ଦିଲ୍ଲୀରେ କଡ଼ା ପୋଲିସ ସୁରକ୍ଷା ମଧ୍ୟରେ ନିର୍ଭୟାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏହି ବହୁଚର୍ଚ୍ଚିତ ଘଟଣାକୁ ନେଇ ସେତେବେଳେ ବିରୋଧୀ ଦଳରେ ଥିବା ଭାଜପା ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନେତୃତ୍ୱାଧୀନ ଉପା ସରକାରକୁ କାଠଗଡ଼ାରେ ଛିଡ଼ା କରାଇଥିଲା।



ଏହି ବସ୍‌ରେ ନିର୍ଭୟାଙ୍କୁ ଗଣବଳାତ୍କାର କରାଯାଇଥିଲା। ନୂଆଦିଲ୍ଲୀ ସାଗରପୁର ଏରିଆରେ ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି।

## 'କନ୍ୟାଙ୍କ ପାଇଁ ସୂର୍ଯ୍ୟୋଦୟ ଆଣିଲା ଆଶାର କିରଣ'



୪ ଦୋଷୀଙ୍କୁ ଶୁକ୍ରବାର ସକାଳେ ଫାଶୀ ଦିଆଯିବା ଖବର ଟେଲିଭିଜନ ପରଦାରେ ଦେଖିବା ପରେ ନିର୍ଭୟାଙ୍କ ମାଆ ଆଶାଦେବୀ ଆଶ୍ୱସ୍ତ ହୋଇଥିଲେ। ସେ ଖୁସିରେ ନିଜର ଆତ୍ମୀୟମାନଙ୍କୁ ଆଲିଙ୍ଗନ କରିଥିଲେ। ଶୁକ୍ରବାରର ସୂର୍ଯ୍ୟୋଦୟ ଭାରତର କନ୍ୟାମାନଙ୍କ ପାଇଁ ନୂଆ ଆଶାର କିରଣ ଆଣିଥିବା ଭାବବିହ୍ୱଳ ହୋଇ କହିଥିଲେ ଆଶାଦେବୀ। ୨୦୧୨ ଡିସେମ୍ବର ୧୬ ତାରିଖର ଶୀତୁଆ ରାତିରେ ଚଳନ୍ତା ବସ୍‌ରେ ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଗଣବଳାତ୍କାର କରିଥିବା ୬ ଜଣଙ୍କ ମଧ୍ୟରୁ ୪ ଜଣ ଅକ୍ଷୟ, ପବନ, ବିନୟ ଓ ମୁକେଶଙ୍କୁ ଶୁକ୍ରବାର ସକାଳ ୫ଟା ୩୦ରେ ଫାଶୀଖୁଣ୍ଟରେ ଝୁଲାଯାଇଥିଲା। ୭ ବର୍ଷ ୩ ମାସ ହେଲା ନିର୍ଭୟାଙ୍କ ମା'ବାପା ନ୍ୟାୟ ପାଇଁ ଚଳାଇଥିବା ଲଢ଼େଇର ଅନ୍ତ ହୋଇଛି। କେବଳ ନିର୍ଭୟା ନୁହନ୍ତି, ସାରା ଦେଶ ୨୦୧୨ ଡିସେମ୍ବର ୧୬ ଘଟଣାରେ ଦୋହଲି ଯାଇଥିଲା। ଏହି ଦିନକୁ ତାଙ୍କର ଦୀର୍ଘଦିନର ପ୍ରତୀକ୍ଷା ଥିଲା। ଦେଶର ଆଇନ ବ୍ୟବସ୍ଥା ଉପରେ ତାଙ୍କର ଭରସା ଥିଲା ବୋଲି ନିର୍ଭୟାଙ୍କ ମା' ତାଙ୍କ ବାସଭବନ ବାହାରେ ଜମା ହୋଇଥିବା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କହିଛନ୍ତି। ୪ ଦୋଷୀଙ୍କୁ ଫାଶୀ ଯୌନ ହିଂସା ବିରୋଧରେ ଏକ ବଳିଷ୍ଠ ବାର୍ତ୍ତା। ଝିଅମାନଙ୍କ ସୁରକ୍ଷା ପାଇଁ ଆମର ଲଢ଼େଇ ଜାରି ରହିବ ବୋଲି ସେ କହିଛନ୍ତି।

## ଖୁସି ବ୍ୟକ୍ତକଲେ ଜହ୍ଲାଦ ପବନ



ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଫାଶୀ ଦେଇଥିବାରୁ ବେଶ୍ ଖୁସି ବୋଲି କହିଛନ୍ତି ଘାତକ ପବନ ଜହ୍ଲାଦ। ଫାଶୀ ଦେଇସାରିବା ପରେ ସେ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ମିରଟ ଫେରିଯାଇଛନ୍ତି। ପ୍ରଥମ ଥର ପାଇଁ ସେ ଏକସଙ୍ଗେ ୪ ଜଣଙ୍କୁ ଫାଶୀ ଦେଇଥିବାରୁ ବେଶ୍ ଖୁସି। ଏହିଦିନକୁ ସେ ଅପେକ୍ଷା କରି ରହିଥିଲେ ବୋଲି କହିବା ସହ ଭଗବାନ ଏବଂ ତିହାର ଜେଲ୍ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ନିର୍ଭୟା ପାଣ୍ଠିକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ନିର୍ଭୟା ଦୋଷୀଙ୍କୁ ଫାଶୀ ପରେ ନ୍ୟାୟ ମିଳିଲା ବୋଲି କଂଗ୍ରେସ କହିଛି। ତେବେ ପ୍ରକ୍ରିୟାଗତ ବିଳମ୍ବ ପାଇଁ ଦୁର୍ବଳ ବ୍ୟବସ୍ଥାକୁ ଦାୟୀ କରିଛି କଂଗ୍ରେସ। ଗତ ୫ ବର୍ଷ ମଧ୍ୟରେ ମହିଳାମାନଙ୍କ ପ୍ରତି ଅପରାଧ ବଢ଼ିଛି। ଆଇନରେ ସଂସ୍କାର ଆବଶ୍ୟକ ବୋଲି କଂଗ୍ରେସ ମୁଖପାତ୍ର ଆମି ଯାଜ୍ଞିକ କହିଛନ୍ତି। ୨୦୧୨ ନିର୍ଭୟା ମାମଲା ପରେ ଉପା ସରକାର ନିର୍ଭୟା ପାଣ୍ଠି ନାମରେ ୧୦୦ କୋଟି ମଞ୍ଜୁର କରିଥିଲେ। ୭ ବର୍ଷ ପରେ ମହିଳାଙ୍କ ସୁରକ୍ଷା ଏହି ପାଣ୍ଠିରୁ କେତେ ଟଙ୍କା ଖର୍ଚ୍ଚ ହୋଇଛି ତା'ର ହିସାବ ନାହିଁ।

## 'ମା' କହିବାରୁ ଲଢ଼ିଥିଲି ମାମଲା'



**ନୂଆଦିଲ୍ଲୀ, ୨୦।୩:** ନିର୍ଭୟା ଦୋଷୀଙ୍କୁ ବଞ୍ଚାଇବା ଲାଗି ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ମାମଲା ଲଢ଼ିଥିବା ଓକିଲ ଅଜୟ ପ୍ରକାଶ ସିଂ ଶେଷରେ ମୁହଁ ଖୋଲିଛନ୍ତି। ମା'ଙ୍କ କହିବା ଅନୁଯାୟୀ ସେ ଏହି ମାମଲା ଲଢ଼ିଥିବା ପ୍ରକାଶ କରିଛନ୍ତି। ଏକ ସାକ୍ଷାତକାରରେ ସେ କହିଛନ୍ତି, ଦୋଷୀ ଅକ୍ଷୟଙ୍କୁ ତିହାର ଜେଲରେ ଭେଟିବାକୁ ତାଙ୍କ ସ୍ତ୍ରୀ ବିହାରରୁ ଆସିବା ପରେ ମୋ ମୋବାଇଲ ନମ୍ବର ସଂଗ୍ରହ କରିବା ସହ ମା'ଙ୍କୁ ମଧ୍ୟ ଘରେ ଭେଟିଥିଲେ। ଘରକୁ ଫେରିବା ପରେ ତାଙ୍କଠାରୁ କୋହଭରା କଥା ଶୁଣିଥିବା ମୋ ମା' ମାମଲା ଲଢ଼ିବା ଲାଗି ମୋତେ ବାଧ କରିଥିଲେ ବୋଲି ସିଂ କହିଛନ୍ତି। ମା' ଅତି ସରଳ, ସାଦାସିଧା ଓ ଠାକୁର ବିଶ୍ୱାସୀ। ଏଭଳି ମାମଲାର ଫଳାଫଳ କ'ଣ ହୁଏ, ବୁଝାଇବାକୁ ଚେଷ୍ଟା କରିଥିଲେ ହେଁ, ମା'ଙ୍କ ଅନୁରୋଧ ରକ୍ଷାକରି ଏହି ମାମଲା ଲଢ଼ିଥିବା ସିଂ କହିଛନ୍ତି। ବିଭିନ୍ନ ଓକିଲ, ସାମାଜିକ ସଙ୍ଗଠନ ପକ୍ଷରୁ ମୋତେ ଏଥିଲାଗି ସମାଲୋଚନା କରାଯାଇଥିଲା। ହେଲେ ଏତେ ରାତିରେ ବୟଫ୍ରେଣ୍ଡ ସହ ସେ କ'ଣ କରୁଥିଲେ କେହି ପ୍ରଶ୍ନ କରୁନାହାନ୍ତି। ମୋ ଝିଅ କି ଭଉଣୀ ପ୍ରି ମାରିଟାଲ ସେକ୍ସରେ ସମ୍ପୃକ୍ତ ଥିବା ଜାଣିଲେ, ସମସ୍ତଙ୍କ ଆଗରେ ପେଟ୍ରୋଲ ପକାଇ ଜାଳିଦେବି ବୋଲି ସିଂ ପ୍ରତିକ୍ରିୟାରେ କହିଛନ୍ତି। ମାମଲାର ଅନେକ ଫର୍ଦ୍ଦ ବାକିଥିବା ବେଳେ ଏହାର ଶୁଣାଣି ନ କରି ଫାଶୀ ଦିଆଯିବା ମାନବାଧିକାରର ଉଲ୍ଲଂଘନ ବୋଲି ସିଂ ପ୍ରକାଶ କରିଛନ୍ତି।

## ଜିନ୍ଦାବାଦ୍ ଭିଡ଼ରେ ମୁର୍ଦ୍ଦାବାଦ ସ୍ୱର

**ନୂଆଦିଲ୍ଲୀ,୨୦।୩:** ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଶୁକ୍ରବାର ଭୋର୍ ଠିକ୍ ୫ଟା ୩୦ରେ ଫାଶୀ ଖୁଣ୍ଟରେ ଝୁଲାଯିବା ମାତ୍ରେ ଦିଲ୍ଲୀର ତିହାର ଜେଲ୍ ବାହାରେ ଏକପ୍ରକାର ଉତ୍ସବର ପରିବେଶ ସୃଷ୍ଟି ହୋଇଥିଲା। ଦେଶର କୋଣ ଅନୁକୋଣରୁ ଆସି ରାତିରୁ ରାସ୍ତା ଉପରେ ଏକାଠି ହୋଇ ଉକ୍ତ ସମୟକୁ ଅପେକ୍ଷା କରିଥିବା ଶତାଧିକ ମହିଳା ପୁରୁଷ, ସାମାଜିକ କର୍ମୀ ଓ ଅନ୍ୟମାନେ ଖୁସିରେ ଆତ୍ମହରା ହୋଇପଡ଼ିଥିଲେ। କରୋନା ଭାଇରସ୍ ସଂକ୍ରମଣର ଭୟକୁ ଖାତିର ନ କରି ସେମାନେ ଉତ୍ସବ ମନାଇବା ଆରମ୍ଭ କରିଦେଇଥିଲେ। 'ନିର୍ଭୟା ଜିନ୍ଦାବାଦ୍' ଓ 'ଭାରତ ମାତା କି ଜୟ' ଭଳି ଭଳିକି ଭଳି ସ୍ଲୋଗାନ ଦେବା ସହ ପରସ୍ପରକୁ ମିଠା ଖୁଆଇ ମିଳିଥିବା ବହୁ ପ୍ରତୀକ୍ଷିତ ନ୍ୟାୟକୁ ଭରପୂର ଉପଭୋଗ କରିଥିଲେ। ହେଲେ ଏହି ସମୟରେ ଜିନ୍ଦାବାଦ୍‌ର ଭିଡ଼ ଭିତରୁ ମୁର୍ଦ୍ଦାବାଦ୍‌ର ସ୍ୱର ମଧ୍ୟ ଶୁଣିବାକୁ ମିଳିଥିଲା। କିନ୍ତୁ ଉକ୍ତ ସ୍ୱର ଫାଶୀ ବିପକ୍ଷରେ କି ଦୋଷୀଙ୍କ ସପକ୍ଷରେ ନ ଥିଲା। ଏହା ଥିଲା ଆଇନର ଗଳାବାଟ ଦେଇ ଦୋଷୀଙ୍କୁ ଫାଶୀ ଖୁଣ୍ଟରୁ ଖସାଇବା ଓ ପୂରା ପ୍ରକ୍ରିୟାକୁ ବିଳମ୍ବିତ କରିବାକୁ ବାରମ୍ବାର କୋର୍ଟରେ ପିଟିଶନ ଦାଖଲ କରୁଥିବା ଦୋଷୀଙ୍କ ଓକିଲ ଏ.ପି. ସିଂହଙ୍କ ବିରୋଧରେ। ସେହିପରି ଜେଲ୍ ବାହାରେ ଉପସ୍ଥିତ ଶତାଧିକ ଜନତାଙ୍କ ମଧ୍ୟରୁ ଅନେକଙ୍କ ହାତରେ ଥିବା ପ୍ଲାକାର୍ଡ ଓ ପୋଷ୍ଟରରୁ ଏ.ପି.ସିଂହଙ୍କ କାର୍ଯ୍ୟକୁ ନେଇ ସେମାନେ କେତେ କ୍ଷୁବ୍ଧ ତାହାର ଝଲକ ମଧ୍ୟ ଦେଖିବାକୁ ମିଳିଥିଲା।


ଫାଶୀ ବେଳେ ଜେଲ ବାହାରେ ଉତ୍ସବ ମନାଉଛନ୍ତି ଲୋକେ।






# ୨୦୨୧ ଜନଗଣନା, ଏନ୍‌ପିଆର ସ୍ଥଗିତ ରହୁ

## ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

୨୦୨୧ ଜନଗଣନା ଓ ନ୍ୟାଶନାଲ ପପୁଲେଶନ ରେଜିଷ୍ଟ୍ରାର(ଏନ୍‌ପିଆର) ଅପ୍‌ଡେଟ ପ୍ରକ୍ରିୟା ସ୍ଥଗିତ ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁକ୍ରବାର ଚିଠି ଲେଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଗୃହ ମନ୍ତ୍ରଣାଳୟ ପକ୍ଷରୁ ଦେଶରେ ୨୦୨୧ ଜନଗଣନା ଏବଂ ଏନ୍‌ପିଆର କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ସେହି ଅନୁଯାୟୀ ଓଡିଶାରେ ପ୍ରଥମ ପର୍ଯ୍ୟାୟ ଗୃହ ତାଲିକା ଏବଂ ଗଣନା, ଜନଗଣନା ଏବଂ ବର୍ତ୍ତମାନ ଜନସଂଖ୍ୟା ପଞ୍ଜିକା ପ୍ରସ୍ତୁତ ଲାଗି ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ ସରିଛି। ଏହି ପ୍ରକ୍ରିୟାରେ ସମସ୍ତ ତଥ୍ୟ ସଂଗ୍ରହ କରିବାକୁ ଦେଶର ପ୍ରାୟ ୩୦ଲକ୍ଷ କର୍ମଚାରୀ ନିୟୋଜିତ ହେବେ। ଏଥିଲାଗି ସେହି କର୍ମଚାରୀଙ୍କୁ ପର୍ଯ୍ୟାପ୍ତ ଟ୍ରେନିଂ, ସଚେତନତା ପ୍ରଚାର, ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବାକୁ କୁହାଯାଇଛି। ମାତ୍ର କରୋନା ସଂକ୍ରମଣ ଆଶଙ୍କା ଦୃଷ୍ଟିରୁ ବର୍ତ୍ତମାନ ପରିସ୍ଥିତିରେ ଜନସଂଖ୍ୟା ଗଣନା କାର୍ଯ୍ୟ କରା ନ ଯିବା ଆବଶ୍ୟକ। କରୋନା ସହ ଲଢିବାକୁ ରାଜ୍ୟ ସରକାର ଅନେକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଜନଗଣନା କାର୍ଯ୍ୟ ଆରମ୍ଭ ହେଲେ ଏଥିରେ ସମ୍ପୃକ୍ତ କର୍ମଚାରୀ ଏବଂ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି ହେବ। ଲୋକଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ବର୍ତ୍ତମାନ ଦେଶରେ ଉକ୍ତ କାର୍ଯ୍ୟକ୍ରମ ବନ୍ଦ କରାଯାଉ ବୋଲି ସେ କହିଛନ୍ତି।




# ଏକତ୍ର ହେବେ ନାହିଁ ୭ରୁ ଅଧିକ ଲୋକ

## କରୋନା ସତର୍କତା

- ସରକାରୀ ବୈଠକରେ କେବଳ କରୋନା ସମ୍ବନ୍ଧୀୟ ଆଲୋଚନା
- ଜରୁରୀ ବୈଠକରେ ପରସ୍ପର ମଧ୍ୟରେ ରହିବ ୨ ମିଟର ଦୂରତା
- ୪୬ଜଣଙ୍କ ସଂସ୍ପର୍ଶରେ ଆସିଛନ୍ତି ଦ୍ୱିତୀୟ ଆକ୍ରାନ୍ତ
- କରୋନା ଆଳରେ ସମସ୍ୟା ସୃଷ୍ଟିକଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୦।୩(ବ୍ୟୁରୋ)

କରୋନା ଭୂତାଣୁ (କୋଭିଡ୍-୧୯) ମୁକାବିଲା ପାଇଁ ରାଜ୍ୟ ସରକାର ତତ୍ପର ହୋଇପଡ଼ିଛନ୍ତି। ପ୍ରତିଦିନ ବିଭିନ୍ନ ଆଡ୍‌ଭାଇଜରି ଜାରି ସହ ସଚେତନତା ଓ ସତର୍କତାମୂଳକ ପଦକ୍ଷେପ ନିଆଯାଉଛି। ସ୍ଥିତି ଉପରେ କଡ଼ା ନଜର ରଖାଯାଇଥିବାବେଳେ ଶୁକ୍ରବାର ଆଉଏକ ଆଡ୍‌ଭାଇଜରି ଜାରି ହୋଇଛି। କୌଣସି ପରିସ୍ଥିତିରେ ମଧ୍ୟ ୭ଜଣରୁ ଅଧିକ ଲୋକ ସର୍ବସାଧାରଣ ସ୍ଥାନରେ ଏକତ୍ର ହେବେ ନାହିଁ। ସ୍ଥିତିରେ ପରିବର୍ତ୍ତନ ନ ହେବା ପର୍ଯ୍ୟନ୍ତ ଏହା କାର୍ଯ୍ୟ କରିବ। ଏହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରାଯାଇଛି ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ଗୀତ ଗୋବିନ୍ଦ ସଦନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ସରକାରୀ କାର୍ଯ୍ୟାଳୟରେ କେବଳ କରୋନା ସଂକ୍ରାନ୍ତ ବୈଠକ ହେବ। କୋଭିଡ୍-୧୯ ଓ ମୌଳିକ ସେବା ପରିଚାଳନା ସଂକ୍ରାନ୍ତୀୟ ଛାଡ଼ିଦେଲେ ଅନ୍ୟ କୌଣସି ବୈଠକ ବା ସଭା ହୋଇପାରିବ ନାହିଁ। ଜରୁରୀ ବୈଠକ ବସିଲେ ପରସ୍ପରଠାରୁ ୨ ମିଟର ଦୂରତା ଅନୁପାଳନକୁ କଡ଼ାକଡ଼ି କରାଯିବ। ସମ୍ଭବ ହେଲେ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଆଲୋଚନା କରାଯିବ। ସମସ୍ତ ସରକାରୀ ଉତ୍ସବ, ସ୍ମୃତି ଦିବସ, ପ୍ରତିମୂର୍ତ୍ତି ମାଲ୍ୟାର୍ପଣ ଆଦିକୁ ସ୍ଥଗିତ ରଖାଯାଇଛି।

ଅନ୍ୟପକ୍ଷରେ ଓଡ଼ିଶାରେ ଦ୍ୱିତୀୟ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ୧୯ ବର୍ଷୀୟ ଯୁବକ ଜଣକ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେ ବିଟ୍ରେନ୍‌ରୁ ଫେରି ୧୮ ତାରିଖରେ ଭୁବନେଶ୍ୱରରେ ପହଞ୍ଚିଥିଲେ। ୧୯ ତାରିଖରେ ତାଙ୍କୁ ଆଇସୋଲୋଶନରେ ରଖାଯାଇଛି। ତାଙ୍କ ପରିବାର ଲୋକଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରୋଗୀ ଜଣକ ବର୍ତ୍ତମାନ ସୁଦ୍ଧା ୪୬ଜଣଙ୍କ ସଂସ୍ପର୍ଶରେ ଆସିଥିବା ତଥ୍ୟ ମିଳିଛି। ସେମାନଙ୍କ ମଧ୍ୟରୁ ୪୩ ଜଣଙ୍କ ସହ ଯୋଗାଯୋଗ ହୋଇସାରିଛି। ଅନ୍ୟ ୩ଜଣଙ୍କ ସହ ଯୋଗାଯୋଗ ପାଇଁ ପ୍ରଚେଷ୍ଟା ଚାଲିଛି। ଏଥିପାଇଁ ୮ ମନିଟରିଂ ଟିମ୍ କାର୍ଯ୍ୟ କରୁଛନ୍ତି। ଯୁଦ୍ଧକାଳୀନ ଭିତରେ ଏହି ଟିମ୍ ସେହି ୩ଜଣଙ୍କୁ ଟ୍ରେସ୍ କରୁଛନ୍ତି। ସେହିଭଳି ପ୍ରଥମ କରୋନା ଆକ୍ରାନ୍ତ ବର୍ତ୍ତମାନ ଭଲ ଅଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ପରିବର୍ତ୍ତନ ହେଉଛି ବୋଲି ବାଗ୍‌ଚୀ କହିଛନ୍ତି।

ତେବେ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଦୁଇଟି ଉଦ୍‌ବେଗଜନକ ଘଟଣା ସାମ୍ନାକୁ ଆସିଥିବା ବାଗ୍‌ଚୀ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପରାମର୍ଶରେ ଆଇସୋଲେଶନରେ ଥିବା ବ୍ୟକ୍ତିମାନେ ସମସ୍ୟା ନ ଥିଲେ ଘରକୁ ଫେରିପାରିବେ। କିନ୍ତୁ ଏ ପରିସ୍ଥିତିରେ ସ୍ଥାନୀୟ ଗ୍ରାମବାସୀ, ପଡ଼ୋଶୀ, ଗୋଷ୍ଠୀ ସେମାନଙ୍କ ଫେରିବାକୁ ବିରୋଧ କରିବା ସାମାଜିକ ଦୃଷ୍ଟିକୋଣରୁ ଅନୁଚିତ। ଏଭଳି ବିରୋଧ ନଜରକୁ ଆସିଲେ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ। ସେହିଭଳି କୌଣସି ବିଦେଶାଗତ ପର୍ଯ୍ୟଟକ, ଅତିଥିଙ୍କୁ ଯଦି କରୋନା ଆଳରେ କେହି ବି ଅସଦାଚରଣ କରିବା ନଜରକୁ ଆସେ ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବାଗ୍‌ଚୀ ସୂଚନା ଦେଇଛନ୍ତି।

ଓଡ଼ିଶାରେ ଅଦ୍ୟାବଧି ୬୬ ନମୁନା ପରୀକ୍ଷା କରାଯାଇଛି। ସେଥିରୁ ୬୨ଟିର ରିପୋର୍ଟ ଆସିଛି ଓ ୪ଟି ରିପୋର୍ଟ ହସ୍ତଗତ ହୋଇନାହିଁ। ତେବେ ମିଳିଥିବା ରିପୋର୍ଟ ମଧ୍ୟରୁ ୬୦ ନେଗେଟିଭ୍ ହୋଇଥିବାବେଳେ ୨ ପଜିଟିଭ୍ ରହିଛି। ଶୁକ୍ରବାର ସନ୍ଧ୍ୟାସୁଦ୍ଧା ଆସିଥିବା ୯ ରିପୋର୍ଟ ନେଗେଟିଭ୍ ଆସିଛି। ବର୍ତ୍ତମାନ ସୁଦ୍ଧା ଜାରି ଫୋନ୍ ନମ୍ବର ଓ ୱେବ୍ ପୋର୍ଟାଲ ଜରିଆରେ ୨୯୩୫ଜଣ ବିଦେଶ ଫେରନ୍ତା ପଞ୍ଜୀକରଣ କରିଛନ୍ତି। ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକାକୁ ଶୃଙ୍ଖଳାର ସହ ଅନୁପାଳନ କରିଥିବାରୁ ଧର୍ମାନୁଷ୍ଠାନମାନଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୃତଜ୍ଞତା ଜଣାଇଛନ୍ତି। ସେହିଭଳି ଏ ପରିସ୍ଥିତିରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ଅଧିକାରୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିବା ବାଗ୍‌ଚୀ କହିଛନ୍ତି।

# ଏଟିଏମ୍, ଶାଖାରେ ଟଙ୍କାର ଅଭାବ ରଖନାହିଁ

## ବ୍ୟାଙ୍କଗୁଡ଼ିକୁ ରାଜ୍ୟ ଅର୍ଥ ବିଭାଗର ନିର୍ଦ୍ଦେଶ

ଭୁବନେଶ୍ୱର, ୧୯।୩(ବ୍ୟୁରୋ)

କରୋନା କଟକଣା ପରିପ୍ରେକ୍ଷୀରେ ରାଜ୍ୟର ସମସ୍ତ ବ୍ୟାଙ୍କକୁ ଶୁକ୍ରବାର ଅର୍ଥ ବିଭାଗ ପକ୍ଷରୁ କେତେକ ପରାମର୍ଶ ଦିଆଯାଇଛି। ବର୍ତ୍ତମାନ ସ୍ଥିତିରେ ବ୍ୟାଙ୍କଗୁଡିକ ପର୍ଯ୍ୟାପ୍ତ ପରିମାଣର ଟଙ୍କା ବ୍ୟାଙ୍କ ଶାଖା ସମେତ ଏଟିଏମ୍‌ଗୁଡ଼ିକରେ ମହଜୁଦ୍ ରଖିବାକୁ କୁହାଯାଇଛି। ବ୍ୟାଙ୍କ ଶାଖା ଓ ଏଟିଏମ୍‌ଗୁଡ଼ିକରେ ଭବିଷ୍ୟତରେ ଯେପରି ନଗଦ ଟଙ୍କାର ଅଭାବ ପରିଲକ୍ଷିତ ନ ହୁଏ ତାହାକୁ ସୁନିଶ୍ଚିତ କରିବାକୁ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ୨୨ରେ ବସ୍ ଚାଲିବନି

ଭୁବନେଶ୍ୱର,୨୦।୩(ବ୍ୟୁରୋ)

କରୋନା(କୋଭିଡ-୧୯)ର ଭୟାବହତାକୁ ଦେଖି ଆସନ୍ତା ୨୨ ତାରିଖରେ ସମଗ୍ର ଦେଶରେ ଜନତା କର୍ଫ୍ୟୁ ପାଳନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣାକୁ ସମର୍ଥନ ଜଣାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଘରୋଇ ବସ ଚଳାଚଳ ବନ୍ଦ ରହିବ। ରାଜ୍ୟ ଘରୋଇ ବସ ମାଲିକ ସଂଘ ପକ୍ଷରୁ ଏ ନେଇ ଘୋଷଣା କରାଯାଇଛି। ଲୋକମାନେ ପଦାକୁ ନ ବାହାରିବାକୁ



କୁହାଯାଇଥିବାରୁ ବସଗୁଡିକ ମଧ୍ୟ ବନ୍ଦ ରହିବ ବୋଲି ସଂଘର ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି।



## ବନ୍ଦ ରହିବ ଠିପି ଖୋଲା ମଦ ଦୋକାନ

**ଭୁବନେଶ୍ୱର,୨୦।୩ (ବ୍ୟୁରୋ):** ରାଜ୍ୟ ସରକାର କରୋନା ସଂକ୍ରମଣ ରୋକିବା ଲାଗି ସମସ୍ତ ଠିପି ଖୋଲା ମଦ ଦୋକାନକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶୁକ୍ରବାର ଏନେଇ ସବୁ ଜିଲାର ଜିଲାପାଳଙ୍କୁ ଅବକାରୀ ବିଭାଗ ସଚିବ ଚିଠି ଲେଖି ଜଣାଇଛନ୍ତି। ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶକୁ ପାଳନ କରିବାକୁ କୁହାଯାଇଛି। କେବଳ ଠିପି ବନ୍ଦ ମଦ ଦୋକାନ ଖୋଲା ରହିବ। ଲୋକମାନେ ସେଠାରୁ ମଦ କିଣି ଘରେ ପିଇ ପାରିବେ। ହେଲେ ମଦ ଆଣିବା ପାଇଁ ଦୋକାନକୁ ଗଲେ ଗ୍ରାହକମାନେ ପରସ୍ପର ମଧ୍ୟରେ ଏକ ମିଟର ଦୂରତା ରଖିବାକୁ ସରକାର ପରାମର୍ଶ ଦେଇଛନ୍ତି।


କରୋନା ପ୍ରଭାବ
ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ବନ୍ଦ ପରେ ବଡ଼ଦାଣ୍ଡ ଜନଶୂନ୍ୟ।


କଟକର କଦମ-ଇ-ରସୁଲରେ ତାଲା।


ବ୍ରହ୍ମପୁରସ୍ଥିତ ଓଡ଼ିଆ ବାପ୍‌ଟିଷ୍ଟ ଚର୍ଚ୍ଚ ଫାଟକରେ ତାଲା ପଡ଼ିଛି।

# ମହାପ୍ରଭୁଙ୍କ ଦର୍ଶନ ନ ପାଇ ଫେରିଲେ ଭକ୍ତ

- ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ
- ଖାଁ ଖାଁ ବଡ଼ଦାଣ୍ଡ, ଶୂନ୍‌ଶାନ୍ ବେଳାଭୂମି
- ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ

**ପୁରୀ ଅଫିସ, ୨୦।୩:** ଖାଁ ଖାଁ ବଡ଼ଦାଣ୍ଡ, ଶୂନ୍‌ଶାନ୍ ବେଳାଭୂମି। ପ୍ରତ୍ୟେକ ଦିନ ଭକ୍ତ, ପର୍ଯ୍ୟଟକଙ୍କ ଗହଳିରେ ଫାଟି ପଡୁଥିବା ବଡ଼ଦାଣ୍ଡ ଶୁକ୍ରବାର ସମ୍ପୂର୍ଣ୍ଣ ଭିନ୍ନ ଦେଖାଯାଉଥିଲା। କାଁ ଭାଁ ଲୋକେ ଯା' ଆସ କରୁଥିବାବେଳେ ଗାଡ଼ିମୋଟର ସଂଖ୍ୟା ବି ବହୁତ କମ୍ ଥିଲା। ସେହିପରି ଶୂନଶାନ୍ ରହିଥିଲା ପୁରୀ ବେଳାଭୂମି। ନ ଥିଲେ ପର୍ଯ୍ୟଟକ କି ଖୋଲି ନ ଥିଲା ଉଠାଦୋକାନୀଙ୍କ ପସରା। ସେହିପରି ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ଥିବାବେଳେ ଶୁକ୍ରବାର ରାଜ୍ୟ ବାହାରର କେତେକ ଶ୍ରଦ୍ଧାଳୁ ଆସି ଫେରିଯାଇଥିବା ଦେଖିବାକୁ ମିଳିଥିଲା। କିନ୍ତୁ କରୋନା ମୁକାବିଲା ପାଇଁ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ସେମାନେ ସ୍ୱାଗତ କରିଥିଲେ।

ଦିନକୁ ଦିନ କରୋନା ଅଧିକ ଭୟ ଦେଖାଉଛି। ଗୋଟିଏ ପରେ ଗୋଟିଏ ନୂଆ ଦେଶକୁ ମାଡୁଛି। ତେଣୁ ଏହାର ମୁକାବିଲା ପାଇଁ ପ୍ରତିଦିନ ନୂଆ ଆଡଭାଇଜରି ଜାରି କରାଯାଉଛି। ଓଡ଼ିଶାରେ ବି ସରକାରଙ୍କ ପକ୍ଷରୁ ବିଭିନ୍ନ କଟକଣା ଲାଗୁ ହୋଇଛି। ଶୁକ୍ରବାରଠାରୁ ଶ୍ରୀମନ୍ଦିର ସମେତ ରାଜ୍ୟର ବିଭିନ୍ନ ଧର୍ମପୀଠରେ ଭକ୍ତଙ୍କ ଦର୍ଶନ ବନ୍ଦ କରାଯାଇଛି। ଏପ୍ରିଲ ପହିଲା ପର୍ଯ୍ୟନ୍ତ ଏହି କଟକଣା ଲାଗିଥିବାବେଳେ ପୁରୀରେ ଏହାର ପ୍ରଭାବ ଅଧିକ ଦେଖିବାକୁ ମିଳିଛି। ମହାପ୍ରଭୁଙ୍କ ଦର୍ଶନ ଏବଂ ବିଭିନ୍ନ ଦର୍ଶନୀୟ ସ୍ଥଳୀ ବୁଲିବା ଲାଗି ପ୍ରତ୍ୟହ ପୁରୀକୁ ଦେଶ ବିଦେଶରୁ ଭକ୍ତ, ପର୍ଯ୍ୟଟକ ଆସିଥାନ୍ତି। ଭୋର ହେଲେ ଭକ୍ତଙ୍କ ଆତଯାତରେ ପୂରିଉଠେ ବଡ଼ଦାଣ୍ଡ। ଦିନତମାମ୍ ଗହଳି ଲାଗି ରହୁଥିବାବେଳେ ରାତି ପ୍ରାୟ ୧୧ଟା ପର୍ଯ୍ୟନ୍ତ ଭକ୍ତ ଓ ସହରବାସୀ ଯିବାଆସିବା କରିଥାନ୍ତି। ହେଲେ ଶୁକ୍ରବାର ବଡ଼ଦାଣ୍ଡରେ ଦେଖିବାକୁ ମିଳି ନ ଥିଲା ଶ୍ରଦ୍ଧାଳୁଙ୍କ ଗହଳି । ସେହିପରି ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ରାଜ୍ୟ ବାହାରର ଦର୍ଶନାର୍ଥୀଙ୍କୁ ମଧ୍ୟ ନିରାଶରେ ଫେରିଯିବାକୁ ପଡ଼ିଥିଲା।

ଉତ୍ତରପ୍ରଦେଶରୁ ଆସିଥିବା ସାଗର ଶର୍ମା କହିଥିଲେ, ଶ୍ରୀମନ୍ଦିରରେ ଭକ୍ତଙ୍କ ଦର୍ଶନ ବନ୍ଦ ବିଷୟରେ ଜାଣି ନ ଥିଲି। ସକାଳେ ଟ୍ରେନରେ ପହଞ୍ଚି ମନ୍ଦିରକୁ ଆସିଥିଲି। ଏଠାରେ ପହଞ୍ଚିବା ପରେ ଦର୍ଶନ ବନ୍ଦ ଥିବା ପୋଲିସ କର୍ମଚାରୀ କହିଥିଲେ। ସିଂହଦ୍ୱାର ସମ୍ମୁଖରୁ ପତିତପାବନଙ୍କୁ ଦର୍ଶନ କରି ମୁଣ୍ଡିଆ ମାରି ଫେରିଯାଉଛି। ତେବେ କରୋନା ମୁକାବିଲା ନେଇ ରାଜ୍ୟ ସରକାରଙ୍କ ଏପରି ନିଷ୍ପତ୍ତି ଠିକ୍ ଅଛି। ଯଦି କିଛିଦିନ କଷ୍ଟ ସହିଯିବା ତେବେ ଆଗକୁ କରୋନା କବଳରୁ ଆମେ ଓ ଦେଶବାସୀ ରକ୍ଷା ପାଇବେ ବୋଲି ସାଗର କହିଥିଲେ। ସେହିପରି ରାଜ୍ୟ ବାହାରୁ ଅନ୍ୟ କେତେଜଣ ଭକ୍ତ ମଧ୍ୟ ଆସିଥିଲେ। ସେମାନେ ମନ୍ଦିର ଚତୁଃପାର୍ଶ୍ୱ ବୁଲିବା ପରେ ସିଂହଦ୍ୱାରରେ କିଛି ସମୟ ବିତାଇ ଫେରିଯାଇଥିଲେ।

# ଭିତ୍ତିଭୂମି ସୁଦୃଢ଼ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦାବି

**ଭୁବନେଶ୍ୱର,୨୦।୩(ବ୍ୟୁରୋ)**

### କରୋନା ମୁକାବିଲା

- ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କଲେ ନବୀନ
- ପରୀକ୍ଷାକୁ ମାଗଣା କରିବାକୁ ନବୀନଙ୍କ ଅନୁରୋଧ
- କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ପ୍ରଶଂସା
- ମାସ୍କ, ସ୍ୱାସ୍ଥ୍ୟ ସାମଗ୍ରୀ ଯୋଗାଣ ଉପରେ ଗୁରୁତ୍ୱ
- ଏମ୍‌ଜିଏନ୍‌ଆର୍‌ଇଜିଏସ୍, ପିଏମ୍-କିଷାନରେ ସହାୟତା ମାଗିଲା ରାଜ୍ୟ

ଓଡ଼ିଶାରେ ୨ ଜଣଙ୍କ ଶରୀରରେ କରୋନା ପଜିଟିଭ୍ ଥିବା ଜଣାପଡିଲାଣି। ପ୍ରତିଦିନ ନମୁନା ପରୀକ୍ଷା କରାଯାଉଛି। ସଂକ୍ରମିତ ବ୍ୟକ୍ତିଙ୍କ ସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା କରାଯାଉଛି। ତେଣୁ ଏହାର ମୁକାବିଲା ପାଇଁ ଆବଶ୍ୟକ କେତେକ ମୌଳିକ ପ୍ରସଙ୍ଗ ଉପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। କରୋନା ମୁକାବିଲା ନିମନ୍ତେ ଉଦ୍ଦିଷ୍ଟ ଭିଡିଓ କନଫରେନ୍ସିଂ ବେଳେ ମୁଖ୍ୟମନ୍ତ୍ରୀ ଏହି ଦାବି ରଖିଛନ୍ତି। ନବୀନ କହିଛନ୍ତି ଯେ, କରୋନା ସମ୍ପର୍କିତ ପରୀକ୍ଷା ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦିଆଯାଉ। ଉଭୟ ସରକାରୀ ଏବଂ ଘରୋଇ ହସ୍ପିଟାଲସ୍ତରରେ ଏହି ବ୍ୟବସ୍ଥା ଉପଲବ୍ଧ କରାଯାଉ। ଏଥିସହିତ ଏହାକୁ ମାଗଣା କରାଯାଉ ବୋଲି ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି। ସ୍ୱାସ୍ଥ୍ୟ କର୍ମୀ/ଆବଶ୍ୟକ ବ୍ୟକ୍ତିବିଶେଷଙ୍କ ସୁରକ୍ଷା ପାଇଁ ମାସ୍କ ଏବଂ ବିପଜ୍ଜନକ ପରିସ୍ଥିତିରେ ଦରକାର ହେଉଥିବା ସ୍ୱାସ୍ଥ୍ୟ ସାମଗ୍ରୀ ଦେବା ପାଇଁ ରାଜ୍ୟ ପକ୍ଷରୁ ଦାବି କରାଯାଇଛି। ସେହିଭଳି ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଅଧୀନରେ ଶ୍ରମିକମାନଙ୍କୁ ଅନ୍ୟୂନ ୫୦ ଦିନର ମଜୁରି ଯୋଗାଇ ଦିଆଯାଉ। ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ହିତାଧିକାରୀମାନଙ୍କୁ ଆର୍ଥିକ ସହାୟତା ସହ ପିଏମ୍-କିଷାନ ଯୋଜନା ଅଧୀନରେ ଅତିରିକ୍ତ କିସ୍ତି ପ୍ରଦାନ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ କୁହାଯାଇଛି। ବିଭିନ୍ନ ବର୍ଗର ଲୋକମାନଙ୍କ ପାଇଁ ଆର୍ଥିକ ପ୍ୟାକେଜ୍ ଘୋଷଣା ଏବଂ ବିଶେଷଭାବେ ନିର୍ମାଣ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ନେଇ ପ୍ରସ୍ତାବ ଦିଆଯାଇଛି। ସେହିପରି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ଆଗୁଆ ଅର୍ଥ ପ୍ରଦାନ ନେଇ ପ୍ରସ୍ତାବ ରଖିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟ ସମ୍ପର୍କିତ ଦାବି ରଖିବା ସମୟରେ କରୋନା ମୁକାବିଲା ନେଇ ଭାରତ ସରକାର ନେଇଥିବା ବିଭିନ୍ନ ପଦକ୍ଷେପକୁ ପ୍ରଶଂସା ମଧ୍ୟ କରିଥିଲେ। ବିଶେଷକରି ଅନ୍ତର୍ଜାତୀୟ ବିମାନ ଉଡାଣ ଉପରେ ଲଗାଯାଇଥିବା କଟକଣା, ବିଦେଶରେ ରହୁଥିବା ଭାରତୀୟଙ୍କୁ ପ୍ରଭାବିତ ଅଞ୍ଚଳରୁ ଉଦ୍ଧାର ପାଇଁ ପଦକ୍ଷେପ ନେଇଥିବାରୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ସେହିଭଳି ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆର୍‌ଏଫ୍)କୁ ସଚଳ କରିଥିବାରୁ ମଧ୍ୟ କେନ୍ଦ୍ରକୁ ଧନ୍ୟବାଦ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।


କରୋନା କଟକଣା ଯୋଗୁ ଶ୍ରୀମନ୍ଦିର ବନ୍ଦ ଥିବାରୁ ଭକ୍ତମାନେ ଗୁମୁଟରେ ପୂଜା ପାଉଥିବା ପତିତପାବନଙ୍କୁ ଦର୍ଶନ କରୁଛନ୍ତି।

# ବନ୍ଦ ହେଲା ଭିନ୍ନକ୍ଷମ ଶିକ୍ଷାନୁଷ୍ଠାନ

- ମାର୍ଚ୍ଚ ୨୫ରୁ ଜୁନ ୩୦ ବନ୍ଦହେବ ଛାତ୍ରାବାସ
- ୩ ମାସ ଯାଏ ଆଗୁଆ ଖାଦ୍ୟ ସାମଗ୍ରୀ, ଯାତାୟାତ ଖର୍ଚ୍ଚ
- ଗାଁରେ ମିଳିବ ୪ ମାସର ଅଗ୍ରିମ ପେନସନ

**ଭୁବନେଶ୍ୱର,୨୦।୩ (ବ୍ୟୁରୋ):** କରୋନା (କୋଭିଡ-୧୯) ଭୂତାଣୁ ସଂକ୍ରମଣ ବଢ଼ି ଚାଲିଥିବା ବେଳେ ଏହାର ଭୟାବହତାକୁ ଦୃଷ୍ଟିରେ ରଖି ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଏଥିସହ ଭିନ୍ନକ୍ଷମଙ୍କ ପାଇଁ କାର୍ଯ୍ୟକରୁଥିବା ବିଭିନ୍ନ ଥେରାପି ସେଣ୍ଟରର ଛାତ୍ରାବାସ ଓ ଛାତ୍ରୀ ନିବାସଗୁଡିକୁ ମଧ୍ୟ ବନ୍ଦ କରିଦିଆଯାଇଛି। ଚଳିତ ମାସ ୨୫ରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ହଷ୍ଟେଲଗୁଡ଼ିକୁ ବନ୍ଦ କରାଯାଇଛି। ଏହାର ଅନ୍ତେବାସୀମାନଙ୍କୁ ଆସନ୍ତା ୩ ମାସ ପାଇଁ ଅଗ୍ରିମ ଖାଦ୍ୟପେୟ ଏବଂ ଯାତାୟାତ ଖର୍ଚ୍ଚ ପ୍ରଦାନ କରାଯିବ ବୋଲି ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଛନ୍ତି।

ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ ଓ ଥେରାପି ସେଣ୍ଟରଗୁଡିକର ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କୁ ଖାଦ୍ୟପେୟ ବାବଦରେ ମାସିକ ୧୨୦୦ଟଙ୍କା ପ୍ରଦାନ କରାଯାଇଥାଏ। ଆସନ୍ତା ୩ ମାସ ପର୍ଯ୍ୟନ୍ତ ସେମାନଙ୍କୁ ଆଗୁଆ ଅର୍ଥରାଶି ଦିଆଯିବ। ବିଭାଗ ପକ୍ଷରୁ ସାହାଯ୍ୟପ୍ରାପ୍ତ ୯୮ଟି ସ୍ୱତନ୍ତ୍ର ଆବାସିକ ଶିକ୍ଷାନୁଷ୍ଠାନ ଓ ୩୨ଟି ଥେରାପି ସେଣ୍ଟରର ଅନ୍ତେବାସୀମାନଙ୍କୁ ଏହି ଅର୍ଥରାଶି ପ୍ରଦାନ କରାଯିବ। ଆସନ୍ତା ୩ ମାସର ଖାଦ୍ୟପେୟ ଖର୍ଚ୍ଚ ଅନ୍ତେବାସୀଙ୍କ ମାତାପିତା କିମ୍ବା ଅଭିଭାବକମାନଙ୍କୁ ମିଳିବ। ସମ୍ପୃକ୍ତ ଶିକ୍ଷାନୁଷ୍ଠାନ ପକ୍ଷରୁ ସେମାନଙ୍କ ଆଧାର ତଥା ବ୍ୟାଙ୍କ ଖାତା ସମ୍ପର୍କିତ ସମସ୍ତ ତଥ୍ୟ ବିଭାଗରେ ଦାଖଲ କରାଯିବ। ଛାତ୍ରୀଛାତ୍ରଙ୍କୁ ତାଙ୍କ ଘରେ ପହଞ୍ଚାଇବା ପାଇଁ ଜଣେ ସହଯୋଗୀ ସହାୟତା ଦେବେ। ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ବିଦ୍ୟାର୍ଥୀ ଓ ତାଙ୍କ ସହଯୋଗୀଙ୍କ ଯାତାୟାତ ଖର୍ଚ୍ଚ ବାବଦରେ ୫୦୦ ଟଙ୍କା ପ୍ରଦାନ କରାଯିବ। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ବିଭାଗ ପକ୍ଷରୁ ବିଭିନ୍ନ ପେନସନ ପାଉଥିବା ହିତାଧିକାରୀମାନଙ୍କୁ ୪ ମାସର ପେନସନ ଆଗୁଆ ପ୍ରଦାନ କରାଯିବ। ମଧୁବାବୁ ପେନସନ ଯୋଜନା ସହିତ ସାମାଜିକ ସୁରକ୍ଷା ଅନ୍ତର୍ଗତ ହିତାଧିକାରୀମାନଙ୍କୁ ସିଧାସଳଖ ସେମାନଙ୍କ ଗ୍ରାମରେ ଭତ୍ତା ଟଙ୍କା ଦିଆଯିବ। ବିଭାଗୀୟ ସଚିବ ଭାସ୍କର ଜ୍ୟୋତି ଶର୍ମା ଏ ନେଇ ଜିଲାପାଳମାନଙ୍କୁ ଚିଠି ଲେଖି ଜଣାଇଛନ୍ତି। ଜିଲାପାଳଙ୍କ ତତ୍ତ୍ୱାବଧାନରେ ହିତାଧିକାରୀମାନଙ୍କୁ ଏପ୍ରିଲରୁ ଜୁଲାଇ ମାସ ପର୍ଯ୍ୟନ୍ତ ଆଗୁଆ ଭତ୍ତା ଦେବା ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ପରାମର୍ଶ ଦିଆଯାଇଛି।

# ୨୫ରୁ ସମସ୍ତ ଏସ୍‌ଟି, ଏସ୍‌ସି ହଷ୍ଟେଲ ବନ୍ଦ

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ):** କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ପ୍ରତିକାରମୂଳକ ବ୍ୟବସ୍ଥା ସ୍ୱରୂପ ରାଜ୍ୟର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅନ୍ତର୍ଗତ ସମସ୍ତ ହଷ୍ଟେଲକୁ ଆସନ୍ତା ୨୫ ତାରିଖରୁ ଜୁନ୍ ୧୫ ପର୍ଯ୍ୟନ୍ତ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ସମ୍ପ୍ରତି ଆବାସିକ ବିଦ୍ୟାଳୟଗୁଡ଼ିକରେ ପଢୁଥିବା ପ୍ରାୟ ୬ଲକ୍ଷ ଛାତ୍ରୀଛାତ୍ର ହଷ୍ଟେଲ ଖାଲି କରିବେ। ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟର ଯତ୍ନ ତଥା ଆନୁଷଙ୍ଗିକ ଖର୍ଚ୍ଚ ନିମନ୍ତେ ପ୍ରୋତ୍ସାହନ ରୂପେ ଆଗୁଆ ତିନି ମାସର ପ୍ରାକ୍ ମାଟ୍ରିକ୍ ବୃତ୍ତି ପ୍ରଦାନ କରାଯିବ। ଛାତ୍ରୀମାନଙ୍କୁ ୨୪୦୦ଟଙ୍କା ଓ ଛାତ୍ରମାନଙ୍କୁ ୨୨୫୦ଟଙ୍କା ହିସାବରେ ସହାୟତା ରାଶି ପ୍ରଦାନ କରାଯିବ। ଛାତ୍ରୀଛାତ୍ରଙ୍କ ମାତାପିତା କିମ୍ବା ଅଭିଭାବକମାନେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କଠାରୁ ଏହି ରାଶି ଗ୍ରହଣ କରିବେ। ଏହି ପଦକ୍ଷେପ ଦ୍ୱାରା ସମସ୍ତ ହଷ୍ଟେଲ ଯଥା ସେବାଶ୍ରମ, ଆଶ୍ରମ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, କଳିଙ୍ଗ ଆଦର୍ଶ ଆବାସିକ ବିଦ୍ୟାଳୟ, ବିଜୁ ପଟ୍ଟନାୟକ ଆଦର୍ଶ ବିଦ୍ୟାଳୟ, ଅନ୍ୱେଷା ଏବଂ ଏଜୁକେଶନ କମ୍ପ୍ଲେକ୍ସର ଅନ୍ତେବାସୀ ଛାତ୍ରୀଛାତ୍ରମାନେ ଲାଭାନ୍ୱିତ ହେବେ ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ପ୍ରକାଶ କରିଛନ୍ତି।

# ରେଷ୍ଟୁରାଣ୍ଟ, ବାର୍, କଫି ଶପ ବନ୍ଦ

### ଭିଡ କମାଇବାକୁ ସରକାରଙ୍କ ଉଦ୍ୟମ

- ରୋଟେଶନ ଭାବେ ଦିନେ ଛାଡି ଦିନେ ଚାଲିବ ଟ୍ୟାକ୍ସି, ଅଟୋ ରିକ୍ସା
- ଗାଁ ହାଟ, ଶପିଂ କମ୍ପ୍ଲେକ୍ସରେ ବିକ୍ରି ହେବ ଅତ୍ୟାବଶ୍ୟକ ସାମଗ୍ରୀ

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ):** କରୋନା (କୋଭିଡ୍-୧୯)ର କରାଳ ସଂକ୍ରମଣ ସମଗ୍ର ବିଶ୍ୱକୁ ଗ୍ରାସ କରି ଚାଲିଛି। ରାଜ୍ୟରେ ଶପିଂମଲଠାରୁ ଆରମ୍ଭ କରି ସନେମା ହଲ, ପାର୍କ, ସଭା ସମିତି, ସାମାଜିକ ମିଳାମିଶା ଇତ୍ୟାଦିକୁ ବନ୍ଦ କରି ସାରିବା ପରେ ଏବେ ରେଷ୍ଟୁରାଣ୍ଟ, ବାର, କଫି ଶପ ଏବଂ ଅଧିକ ସଂଖ୍ୟାରେ ଜମା ହେଉଥିବା ଫାଷ୍ଟଫୁଡ ଦୋକାନଗୁଡିକୁ ବନ୍ଦ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହି ସଂସ୍ଥାଗୁଡିକୁ ସରକାରଙ୍କ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବନ୍ଦ ରଖିବାକୁ କୁହାଯାଇଛି। ଏଥିସହିତ ରାଜ୍ୟରେ ଥିବା ସମସ୍ତ ବଡବଡ ହୋଟେଲ ଓ ଗେଷ୍ଟ ହାଉସଗୁଡିକରେ ଅତିଥିମାନଙ୍କ ମଧ୍ୟରେ ଅତି କମରେ ୨ ମିଟର ସୋସିଆଲ ଡିଷ୍ଟାନ୍ସ ବା ସାମାଜିକ ଦୂରତ୍ୱ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଅତିଥି ଏବଂ ଗ୍ରାହକମାନେ କିପରି ନିଜକୁ ପରସ୍ପରଠାରୁ ଦୂରେଇ ରଖିବେ ସେ ନେଇ ହୋଟେଲ ଏବଂ ରେଷ୍ଟୁରାଣ୍ଟଗୁଡିକ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି।

ଏଥିସହିତ ସହରଗୁଡିକରେ ଚଳାଚଳ କରୁଥିବା ଟ୍ୟାକ୍ସି, ଅଟୋ ରିକ୍ସା ଉପରେ ମଧ୍ୟ କଟକଣା ରଖାଯାଇଛି। ନୂଆଦିଲ୍ଲୀରେ ଲାଗୁ ହୋଇଥିବା ଅଡ୍ ଆଣ୍ଡ ଇଭିନ୍ ନମ୍ବର ଭଳି ଟ୍ୟାକ୍ସି ଏବଂ ଅଟୋ ରିକ୍ସାଗୁଡିକ ରୋଟେଶନ ବେସିସ୍‌ରେ ଦିନେ ଛାଡି ଦିନେ ଚଳାଚଳ କରିବେ। ସମ୍ପୃକ୍ତ ପୌରାଞ୍ଚଳ କର୍ତ୍ତୃପକ୍ଷମାନେ ଏହାକୁ ରେଗୁଲେଟ କରିବେ। ଏଥିସହିତ ହାଟ, ଗ୍ରାମାଞ୍ଚଳ ହାଟ, ଶପିଂ କମ୍ପ୍ଲେକ୍ସଗୁଡିକରେ କେବଳ ଖାଦ୍ୟ ସାମଗ୍ରୀ ଯଥା ତେଜରାତି, ପନିପରିବା, ମାଛ, ଚିକେନ, ମଟନ୍, ଅଣ୍ଡା ଏବଂ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ବିକ୍ରି ହେବ । ଗୋଟିଏ ଜାଗାରେ ୭ ଜଣରୁ ଅଧିକ ଲୋକ ଯେପରି ଏକାଠି ହୋଇ ନ ପାରିବେ ସେ ନେଇ ପଦକ୍ଷେପ ନେବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସମସ୍ତ ମହାନଗର ନିଗମ କମିଶନର, ପୋଲିସ କମିଶନର, ଜିଲାପାଳଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

# ୟୁନିୟନ ବ୍ୟାଙ୍କରେ ରହିବ ମହାପ୍ରଭୁଙ୍କ ଟଙ୍କା

**ପୁରୀ ଅଫିସ,୨୦।୩**

- ଟେଣ୍ଡର ପ୍ରକ୍ରିୟାରେ ହେଲା ନିଷ୍ପତ୍ତି
- ମିଳିବ ବାର୍ଷିକ ୫.୭୫ ପ୍ରତିଶତ ସୁଧ

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ (ୟୁବିଆଇ)ରେ ରହିବ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟଙ୍କା। ଶୁକ୍ରବାର ଟେଣ୍ଡର ପ୍ରକ୍ରିୟାରେ ଏହି ବ୍ୟାଙ୍କକୁ ଚୟନ କରାଯାଇଛି। ବାର୍ଷିକ ୫.୭୫ ପ୍ରତିଶତ ସୁଧ ହାରରେ ୩ ବର୍ଷ ପାଇଁ ୟୁନିୟନ ବ୍ୟାଙ୍କରେ ଶ୍ରୀମନ୍ଦିରର କର୍ପସ ଫଣ୍ଡ ଓ ଟେମ୍ପଲ ଫଣ୍ଡ ସ୍ଥାୟୀ ଜମା କରାଯିବ। କିନ୍ତୁ କେତେ ଟଙ୍କା ରଖାଯିବ ତାହା ସ୍ପଷ୍ଟ ହୋଇନାହିଁ। ତେବେ ଫାଉଣ୍ଡେଶନ ଫଣ୍ଡ୍ ୧୦୨ କୋଟି ଟଙ୍କା ଏସ୍‌ବିଆଇରେ ରହିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା ସୂଚନା ଦେଇଛନ୍ତି।

ଏ ସମ୍ପର୍କରେ ଉନ୍ନୟନ ପ୍ରଶାସକ କହିଛନ୍ତି, ଶ୍ରୀମନ୍ଦିରର କର୍ପସ ଫଣ୍ଡ ଏବଂ ଟେମ୍ପଲ ଫଣ୍ଡ ଜମା କରିବା ନେଇ ଗତ ବୁଧବାର ଟେଣ୍ଡର ଡକାଯାଇଥିଲା। ଏଥିରେ ଭାଗନେବା ପାଇଁ ୧୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କଠାରୁ କୋଟେଶନ ମଗାଯାଇଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟା କୋଟେଶନ ଦାଖଲର ଶେଷ ସମୟ ରହିଥିଲା। ଏହି ସମୟ ମଧ୍ୟରେ ୮ଟି ବ୍ୟାଙ୍କ (ଏସ୍‌ବିଆଇ, କାନାଡ଼ା, ୟୁବିଆଇ, ୟୁକୋ, ପଞ୍ଜାବ ନ୍ୟାଶନାଲ, ଆଲ୍ଲାହାବାଦ, ଇଣ୍ଡିଆନ ଓଭରସିଜ୍ ଏବଂ ଇଣ୍ଡିଆନ ବ୍ୟାଙ୍କ) ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଥିଲେ। କିନ୍ତୁ ୪ଟି ବ୍ୟାଙ୍କ (ୟୁନାଇଟେଡ, ବ୍ୟାଙ୍କ ଅଫ ବରୋଦା, ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ଓ ସିଣ୍ଡିକେଟ୍ ବ୍ୟାଙ୍କ) ବିଳମ୍ବରେ ସେମାନଙ୍କ କୋଟେଶନ ଦାଖଲ କରିଥିଲେ। ଟେଣ୍ଡର ଅବଧି ମଧ୍ୟରେ ୮ଟି ଏବଂ ବିଳମ୍ବରେ ୪ଟି ବ୍ୟାଙ୍କ ଭାଗ ନେଇଥିଲେ। ବିଳମ୍ବରେ ଭାଗ ନେଇଥିବା ୪ଟି ବ୍ୟାଙ୍କର କୋଟେଶନକୁ ବିଚାରକୁ ନିଆଯାଇ ନାହିଁ। ଏପରି କି ସେମାନଙ୍କ ଏନ୍‌ଭେଲପ୍ ଖୋଲାଯାଇ ନାହିଁ।

୮ଟି ବ୍ୟାଙ୍କ ମଧ୍ୟରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ବାର୍ଷିକ ସର୍ବାଧିକ ୫.୭୫ ପ୍ରତିଶତ ସୁଧ ଦେବାକୁ ରାଜି ହୋଇଥିବାବେଳେ ଦ୍ୱିତୀୟରେ ଇଣ୍ଡିଆନ ବ୍ୟାଙ୍କ ୫.୪୦ ପ୍ରତିଶତ ଏବଂ କାନାଡା ବ୍ୟାଙ୍କ ୫ ପ୍ରତିଶତ ସୁଧ ଦେବା ପାଇଁ ସମ୍ମତି ପ୍ରକାଶ କରିଥିଲେ। ମାତ୍ର ଶ୍ରୀମନ୍ଦିର ପରିଚାଳନା କମିଟିରେ ହୋଇଥିବା ନିଷ୍ପତ୍ତି ଏବଂ ରାଜ୍ୟ ସରକାରଙ୍କ ଅନୁମୋଦନ ଅନୁଯାୟୀ ପ୍ରଥମ ବ୍ୟାଙ୍କ ଯେତିକି ସୁଧ ଦେବ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିବା ବ୍ୟାଙ୍କକୁ ସେତିକି ସୁଧ ଦେବା ପାଇଁ କୁହାଯିବ। ଯଦି ସେମାନେ ରାଜି ନ ହେବେ ତେବେ ଗୋଟିଏ ବ୍ୟାଙ୍କରେ ହିଁ ସମସ୍ତ ଟଙ୍କା ରହିବ। ଇଣ୍ଡିଆନ ଏବଂ କାନାଡା ବ୍ୟାଙ୍କ ବାର୍ଷିକ ୫.୭୫ ପ୍ରତିଶତ ସୁଧ ଦେବାକୁ ରାଜି ନ ହେବାରୁ ସମସ୍ତ ଟଙ୍କା ୟୁନିୟନ ବ୍ୟାଙ୍କରେ ଜମା ରଖାଯିବ ବୋଲି ଉନ୍ନୟନ ପ୍ରଶାସକ କହିଛନ୍ତି। ୩ ବର୍ଷ ପାଇଁ ୟୁନିୟନ ବ୍ୟାଙ୍କରେ ମହାପ୍ରଭୁଙ୍କ କର୍ପସ ଫଣ୍ଡ ଏବଂ ଟେମ୍ପଲ ଫଣ୍ଡ ରଖାଯିବ। କିନ୍ତୁ କେତେ ଟଙ୍କା ରଖାଯିବ ତାହା ସ୍ଥିର ହୋଇ ନ ଥିବା ଉନ୍ନୟନ ପ୍ରଶାସକ ଜେନା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ୟୁନିୟନ ବ୍ୟାଙ୍କ ପୁରୀ ମୁଖ୍ୟ ଶାଖାର ଜେନେରାଲ ମ୍ୟାନେଜର ପ୍ରଶାନ୍ତ ସେନାପତି କହିଛନ୍ତି, ଟେଣ୍ଡରରେ ଆମେ ବାର୍ଷିକ ସର୍ବାଧିକ ୫.୭୫ ପ୍ରତିଶତ ବିଡିଂ ପକାଇଥିଲୁ। ତେଣୁ ୩ ବର୍ଷ ପାଇଁ ଶ୍ରୀମନ୍ଦିରର ୩୫୨ କୋଟି ଟଙ୍କା ଆମ ବ୍ୟାଙ୍କରେ ଜମା ରଖାଯିବ। ମହାପ୍ରଭୁଙ୍କ ଟଙ୍କା ୟୁନିୟନ ବ୍ୟାଙ୍କରେ ରଖାଯିବାକୁ ଆମ ମୁଖ୍ୟ କାର୍ଯ୍ୟାଳୟ ଓ ଆଞ୍ଚଳିକ କାର୍ଯ୍ୟାଳୟ ଅଧିକାରୀମାନେ ଚାହୁଁଥିଲେ। ତେଣୁ କେତେ ସୁଧ ଦିଆଯାଇପାରିବ ତାହା ସ୍ଥିର କରିଥିଲେ। ଏ ନେଇ ଯୋଗାଯୋଗରେ ଥିଲୁ, ଟେଣ୍ଡର ଆମକୁ ହିଁ ମିଳିଲା।

ସୂଚନାଥାଉ କି, ଗତ କିଛିଦିନ ଧରି ମହପ୍ରଭୁଙ୍କ ଟଙ୍କାକୁ ନେଇ ବେଶ୍ ହୋ ହଲ୍ଲା ଚାଲିଥିଲା। ୟେସ୍ ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ିବା ପରେ ଟଙ୍କା ଫେରିବ କି ନାହିଁ ତାକୁ ନେଇ ଆଶଙ୍କା ଉପୁଜିଥିଲା। ୟେସ୍ ବ୍ୟାଙ୍କରୁ ଅର୍ଥ ଉଠାଣ ଉପରେ ଆର୍‌ବିଆଇ ଜାରି କରିଥିବା କଟକଣାକୁ ବୁଧବାର ଉଠାଇ ନେବା ପରେ ଗୁରୁବାର ୟେସ୍ ବ୍ୟାଙ୍କରୁ ଇ-ଟ୍ରାନ୍ସଫର ମାଧ୍ୟମରେ ୩୯୭ କୋଟି ୨୩ଲକ୍ଷ ୨୭ ହଜାର ୬୩୬ ଟଙ୍କା ପୁରୀ ଏସ୍‌ବିଆଇ ମୁଖ୍ୟ ଶାଖାରେ ଥିବା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରିଥିଲା।

# କରୋନା ସକାଶେ ଆଜି ସବୁ ପୌରାଞ୍ଚଳ ୱାର୍ଡରେ ବୈଠକ

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ):** ସହରାଞ୍ଚଳ ଲୋକଙ୍କୁ କରୋନା ସଂକ୍ରାନ୍ତରେ ସଚେତନ କରିବା ପାଇଁ ଶନିବାର ସବୁ ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡରେ ବୈଠକ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ରାଜ୍ୟ ସରକାର ସମସ୍ତ ମହାନଗର ନିଗମ ଏବଂ ପୌରସଂସ୍ଥାଗୁଡିକୁ ଶୁକ୍ରବାର ଚିଠି ଲେଖିଛନ୍ତି। ଏ ବାବଦରେ ଗୃହ ଓ ନଗର ଉନ୍ନୟନ ବିଭାଗ ତରଫରୁ ପଠାଯାଇଥିବା ନିର୍ଦ୍ଦେଶନାମା ଅନୁଯାୟୀ, ଶନିବାର ପୂର୍ବାହ୍ନ ୧୦ଟାରେ ୱାର୍ଡ ଅଫିସରମାନେ ନିଜ ଅଞ୍ଚଳରେ ବୈଠକ ଡାକିବେ। ବୈଠକରେ ପୂର୍ବତନ ଏବଂ ବର୍ତ୍ତମାନର କର୍ପୋରେଟର ଏବଂ କାଉନ୍ସିଲରମାନେ ଯୋଗଦେବା ସହିତ ସାଧାରଣ ଲୋକମାନେ ସାମିଲ ହୋଇ ନିଜ ନିଜର ମତାମତ ରଖିପାରିବେ। ଯଦି ଲୋକ ସଂଖ୍ୟା ଅଧିକ ହୁଏ, ତେବେ ସେମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରାଯାଇ ଆଲୋଚନା କରିବାକୁ କୁହାଯାଇଛି। ରାଜ୍ୟ ସରକାର ଜାରି କରିଥିବା ନିର୍ଦ୍ଦେଶାବଳୀକୁ ୱାର୍ଡ ଅଫିସରମାନେ ସମସ୍ତଙ୍କୁ ଜଣାଇବେ। କରୋନା ସଚେତନତା ନେଇ ପୌରସଂସ୍ଥା ସହିତ ସାଧାରଣ ଲୋକମାନଙ୍କୁ ଯେପରି ଜଡିତ କରାଯାଇପାରିବ ସେନେଇ ମଧ୍ୟ ବୈଠକରେ ସୂଚନା ଦିଆଯିବ। ସୁରୁଖୁରୁରେ ବୈଠକ କରିବାକୁ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଏ ସମ୍ପର୍କିତ ଏକ ମାର୍ଗଦର୍ଶିକା ପଠାଯାଇଛି।

## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

#### ମହିଳାଙ୍କୁ ଅସଦାଚରଣ ଘଟଣା

**ଦାରିଙ୍ଗବାଡ଼ି,୨୦।୩(ଡି.ଏନ.ଏ):** ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ଗତ ୨୦୧୯ରୁ ଫେରାରଥିବା ଜଣେ ଅଭିଯୁକ୍ତକୁ ପୋଲିସ ଗିରଫ କରି କୋର୍ଟଚାଲଣ କରିଛି। ସେ ହେଲେ ସିମନବାଡ଼ି ଗ୍ରାମର କୃପାକର ମୁଖି। ୨୦୧୯ ସେପ୍ଟେମ୍ବର ୧୬ରେ ଉକ୍ତ ଥାନା କିରିକୁଟି ପଞ୍ଚାୟତ ବାଇମାଲା ଗ୍ରାମରେ ଶାଶୁ ବୋହୁ ଘରେ ଏକାକୀ ଥିଲେ। ଏହାର ସୁଯୋଗ ନେଇ କୃପାକର ମାଟିକାଛ ଭାଙ୍ଗି ଘରେ ପଶି ସେମାନଙ୍କୁ ଅସଦାଚରଣ ଉଦ୍ୟମ କରିକରିବା ସହ ମାରଣାସ୍ତ୍ର ଦେଖାଇ ୭୦ ହଜାର ଟଙ୍କା ଲୁଟ୍ କରିଥିଲେ। ପରେ ଶାଶୁ ନିବାଜିନୀ ଦିଗାଳ ଏବଂ ବୋହୁ ଶିଳା ଜଣେ ଅଭିଯୁକ୍ତଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କ ସହ ଧସ୍ତାଧସ୍ତିବେଳେ ସେ ମୋବାଇଲ ଛାଡ଼ି ପଳାଇଥିଲେ। ମୋବାଇଲକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଘଟଣା ପରଠାରୁ ସେ ଫେରାର ହୋଇଯାଇଥିଲେ। ଏବେ ଗ୍ରାମକୁ ଆସିଥିବା ଖବର ପାଇ ଗିରଫ କରାଯାଇଥିବା ଆଇଆଇସି କୌଶିକ ମାଝୀ ସୂଚନା ଦେଇଛନ୍ତି।

### ମିଥ୍ୟା ପ୍ରଚାର କରି ଯୁବକ ଗିରଫ

**ମୋହନା,୨୦।୩(ଡି.ଏନ.ଏ.):** କରୋନାର ମିଥ୍ୟା ପ୍ରଚାର କରିଥିବା ଅଭିଯୋଗରେ ମୋହନା ପୋଲିସ ମାମଲା ନଂ.୨୨/୨୦ ଅନୁଯାୟୀ ଜଣେ ଯୁବକଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ମୋହନା ଥାନା ମଳାସପଦର ଗ୍ରାମର ସୂର୍ଯ୍ୟ ପ୍ରଧାନ। ସୂର୍ଯ୍ୟ ଏକ ଫେସବୁକ୍ ଆକାଉଣ୍ଟ ଖୋଲି ବେତାରସିଂର ଜନୈକ ବ୍ୟକ୍ତିଙ୍କ ନାଁରେ କରୋନା ସଂକ୍ରମିତ ହୋଇଥିବା ପ୍ରଚାର କରି ଗ୍ରାମରେ ଆତଙ୍କ ସୃଷ୍ଟି କରିଥିଲେ। ଏହା ଜାଣି ତହସିଲଦାର ସଂଘମିତ୍ରା ଦେବୀ ଓ ଆଇଆଇସି ସୁଜିତ କୁମାର ନାୟକ ତଦନ୍ତ କରି ଏହା ମିଥ୍ୟା ପ୍ରମାଣିତ କରି ପ୍ରଧାନଙ୍କୁ ଗିରଫ କରିଥିବା ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

### ସାନଖେମୁଣ୍ଡିରେ କୁଆପଥର ବୃଷ୍ଟି

**ପାଟପୁର,୨୦।୩:** ସାନଖେମୁଣ୍ଡି ବ୍ଲକ ଅଞ୍ଚଳରେ ଶୁକ୍ରବାର ପ୍ରବଳ ବର୍ଷା ହୋଇଥିବା ବେଳେ କେତେକ ସ୍ଥାନରେ କୁଆ ପଥର ବୃଷ୍ଟି ହୋଇଛି। ଏହା ଦ୍ୱାରା ବହୁ ଲୋକଙ୍କ ଘର, ଗୁହାଳ ଛପର ନଷ୍ଟ ହେବା ସହ ପନିପରିବା ଓ ବିଭିନ୍ନ ଚାଷ କ୍ଷତିଗ୍ରସ୍ତ ହୋଇଥିବା ଜୀଉରା ଗ୍ରାମର ପବନା ସାହୁ, କୈଳାଶ ସାହୁ, ଦିବାକର ସାହୁ, ସୁରେନ୍ଦ୍ର ସାହୁ ପ୍ରମୁଖ କହିଛନ୍ତି। ପାଟପୁର ପାଣ୍ଡା ଛକ ଓ ଏରେଣ୍ଡ୍ର, କଙ୍କୋରଡା ମେଡିକାଲ ଛକ ନିକଟରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ରାସ୍ତାରେ ବର୍ଷା ଜଳ ନିଷ୍କାସନ ନ ହୋଇ ଜମା ହୋଇଥିବା ଦେଖିବାକୁ ମିଳିଛି। ସେହିପରି ପାଟପୁର, ଜୀଉରା, ଗଙ୍ଗାପୁର,ଏରେଣ୍ଡ୍ର, ଖଲିଙ୍ଗି, ଆଡ଼ପଡା ଆଦି ଅଞ୍ଚଳରେ ମଧ ଘଡଘଡି ସହ ବର୍ଷା ହୋଇଛି। ବର୍ଷା ପବନ ଯୋଗୁ ବିଦ୍ୟୁତ୍ ସେବା ପ୍ରଭାବିତ ହୋଇଛି।

### କରୋନା ସତର୍କତା ଧାର୍ମିକ ଅନୁଷ୍ଠାନଗୁଡ଼ିକରେ ଲାଗିଲା କଟକଣା

**ଜି.ଉଦୟଗିରି,୨୦।୩(ଡି.ଏନ.ଏ.):** ଜି.ଉଦୟଗିରି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ସ୍ଥାନୀୟ ପ୍ରଶାସନ ତରଫରୁ ବିଭିନ୍ନ ମନ୍ଦିର, ମସ୍‌ଜିଦ ଓ ଚର୍ଚ୍ଚର କର୍ମକର୍ତ୍ତାମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବ ସାଧାରଣଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି । ଧାର୍ମିକ ଅନୁଷ୍ଠାନଗୁଡ଼ିକ ନିଜର ଧାର୍ମିକ ନୀତି ପାଳନ କରିବେ କିନ୍ତୁ ଶ୍ରଦ୍ଧାଳୁମାନଙ୍କୁ ପ୍ରବେଶ ପାଇଁ ଅନୁମତି ଦେବେ ନାହିଁ। କନ୍ଧମାଳ ଜିଲାର ଦଣ୍ଡନୃତ୍ୟ ଉପରେ ମଧ କଟକଣା ଲଗାଯାଇଛି। ୫ ଜଣରୁ ଅଧିକ ଲୋକ ନ ରହିବା ପାଇଁ କୁହାଯାଇଛି । ମେଡ଼ିକାଲ ଅଫିସର ଡା. ଶଶିକାନ୍ତ ମଲିକ କରୋନା ସମ୍ପର୍କରେ ସଚେତନ କରିଥିଲେ । ବୈଠକରେ ସ୍ଥାନୀୟ ତହସିଲଦାର ବିଚିତ୍ରାନନ୍ଦ ନାୟକ, ବିଡିଓ ଶାନ୍ତନୁ କୁମାର ନାୟକ, ପୋଲିସ ଏସ୍‌ଡିପିଓ ଜୟକୃଷ୍ଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ବାଟିମୁଣ୍ଡାରେ ଉତ୍କଟ ହେଉଛି ପାନୀୟଜଳ ସମସ୍ୟା

**ଫୁଲବାଣୀ ଅଫିସ,୨୦।୩**

- ଖରାଦିନ ଆସୁଥିବାରୁ ଚିନ୍ତାରେ ଅଞ୍ଚଳବାସୀ
- ୧୨ବର୍ଷ ହେଲା ପ୍ରକଳ୍ପ ଅଚଳ

କନ୍ଧମାଳ ଜିଲା ପିରିଙ୍ଗିଆ ବ୍ଲକର ବହୁ ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡିଛି। ଲୋକେ ଦୂଷିତ ଚୁଆ, ପୋଖରୀ ପାଣି ବ୍ୟବହାର କରୁଛନ୍ତି। ବ୍ଲକର ଦୁର୍ଗମ ଅଞ୍ଚଳ ବାଲନ୍ଦାପଡା ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ୨୦୦୭ରେ ନିର୍ମାଣ ହୋଇଥିବା ପାନୀୟ ଜଳ ପ୍ରକଳ୍ପରୁ ଲୋକେ ଉପକୃତ ହେଉ ନାହାନ୍ତି। ଦୀର୍ଘ ୧୨ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। ଆଗକୁ ଖରାଦିନ ଆସୁଥିବାରୁ ପାଣି ସମସ୍ୟା ଉତ୍କର ହେବା ନେଇ ଚିନ୍ତାରେ ଅଞ୍ଚଳବାସୀ।

ବାଲନ୍ଦାଡାରେ ପ୍ରଥମେ ଏକ ପାନୀୟଜଳ ପ୍ରକଳ୍ପ ହୋଇଥିଲା। ତାହା କାର୍ଯ୍ୟକ୍ଷମ ନ ହେବାରୁ ବାଟିମୁଣ୍ଡାରେ ଆଉ ଗୋଟିଏ ପ୍ରକଳ୍ପ ହୋଇଥିଲା। ଗ୍ରାମ ଗୁଡିକୁ ପାଇପ ମଧ ବିଛା ଯାଇଥିଲା। ମାତ୍ର ମୋଟର ନ ଚାଲିବାରୁ ଅଚଳ ହୋଇଗଲା। ବିଦ୍ୟୁତ୍ ସମସ୍ୟା ଯୋଗୁ ମୋଟର ଚାଲିଲା ନାହିଁ। ଦୀର୍ଘ ଦିନ ଧରି ତାହା ପଡିରହିବାରୁ ଖରାପ ହୋଇଗଲା। ଆଜି ପର୍ଯ୍ୟନ୍ତ ଭାଗ୍ୟକୁ ଆଦରି ବାଟିମୁଣ୍ଡା ଗ୍ରାମର ହରିଜନ ସାହି, ଗଦେଇପଦର, ବଣିଆ ସାହି, ବାଲନ୍ଦାପଡା, ବାଲିଆପଡା ଆଦି ଗ୍ରାମର ପାଖାପାଖି ୬୦୦ ପରିବାର ନାଳ, ଚୂଆ, ପୋଖରୀ ପାଣି ଆଣି ପିଉଛନ୍ତି। ବାଟିମୁଣ୍ଡାରେ ୩ ନଳକୂପ ଥିବାବେଳେ ଗୋଟିଏରୁ ପାଣି ବାହାରୁଛି। ତାହାପୁଣି ଗୋଟିଏ ବାଲ୍‌ଟି ଭରିବାକୁ ଘଣ୍ଟାଏ ଲାଗୁଛି। ତାହା ପୁଣି ଆଇରନ ମିଶ୍ରିତ ନାଲି ପାଣି। ଯାହା ପିଇବା ଯୋଗ୍ୟ ନୁହେଁ। ଯେଉଁ ପୋଖରୀ ରହିଛି ତାହା ଏବେ ଶୁଖି ଗଲାଣି।

ବାଲନ୍ଦାପଡା ସରପଞ୍ଚ ପ୍ରଦୀପ ନାୟକ କୁହନ୍ତି, ୨୦୦୭ରେ ପ୍ରକଳ୍ପ ହେବା ପରଠୁ ଅଚଳ। ଏନେଇ ବିଡିଓ, ବିଭାଗୀୟ ଅଧିକାରୀଙ୍କୁ ବହୁବାର ଜଣାଇଛୁ, ସେମାନେ ଆସି ଦେଖି ଯାଉଛନ୍ତି। ହେଲେ ସମସ୍ୟା ସମାଧାନ ହେଉନି। ଷ୍ଟାଣ୍ଡପୋଷ୍ଟ କରାଯାଇଛି। ପାଣି ଦିଆଯିବ ବୋଲି ସେତବେଳେ କୁହାଗଲା। ଆମେ ବହୁତ ଖୁସି ହୋଇଥିଲୁ। ହେଲେ ପୂର୍ବରୁ ଆମର ଯୋଉ ଅବସ୍ଥା ଥିଲା ଏବେ ସେହିପରି ବୋଲି ବାଟିମୁଣ୍ଡା ୧୨ ନଂ. ୱାର୍ଡ ମେମ୍ବର ଗଙ୍ଗାଧର ନାୟକ, ତ୍ରୀତୟା ନାୟକ, ଯଶୋଦା ନାୟକ, ଚିତରଞ୍ଜନ ନାୟକ, ମେଘନାଥ ନାୟକ ପ୍ରମୁଖ ପ୍ରକାଶ କରିଛନ୍ତି। ବ୍ଲକ ଉପାଧକ୍ଷା ସସ୍ମିତା ଦିଗାଲ ମଧ ଅନୁରୁପ ଅଭିଯୋଗ ଆଣିଛନ୍ତି।

ଏ ନେଇ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଯନ୍ତ୍ରୀ ସାମ୍ବାରିଆ ବେହେରାଙ୍କୁ ପଚାରିବାରୁ ସେଠାରେ ବିଦ୍ୟୁତ୍ ସମସ୍ୟା ରହିଛି। ଲୋକଙ୍କୁ ପାଣି ଯୋଗାଣ ପାଇଁ ଯେଉଁ ପାଇପ ପକା ଯାଇଥିଲା ସେଥିରେ ପାଣି ଛାଡିଲା ବେଳକୁ ତାହା ଫାଟି ଯାଉଛି। ଏବେ ଅନ୍ୟ ଜଣେ ଠିକାଦାରଙ୍କୁ କୁହାଯାଇଛି କାମ ସମାପ୍ତ କରିବା ପାଇଁ। କାମରେ କ'ଣ ଅଗ୍ରଗତି ହୋଇଛି ନିର୍ବାହୀ ଯନ୍ତ୍ରୀଙ୍କୁ ପଚାରି କହିବି ବୋଲି କହିଛନ୍ତି।

# ଜନସାଧାରଣଙ୍କ ସହଯୋଗ ଲୋଡ଼ିଲା ପ୍ରଶାସନ




ବୈଠକରେ ଉପସ୍ଥିତ ଅଧିକାରୀ ବୃନ୍ଦ।

**ରାଇକିଆ,୨୦।୩(ଡ଼ି.ଏନ୍.ଏ.)**

**କରୋନା ମୁକାବିଲା**

ରାଇକିଆରେ କରୋନା ସମ୍ପର୍କିତ ଏକ ଶୁକ୍ରବାର ବୈଠକ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଶାସନ ତରଫରୁ ନିଆ ଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା ସହ ରାଜ୍ୟ ସରକାରଙ୍କ ତରଫରୁ ଜାରି ନିର୍ଦ୍ଦେଶନାମା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଆଗକୁ ସାମ୍ଭାବ୍ୟ ପରିସ୍ଥିତି ସମ୍ପର୍କରେ ସୂଚନା ଦିଆଯିବା ସହ ଏହାର ମୁକାବିଲା ପାଇଁ ଜନ ସାଧାରଣଙ୍କ ସହଯୋଗ ଲୋଡ଼ାଯାଇଥିଲା। ବିଶେଷ କରି ଜାରି କରାଯାଉଥିବା ବିଭିନ୍ନ କଟକଣା ପାଳନ ବେଳେ ତାହାକୁ ମାନି ଚଳିବା, ଅଟୋ , ବସରେ ଆବଶ୍ୟକ ଠାରୁ ଅଧିକ ଯାତ୍ରା ନକରିବା, ଅଯଥା ଭିଡ଼ ନକରି ଦୂରତା ବଜାୟ ରଖିବା, ରାଜ୍ୟ କିମ୍ବା ଦେଶ ବାହାରୁ ଆସୁଥିବା ଲୋକଙ୍କୁ ବୁଝାଇ ହୋମ ଆଇସୋଲେସନରେ ରଖିବା ପାଇଁ ଗ୍ରାମବାସୀଙ୍କ ଠାରୁ ଆରମ୍ଭ କରି ଲୋକ ପ୍ରତିନିଧି ମାନଙ୍କ ସହଯୋଗ କାମନା କରାଯାଇଥିଲା। ବୈଠକରେ ବିଭିନ୍ନ ଧର୍ମୀୟ ସଙ୍ଗଠନ, ବ୍ୟବସାୟୀ ସଂଘ, ପୂଜା କମିଟି, ନାଗରିକ ମଞ୍ଚ, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷ ସାମିଲ ହୋଇ ମତାମତ ରଖିଥିଲେ। ବିଡ଼ିଓ ପ୍ରବୀଣ ବାଣୁଆ, ବ୍ଲକ ଅଧକ୍ଷା ମାନିନୀ ପ୍ରଧାନ, ତହସିଲଦାର ଶାରଦା କାନ୍ତି ଦଳେଇ, ଥାନା ଅଧିକାରୀ ଅଲେଖ ଗରଡ଼ିଆଙ୍କ ସମେତ ବିଭିନ୍ନ ବିଭାଗରୁ ଆସିଥିବା ଅଧିକାରୀ ଉପସ୍ଥିତ ଥିଲେ।

# ୧୪୪ ଜାରି ସତ୍ତ୍ୱେ ଖୋଲିଲା ସାପ୍ତାହିକ ହାଟ



ପୋଲିସ ପହଞ୍ଚି ହାଟ ବନ୍ଦ କରୁଛି।

**ଖଜୁରିପଡ଼ା (ଡି.ଏନ.ଏ.)/ ବଲସକୁମ୍ପା,୨୦।୩**

କନ୍ଧମାଳ ଜିଲାରେ ୧୪୪ ଧାରା ଜାରି କରାଯାଇଛି। ହେଲେ ଖଜୁରିପଡ଼ା ବ୍ଲକ ବଲସକୁମ୍ପା ସାପ୍ତାହିକ ହାଟରେ ଶୁକ୍ରବାର ଏହି ଧାରାକୁ ବେଖାତିର କରୁଥିବା ଦେଖିବାକୁ ମିଳିଥିଲା। ଏହି ହାଟରେ ବହୁ ଲୋକଙ୍କ ଭିଡ଼ ଜମୁଥିବାରୁ ଏହାକୁ ବନ୍ଦ ପାଇଁ ବ୍ୟବସାୟୀମାନଙ୍କୁ ରାଜସ୍ୱ ନିରୀକ୍ଷକ ପୁରନାଥ ମଲ୍ଲିକ କହିଥିଲେ। କିନ୍ତୁ କୌଣସି ବ୍ୟବସାୟୀ ତାଙ୍କ କଥା ନ ଶୁଣି ହାଟ ଖୋଲିଥିଲେ। ଏ ନେଇ ଖଜୁରିପଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ରମାକାନ୍ତ ପାତ୍ରଙ୍କୁ ଟେଲିଫୋନ ମାଧମରେ ମଲ୍ଲିକ ଅଭିଯୋଗ କରିଥିବା କହିଥିଲେ। ପୋଲିସ ବାହିନୀ ଏବଂ ଏସ୍‌ଆଇ ଉଦ୍ଧବ ଯାନୀ ଆସି ଗହଳି ଥିବା ହାଟକୁ ବନ୍ଦ କରିଥିଲେ। ସେହିପରି ଆଡ଼ାସିପଡ଼ା ପଞ୍ଚାୟତ ଅଧୀନ କାବର ଗ୍ରାମରେ ଅନୁଗୋଳ ଜିଲାର ଯାଯାବର ଶବରି ରହି ବିଭିନ୍ନ କାମଧନ୍ଦା କରି ଚଳୁଛନ୍ତି। କିନ୍ତୁ ଅନ୍ୟ ଜିଲାରୁ ଆସିଥିବା ଏହି ୧୫ ରୁ ୨୦ ପରିବାର ଲୋକ ଏକତ୍ର ରହୁଥିଲେ ସୁଦ୍ଧା ଏମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇନାହିଁ ବୋଲି ଯାଯାବର ପ୍ରକାଶ କରିଥିଲେ।

# ମନ୍ଦିର, ପର୍ଯ୍ୟଟନ କେନ୍ଦ୍ରରେ ଜନସମାଗମକୁ ନିଷେଧ

**ବୁଗୁଡ଼ା,୨୦।୩(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଅନ୍ତର୍ଗତ ୩ ପର୍ଯ୍ୟଟନ କେନ୍ଦ୍ର ଏବଂ ବିଭିନ୍ନ ମନ୍ଦିରରେ ଭକ୍ତମାନଙ୍କ ସମାଗମକୁ ପ୍ରଶାସନ ପକ୍ଷରୁ ନିଷେଧ କରାଯାଇଛି। ବ୍ଲକର ପ୍ରସିଦ୍ଧ ଶୈବପୀଠ ବୁଦ୍ଧଖୋଲରେ କରୋନା ଲାଗି କୌଣସି ପ୍ରକାର ବଣଭୋଜି, ବିବାହ ବ୍ରତ ଆଦି କାର୍ଯ୍ୟକ୍ରମକୁ ଶୁକ୍ରବାର ବୁଦ୍ଧଖୋଲ ଉନ୍ନୟନ ସମିତି ପକ୍ଷରୁ ବିଜ୍ଞାପନ ମାଧମରେ କଟକଣା ଲଗାଯାଇଛି। ସେହିପରି ଅନ୍ତରପଡ଼ାସ୍ଥିତ ମା' ଶାଙ୍କୁଳେଇ ପୀଠ ଏବଂ ବୁଗୁଡ଼ାରେ ଥିବା ଶ୍ରୀ ବିରଞ୍ଚି ନାରାୟଣ ମନ୍ଦିର ଆଦି ପର୍ଯ୍ୟଟନ କେନ୍ଦ୍ରରେ ଭକ୍ତମାନଙ୍କ ଭିଡ଼କୁ ତହସିଲ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ଏଥିସହ ବୁଗୁଡ଼ା ବ୍ଲକର ବିଭିନ୍ନ ମନ୍ଦିରରେ ଦର୍ଶନ ପାଇଁ ଭକ୍ତଙ୍କ ସମାଗମକୁ କଟକଣା କରାଯାଇଛି। ଚଳିତ ମାସ ଶେଷ ସପ୍ତାହଠାରୁ ବୁଗୁଡ଼ା ଓ ଆଖପାଖ ଅଞ୍ଚଳରେ ହେଉଥିବା ଦଣ୍ଡଯାତ୍ରାକୁ ସିମିତ ରଖିବା ସହ ନାଚକୁ ବନ୍ଦ କରିବାକୁ ତହସିଲ ପ୍ରଶାସନ ସୂଚନା ମିଳିଛି। କେବଳ ବିଭିନ୍ନ ମନ୍ଦିରରେ ନୀତି ଅନୁସାରେ ଠାକୁରମାନଙ୍କ ପୂଜାର୍ଚ୍ଚନା ଚାଲିବ ବୋଲି କହ୍ଯାଯାଇଛି। ବ୍ଲକ ଅନ୍ତର୍ଗତ ବିଭିନ୍ନ ଦଣ୍ଡଯାତ୍ରା କମିଟିର କର୍ମକର୍ତ୍ତାମାନେ ଲିଖିତ ଆକାରରେ ସ୍ଥାନୀୟ ତହସିଲଦାରଙ୍କୁ ଦଣ୍ଡଯାତ୍ରା କରିବାକୁ ଅନୁରୋଧ କରିଥିବା ବେଳେ କେବଳ ପରମ୍ପରାକୁ ବଜାୟ ରଖିବାକୁ ଦଣ୍ଡୁଆଙ୍କୁ ନେଇ ମା'ଙ୍କ ଯାତ୍ରା କରିବାକୁ ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ଜେନା ସୂଚନା ଦେଇଥିଲେ।

# କାଶିନିପଦରରେ ବସିଲା ମୋବାଇଲ ଟାୱାର



ମେଶିନ ଗୃହରେ ସରପଞ୍ଚ ଏବଂ ଟେଲିକମ୍ ଯନ୍ତ୍ରୀ।

**ଫିରିଙ୍ଗିଆ, ୨୦।୩**

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ କାଶିନିପଦର ଗ୍ରାମବାସୀଙ୍କ ବହୁ ଦିନର ଆଶା ପୂରଣ ହୋଇଛି। ଶୁକ୍ରବାର ପଞ୍ଚାୟତ ଅଫିସ ପାଖରେ ବିଏସ୍‌ଏନ୍‌ଏଲ ପକ୍ଷରୁ ଏକ ୨ଜି ଟାୱାର ବସା ଯାଇଛି। ଏହି ଟାୱାର ୩ କିମି ମଧରେ କାର୍ଯ୍ୟ କରିବ। ଏକାବେଳେ ୨୦୦ ଲୋକେ କଥା ହୋଇପାରିବେ ବୋଲି ବିଏସ୍‌ଏନ୍‌ଲ ଜିଲା ଟେଲିକମ୍ ଇଞ୍ଜିନିୟର ସୁରେଶ କୁମାର ସାହୁ ସୂଚନା ଦେଇଛନ୍ତି। ଆମେ ଏକ ପ୍ରକାର ବିଚ୍ଛିନ ହୋଇ ରହୁଥିଲୁ କହିଲେ ଚଳେ। ଏବେ ଆମଣ ଦାବି ପୁରଣ ହୋଇଛି। ୧୦୮ ଆମ୍ବୁଲାନ୍ସ ହେଉକି ଅଗ୍ନିଶମ ବିଭାଗ ଆମେ ତତ୍‌କ୍ଷଣାତ ଯୋଗାଯୋଗ କରିପାରିବୁ ବୋଲି ସରପଞ୍ଚ ଜଳନ୍ଧର କହଁର ପ୍ରକାଶ କରିଛନ୍ତି।

# ଚାକିରି କରାଇଦେବା ନାଁରେ ଠକେଇ, ଜଣେ ଗିରଫ

**ଗୋପାଳପୁର,୨୦।୩**



ଗିରଫ ଅଭିଯୁକ୍ତ।

ଚାକିରି କରାଇଦେବା ନାଁରେ ଜଣେ ଯୁବକଙ୍କଠାରୁ ଟଙ୍କା ଠକି ନେଇଥିବା ଅଭିଯୋଗରେ ଗୋପାଳପୁର ପୋଲିସ ଶୁକ୍ରବାର ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମାଣ୍ଡିଆପଲ୍ଲୀ ଗ୍ରାମର ପ୍ରକାଶ ଚନ୍ଦ୍ର ଦାଶ। ଏ ନେଇ ପୋଲିସ ନଂ ୪୧/୨୦ରେ ମାମଲା ରୁଜୁ କରି ପ୍ରକାଶଙ୍କୁ ପଚରାଉଚରା ଚଳାଇଛି। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଗଞ୍ଜାମ ଜିଲା ଛତ୍ରପୁର ଅଞ୍ଚଳର ଏସ. ସୀମାଞ୍ଚଳ ରେଡ୍ଡୀଙ୍କ କିଛି ମାସ ତଳେ ପ୍ରକାଶଙ୍କ ସହ ସାକ୍ଷାତ ହୋଇଥିଲା। ପ୍ରକାଶ ସୀମାଞ୍ଚଳଙ୍କୁ ସୈନ୍ୟ ବାହିନୀରେ ଚାକିରି କରାଇ ଦେବି ବୋଲି କହିଥିଲେ। ଆଗାମୀ ଦିନରେ ସୈନ୍ୟ ବାହିନୀରେ ଏଲଡିସି (ଲୋୟର ଡିଭିଜନ କ୍ଲର୍କ) ପଦବୀ ପାଇଁ ନିଯୁକ୍ତି ବିଜ୍ଞପ୍ତି ବାହାରିବ ବୋଲି ସେ କହିଥିଲେ। ତାଙ୍କ କଥା ଶୁଣି ଗତ ଜାନୁୟାରୀ ୨୦ ତାରିଖରେ ସୀମାଞ୍ଚଳ ପ୍ରକାଶଙ୍କ ବ୍ୟାଙ୍କ ଖାତାରେ ୬୦ ହଜାର ଟଙ୍କା ଡିପୋଜିଟ କରିଥିଲେ। ପରବର୍ତ୍ତୀ ସମୟରେ ସୀମାଞ୍ଚଳ ଠକାମିର ଶିକାର ହୋଇଥିବା ଜାଣି ପ୍ରକାଶଙ୍କୁ ଉକ୍ତ ଟଙ୍କା ମାଗିଥିଲେ। ତେବେ ପ୍ରକାଶ ଟଙ୍କା ଫେରସ୍ତ ନ କରି ଦିନ ଗଡ଼ାଇ ଚାଲିଥିଲେ। ଶେଷରେ ସୀମାଞ୍ଚଳ ନିରାଶ ହୋଇ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଅଗ୍ନିବିପନ୍ନ ପରିବାରଙ୍କୁ ସହାୟତା

**ଦିଗପହଣ୍ଡି,୨୦।୩(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ତଲାସିଙ୍ଗୀ ଗ୍ରାମର ୨ ଅଗ୍ନିବିପନ୍ନ ପରିବାରଙ୍କୁ ଶୁକ୍ରବାର ସରକାରୀ ସହାୟତା ପ୍ରଦାନ କରାଯାଇଛି। ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ, କୈଠଖଣ୍ଡି ସର୍କଲର ରାଜସ୍ୱ ନିରୀକ୍ଷକ ଫକୀର ମୋହନ ରାଉତ ତଲାସିଙ୍ଗି ଗ୍ରାମରେ ପହଞ୍ଚି ଅଗ୍ନି ବିପନ୍ନ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଥିଲେ। ତଲାସିଙ୍ଗି ଗ୍ରାମରେ ଗତ ଗୁରୁବାର ବିଦ୍ୟୁତ୍ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ ଘଟି ଲକ୍ଷ୍ମୀ ମହାନ୍ତି ଓ ସ୍ୱପ୍ନା ଗୌଡ଼ଙ୍କ ୩ ବଖରା ଜଳିଯାଇଥିଲା। ଦିଗପହଣ୍ଡି ଦମକଳ କେନ୍ଦ୍ରର ଗାର୍ଡ ଇନଚାର୍ଜ ବଳରାମ ବେହେରାଙ୍କ ନେତୃତ୍ୱରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଆସବାବପତ୍ର ଭସ୍ମୀଭୂତ ହୋଇଥିବା ଜଣାପଡିଛି।

# ଅଦିନିଆ ବର୍ଷାରେ ଫସଲ ନଷ୍ଟ

**କନିଷି,୨୦।୩(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକ ଅଞ୍ଚଳରେ ଗୁରୁବାର ଅପରାହ୍ନରେ ହୋଇଥିବା ଅଦିନିଆ ବର୍ଷା ପବନରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଗୋଳନ୍ଥରା, ରଣ୍ଡା, ଶାସନପଦର ଆଦି ଗ୍ରାମରେ କୁଆପଥର ସହ ବର୍ଷା ହେବା ଯୋଗୁ ମୁଗ, ରାଶି, ଟମାଟୋ, ବାଇଗଣ, ଭେଣ୍ଡି, ଅଲଡ଼ି ଫସଲ କ୍ଷତି ହୋଇଛି। ଚାଷୀମାନେ ଧାର କରଜ କରି ଫସଲ କରିଛନ୍ତି। ଥରକୁ ଥର ଏଭଳି ବିପତ୍ତି ଆସୁଥିବାରୁ ଋଣ ପରିଶୋଧ କରିବାରେ ସମସ୍ୟା ଉପୁଜୁଛି। ତେଣୁ ବିଭାଗୀୟ ଅଧିକାରୀ ତୁରନ୍ତ ଫସଲ କ୍ଷୟକ୍ଷତିର ତଦନ୍ତ କରି ସରକାରୀ ସହାୟତା ପାଇଁ ଚାଷୀମାନେ ଦାବି କରିଛନ୍ତି।

# ବିଦ୍ୟୁତ୍ ଖୁଣ୍ଟ ସହ, ଟ୍ରାନ୍ସଫର୍ମର ଭାଙ୍ଗିଲା

**ଦାରିଙ୍ଗବାଡ଼ି,୨୦।୩(ଡି.ଏନ.ଏ)**



ରୁତୁଙ୍ଗିଆ ପଞ୍ଚାୟତର ଟ୍ରାନ୍ସଫର୍ମର ତଳେ ପଡିଛି।



ଭାଙ୍ଗି ଯାଇଥିବା ଘର।

**ବର୍ଷା, କୁଆପଥରେ ମାଡ଼ରେ ଦାରିଙ୍ଗବାଡ଼ି ବେହାଲ**

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଗୁରୁବାର ସନ୍ଧ୍ୟାରେ ହୋଇଥିବା ଝଡ଼ବର୍ଷା ଓ କୁଆପଥର ମାଡରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଡବଡ କୁଆପଥର ପଡି ଆଜବେଷ୍ଟସ୍ ଭାଙ୍ଗି ଯିବାରୁ ଘରେ ପାଣି ପଶିଯାଇଥିଲା। ଦାରିଙ୍ଗବାଡ଼ି ସମେତ ସିମନବାଡ଼ି, କିରିକୁଟି, ତିଲୋରୀ, ସହ ସବୁଠାରୁ ଅଧିକା ଶ୍ରୀନିକେତା ପଞ୍ଚାୟତର ଶ୍ରୀନିକେତା, ଦଣ୍ଡିମା, ସୁଲୁମାହା, ଡବୁଲୁମାହା ଆଦି ଅଞ୍ଚଳରେ କ୍ଷତି ହୋଇଛି। କ୍ଷତିଗ୍ରସ୍ତ ଲୋକେ ସ୍ଥାନୀୟ ଆର୍‌ଆଇଙ୍କୁ ଅଭିଯୋଗ କରିଥିଲେ। ଦାରିଙ୍ଗବାଡ଼ି ପୋଲିସ ଗୁରୁବାର ସନ୍ଧ୍ୟାରେ ବୁଲି ସ୍ଥିତି ଅନୁଧ୍ୟାନ କରିଥିବାବେଳେ ଶୁକ୍ରବାର ତହସିଲଦାର ନିତୀଶ ତ୍ରିପାଠୀ, ବିଡିଓ ମାତାରାମ ଲେୟାଙ୍ଗି ପ୍ରମୁଖ କ୍ଷତିଗ୍ରସ୍ଥ ଅଞ୍ଚଳ ବୁଲି ଦେଖିଛନ୍ତି। ଛପର ଉଡିଥିବା ଏବଂ ଆଜବେଷ୍ଟସ୍ ଭାଙ୍ଗିଥିବା ପରିବାରକୁ ପଲିଥିନ ଯୋଗାଇ ଦିଆଯାଉଥିବା ତହସିଲଦାର ତ୍ରିପାଠୀ ସୁଚନା ଦେଇଛନ୍ତି। ଗୁରୁବାର ମଧରାତ୍ରରେ ମଧ ପବନ ସହ ଘଡ଼ଘଡ଼ି ହେବା ଯୋଗୁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯିବା ସହ ରୁତୁଙ୍ଗିଆରେ ଟ୍ରାନ୍ସଫର୍ମର ବସିଥିବା ଖୁଣ୍ଟ ତଳେ ପଡ଼ି ଯାଇଛି। ପ୍ରାୟ ୨୦ ଘଣ୍ଟାରୁ ଉର୍ଦ୍ଧ୍ୱ ହେଲା ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହୋଇନାହିଁ। ଫଳରେ ୧୦ରୁ ଉର୍ଦ୍ଧ୍ୱ ପଞ୍ଚାୟତ ଲୋକେ ଅନ୍ଧାରରେ ରହିଛନ୍ତି। ବିଦ୍ୟୁତ୍ କର୍ମଚାରୀ ମରାମତି କାମ ସକାଳୁ ଚାଲୁ ରଖିଥିଲେ ମଧ ସନ୍ଧ୍ୟା ସୁଦ୍ଧା ଅଳ୍ପକେତେକ ପଞ୍ଚାୟତକୁ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇଛି। ଅନ୍ୟସବୁ ଅଞ୍ଚଳରେ କାମ ଚାଲିଥିବା କର୍ମଚାରୀ ଦିଲୀପ କୁମାର ସାହୁ ସୂଚନା ଦେଇଛନ୍ତି।

ଭାରତୀୟ ରିଜର୍ଭ ବ୍ୟାଙ୍କ
RESERVE BANK OF INDIA
www.rbi.org.in

2 ବର୍ଷିୟ ଓ 3 ବର୍ଷିୟ ରାଜ୍ୟ ସରକାର ପ୍ରତିଭୂତି ନିଲାମୀ

ଓଡ଼ିଶା ରାଜ୍ୟ ସରକାର ସର୍ବମୋଟ୍ ₹2000 କୋଟି ଟଙ୍କା (ଅଙ୍କିତ ମୂଲ୍ୟ) ର ପ୍ରତିଭୂମି ନିଲାମ ପ୍ରକ୍ରିୟାରେ ବିକ୍ରି କରିବାର ପ୍ରସ୍ତାବ କରିଅଛନ୍ତି।

ଏକାଧିକ ମୂଲ୍ୟ ଫର୍ମାଟ୍ ଅନ୍ତର୍ଗତ ପ୍ରତିଫଳ (yield) ଏହି ନିଲାମ ଭାରତୀୟ ରିଜର୍ଭ ବ୍ୟାଙ୍କର କୋର ବ୍ୟାଙ୍କିଂ ସମାଧାନ (ଇ-କୁବେର) ମାଧମରେ 23 ମାର୍ଚ୍ଚ 2020 (ସୋମବାର) ଦିନ ଆୟୋଜନ କରାଯିବ।

ଅଧିକ ସୂଚନା ପାଇଁ, ଭାରତୀୟ ରିଜର୍ଭ ବ୍ୟାଙ୍କର ୱେବ୍‌ସାଇଟ୍ (www.rbi.org.in) ରେ 19 ମାର୍ଚ୍ଚ 2020 (ଗୁରୁବାର) ରେ ପ୍ରକାଶିତ ଆରବିଆଇ ପ୍ରେସ୍ ବିଜ୍ଞପ୍ତି ଦେଖନ୍ତୁ।

"ଇ-ମେଲ୍/ ଏସ୍‌ଏମ୍‌ଏସ୍/ ଟେଲିଫୋନ୍ ମାଧମରେ ଅର୍ଥ ପ୍ରାପ୍ତିର ପ୍ରସ୍ତାବ ପାଇଁ ଠକାମିରେ ପଡ଼ନ୍ତୁ ନାହିଁ।"

FORM No. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A. No. 93/2019

State Bank of India, SARB, Bhubaneswar ...Applicant
Versus
Bikram Keshari Pradhan ...Defendant(s)

To,
**Bikram Keshari Pradhan,** Plot No.: 58/83 (B), Road No.: 3, Gangotree Nagar, Near Sisupalgarh, Bhubaneswar, Pin- 751002

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No. 93/2019** in the Court of the Debts of Recovery Tribunal, Cuttack for recovery of **Rs.45,74,219/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **23.04.2020 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **17th day of March 2020.**

Sd/- (M.K. Patnaik)
REGISTRAR

## ସଂକ୍ଷେପରେ

### ବଳାତ୍କାରୀଙ୍କୁ ୭ବର୍ଷ କାରାଦଣ୍ଡ

ବାଲିଗୁଡା,୨୦।୩(ଡି.ଏନ.ଏ.)- ବାଲିଗୁଡା ସହକାରୀ ଦୌରାଜଜ୍ ଡ. ସଂଘମିତ୍ରା ଦାସ ଶୁକ୍ରବାର ଏକ ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୭ବର୍ଷ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ସୁନେଶ ମୁଖୀ। ପ୍ରକାଶ ଯେ, ୨୦୧୫ ଜୁନ୍ ୧୫ରେ ମା'ଙ୍କ ଦେହ ଖରାପ ଥିବାରୁ ପୀଡିତା ମହିଳା ଶାଶୁଘରୁ ବାପଘରକୁ ଯାଉଥିଲେ। ନିଛାଟିଆ ରାସ୍ତା ଓ ଏକୁଟିଆର ସୁଯୋଗ ନେଇ ସୁନେଖା ବଳାତ୍କାର କରିବା ସହ ଏନେଇ କାହାକୁ କହିଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ପୀଡିତା ମହିଳା ବାଲିଗୁଡା ଥାନାରେ ଅଭିଯୋଗ କରିଥିଲେ। ବାଲିଗୁଡା ପୋଲିସ ନଂ.୭୮/୧୫ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ଉକ୍ତ ମାମଲାର ବିଚାର କରି ବିଚାରପତି ଦାସ ୭ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ପିପି ଶୁଧାଂଶୁ ମୋହନ ପତି ମାମଲା ପରିଚାଳନା କରିଥିଲେ।

### ଆଡ଼ପଡା ମେଡିକାଲରେ ଥଣ୍ଡା ଆକ୍ରାନ୍ତଙ୍କ ଲମ୍ଵା ଧାଡ଼ି

ପାଟପୁର,୨୦।୩-ଥଣ୍ଡା, କାଶ, ଜ୍ୱର କରୋନାର ଲକ୍ଷଣ ବୋଲି ପ୍ରଚାରିତ ହେବା ପରେ ସାନଖେମୁଣ୍ଡି ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ଏଥିପାଇଁ ଆଡ଼ପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ୨୦୦ରୁ ଉର୍ଦ୍ଧ୍ୱ ଥଣ୍ଡା, ଜ୍ୱର ବା କାଶ ହେଉଥିବା ରୋଗୀମାନଙ୍କ ଲମ୍ଵା ଧାଡ଼ିରେ ଛିଡାହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଏ ସମ୍ପର୍କରେ ଆଡ଼ପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ତପନ କୁମାର ମଲ୍ଲଙ୍କୁ ପଚାରିବାରୁ ଥଣ୍ଡା ରୋଗୀଙ୍କର ଆବଶ୍ୟକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ସେମାନେ କିଭଳି ସତର୍କତା ଅବଲମ୍ବନ କରିବା ଦରକାର ସେ ନେଇ ସଚେତନ କରାଯାଉଛି। ଏଥିସହିତ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ ଉପକେନ୍ଦ୍ରରେ ଜନ ସଚେତନତା ସୃଷ୍ଟି କରାଯାଉଛି ଏବଂ ଡାକବାଜି ଯନ୍ତ୍ର ମାଧ୍ୟମରେ ସାନଖେମୁଣ୍ଡି ଅଞ୍ଚଳରେ ଲୋକଙ୍କୁ କରୋନା ସଚେତନତା କରାଯାଉଥିବା ଡ.ମଲ୍ଲ କହିଛନ୍ତି।

### ଜନତା କର୍ଫ୍ୟୁ ଆହ୍ୱାନକୁ ସଫଳ କରିବାକୁ ନିବେଦନ

ଧରାକୋଟ,୨୦।୩(ଡି.ଏନ.ଏ.)- ଆସନ୍ତା ୨୨ ତାରିଖ ସକାଳ ୭ରୁ ରାତି ୯ଟା ପର୍ଯ୍ୟନ୍ତ ଜନତା କର୍ଫ୍ୟୁ ପାଳନ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି। କରୋନାକୁ ନ ଡରି ଲଢ଼େଇ ଜାରି ରଖିବାକୁ ଏହି କର୍ଫ୍ୟୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ସହଯୋଗ କରିବାକୁ ଧରାକୋଟ ବଡ଼ଦାଣ୍ଡ ସାହି ତଥା ସାନଖେମୁଣ୍ଡି ଅଞ୍ଚଳର ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା ସଂଯୋଜକ ଇଂ. ପ୍ରଦୀପ କୁମାର ପତ୍ରୀ ସାମାଜିକ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏଥିସହ ପ୍ରଶାସନିକ ଅଧିକାରୀମାନଙ୍କୁ ମଧ ଏ ସମ୍ପର୍କରେ କହିଛନ୍ତି ଯେ, ଯେଉଁ ଜାଗାରେ ଅତ୍ୟଧିକ ଗହଳି ହେଉଛି, ଯଥା ବ୍ୟାଙ୍କ, ବ୍ଲକ ଅଫିସ, ତହସିଲ, ଥାନାରେ ସତର୍କତା ଅବଲମ୍ବନ କରନ୍ତୁ। ୬୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧା ବୃଦ୍ଧ ଓ ଏକ ବର୍ଷରୁ ୧୦ ବର୍ଷର ଛୋଟ ପିଲାମାନଙ୍କୁ ଘରୁ ବାହାରକୁ ନ ଯିବା ପାଇଁ ପରାମର୍ଶ ଦେଇଛନ୍ତି। ଏଥିସହ ଜିଲାପାଳ ଏହା ଉପରେ ଅଧିକ ସତର୍କତା ପଦକ୍ଷେପ ନେବା ପାଇଁ ନିବେଦନ କରିଛନ୍ତି। କିଛି ଦିନ ସତର୍କତା ଅବଲମ୍ବନ କଲେ ଆମେ କରୋନାକୁ ବିନାଶ କରିବା ବୋଲି ଗଣମାଧ୍ୟମ ଆଗରେ ଯୁବନେତା ବିବୃତି ରଖିଥିଲେ।

### ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ଦିଗପହଣ୍ଡି,୨୦।୩(ଡି.ଏନ.ଏ.)-ଦିଗପହଣ୍ଡି ଅଞ୍ଚଳ କଲୋନୀ କେନାଲ ସାହିରେ ରହୁଥିବା ସ୍ୱାଗତ ପଣ୍ଡାଙ୍କ ଘର କବାଟ ଭାଙ୍ଗି ଦୁର୍ବୃତ୍ତମାନେ ସୁନା, ରୁପା ଅଳଙ୍କାର, ୪୦ ହଜାର ଟଙ୍କା ଓ ଅନ୍ୟ ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ପଣ୍ଡାଙ୍କ ଏତଲା କ୍ରମେ ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ ନଂ.୬୨/୨୦ରେ ମାମଲା ରୁଜୁ କରି ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ପ୍ରକାଶ ଯେ, ସ୍ୱାଗତ ଗତ ୪ ଦିନ ହେଲା ଘରେ ତାଲା ପକାଇ ବ୍ରହ୍ମପୁର ସମ୍ପର୍କୀୟଙ୍କ ଘରେ ରହୁଥିଲେ। ଏହାର ସୁଯୋଗ ନେଇ ଗୁରୁବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ କବାଟ ଭାଙ୍ଗି ପ୍ରାୟ ୮୦ ହଜାର ଟଙ୍କା ମୂଲ୍ୟର ୨ ଭରି ଓଜନର ସୁନାଚେନ, କିଛି ରୁପା ଅଳଙ୍କାର, କ୍ୟାମେରା, ସିଡୀ ପ୍ଲେୟାର, ହେଡ ଫୋନ୍, ୨୫ଟି ନୂଆ ଶାଢ଼ି, ଜରୁରୀ କାଗଜପତ୍ର ଓ ଟଙ୍କା ଲୁଟି ନେଇଥିଲେ। ଶୁକ୍ରବାର ସକାଳେ ସ୍ୱାଗତ ଘରକୁ ଫେରିବା ପରେ ଲୁଟ ହୋଇଥିବା ଜାଣି ଥାନାରେ ଜଣାଇଥିଲେ।

# ଖାମଖିଆଲ ମନୋଭାବ ଆଣିବ ବିପଦ

**■ଦୋକାନ ଖୋଲିଥିବାରୁ ୩ ବ୍ୟବସାୟୀଙ୍କୁ ନୋଟିସ**
**■ବିଗୁଡୁଛି ଦିନ ମଜୁରିଆ, କ୍ଷୁଦ୍ର ବ୍ୟବସାୟୀଙ୍କ ଆର୍ଥିକ ସ୍ଥିତି**

ଭଞ୍ଜନଗର,୨୦।୩(ଡି.ଏନ୍.ଏ.): କରୋନା ଭୂତାଣୁ ପାଇଁ ସର୍ବସାଧାରଣରେ ୭ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏକାଠି ହେବା ଉପରେ ପ୍ରତିବନ୍ଧକ ଲଗାଯାଇଛି। କିନ୍ତୁ ଭଞ୍ଜନଗର ଅଞ୍ଚଳର କେତେକ ସ୍ଥାନରେ ଏହାକୁ ଲୋକେ ମାନୁନାହାନ୍ତି। ମାଛ ବଜାର, ଗାଈ ଫାର୍ମକୁ ଯିବାବେଳେ ସେଠାରେ ଭିଡ ଜମୁଛି। ସରକାର ଭିଡ ନ ଜମାଇବାକୁ ଦୋକାନ ବଜାର ବନ୍ଦ କରିବା ସହ ବହୁ ପଦକ୍ଷେପ ନେଉଥିବାବେଳେ ଏଠାରେ କିନ୍ତୁ ନଜର ନାହିଁ। ଯାହାକି ବଡ ବିପଦ ଡାକି ଆଣିବ। ଏନେଇ ଶୁକ୍ରବାର ପ୍ରଶାସନ ପାଖରେ ଖବର ପହଞ୍ଚିବାପରେ ଚଢାଉ କରାଯାଇ ମାଛ ବଜାର ବନ୍ଦ କରି ଦିଆଯାଇଛି। ଅପରପକ୍ଷେ ନିତ୍ୟ ବ୍ୟବହାର ଜିନିଷ ରହୁଥିବା ଦୋକାନ ଖୋଲା ରହିଛି।

କଟକଣା ଯୋଗୁ ଅନେକ ଗରିବ ଲୋକେ ଏବେ କାମଧନ୍ଦା ନପାଇ ଘରେ ବସିଛନ୍ତି। ଫଳରେ ଆର୍ଥିକ ସ୍ଥିତି ଖରାପ ହେଉଛି। ଆଗକୁ ଏହିଭଳି ପ୍ରତିବନ୍ଧକ ରହିଲେ ଅବସ୍ଥା ଜଟିଳ ହୋଇପଡ଼ିବ। ଲୋକେ ସଚେତନ ହୋଇ ନିଜେ ବଞ୍ଚିବା ସହ ଅନ୍ୟକୁ ବଞ୍ଚିବା ପାଇଁ ରାସ୍ତା ତିଆରି କରିବାକୁ ପଡ଼ିବ। ଶୁକ୍ରବାର କରୋନା ସମୀକ୍ଷା ବୈଠକରେ ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଅଧ୍ୟକ୍ଷତା କରି ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଏହାପରେ ସନ୍ଧ୍ୟାରେ ଭଞ୍ଜନଗର ଅଞ୍ଚଳରେ ବେନିୟମ ଭାବେ ଖୋଲିଥିବା କିଛି ଦୋକାନୀଙ୍କ ବିରୋଧରେ ପ୍ରଶାସନ କଡ଼ା ଆଭିମୁଖ୍ୟ ଆପଣାଇ ୩ ଜଣ ବ୍ୟବସାୟୀଙ୍କୁ ନୋଟିସ ପଠାଇଛନ୍ତି। ଏଥିପ୍ରତି ନଜର ରଖିବାକୁ ୩ଟି ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ଶୁକ୍ରବାର ସନ୍ଧ୍ୟାରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ବିଭିନ୍ନ ସ୍ଥାନରେ ୭ଜଣରୁ ଉର୍ଦ୍ଧ୍ୱ ଲୋକେ ଅସୁରକ୍ଷିତ ଭାବେ ଏକାଠି ହେବାକୁ ବାରଣ କରାଯାଇଥିବାବେଳେ କେତକ ସ୍ଥାନରେ ରାସ୍ତା କାମ ଚାଲିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ ପଦାଧିକାରୀ ଆସି କାମର ମାନ ପରୀକ୍ଷା କରୁଛନ୍ତି। ଏହି ସମୟରେ ଶ୍ରମିକଙ୍କ ଠାରୁ ଆରମ୍ଭ କରି ଯନ୍ତ୍ରୀ ଓ ଅନ୍ୟମାନେ ଏହିଭଳି ୧୦ରୁ ଉର୍ଦ୍ଧ୍ୱ ଲୋକ ଗୋଟିଏ ସ୍ଥାନରେ ଏକାଠି ହେଉଛନ୍ତି। ଏନେଇ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବାର ଆବଶ୍ୟକତା ରହିଛି।

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ କର୍ମଚାରୀ ତଥା ଦିବ୍ୟାଙ୍ଗ ଗଣେଷ ସିଂ ନିଜ ବାଇକ୍‌ରେ ୨ଦିନ ହେବ ଲୋକଙ୍କୁ କରୋନା ଭୂତାଣୁ ସମ୍ପର୍କରେ ସଚେତନ କରୁଛନ୍ତି।

ପ୍ରକାଶଯେ କରୋନା ଭୂତାଣୁକୁ ନିୟନ୍ତ୍ରଣ କିଭଳି କରାଯିବ ସେନେଇ ସମଗ୍ର ପୃଥିବୀରେ ପ୍ରସ୍ତୁତି ଚାଲିଛି। କିନ୍ତୁ ଅଧିକାଂଶ ଲୋକଙ୍କ ଖାମଖିଆଲ ମନୋଭାବ ଯୋଗୁ ଏହି ଭୂତାଣୁ କାୟା ବିସ୍ତାର କରିବାରେ ଲାଗିଛି। ତଥାପି କିଛି ଲୋକ ସଚେତନ ନହେବା ଚିନ୍ତାଜନକ ବିଷୟ। ଏହିଭଳି ପରିସ୍ଥିତିରେ ପ୍ରଶାସନ କଡ଼ା ଆଭିମୁଖ୍ୟ ନ ଅପଣାଇଲେ ପରିସ୍ଥିତି ଜଟିଳ ହେବ।



ଗଣେଶ ଲୋକଙ୍କୁ ସଚେତନତା କରାଉଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାତ ନ ଅଣ୍ଟେ ଗୁଡ଼ା ଲୁଣକୁ**
**ଘଇତା ପାଇଛି କୋଉ ଗୁଣକୁ ।**

ଘରର ମୁଖ୍ୟ ବୋଲାଉଥିବା ଗୃହସ୍ୱାମୀ ଉପରେ ପରିବାରର ଭରଣପୋଷଣ ଦାୟିତ୍ୱ ନ୍ୟସ୍ତ ଥାଏ। ଯେତେବେଳେ ଘରର ମୁଖ୍ୟ ଅଯୋଗ୍ୟ ଓ ଅପାରଗ ହୋଇଯାଏ ସେତେବେଳେ ଘରର ଆର୍ଥିକ ସ୍ଥିତି ବିଗିଡ଼ିଯିବାକୁ ବେଶି ଡେରି ଲାଗି ନ ଥାଏ। ସାଧାରଣତଃ ସ୍ୱାମୀ ଉପରେ ସ୍ତ୍ରୀ ନିର୍ଭରଶୀଳ। ସ୍ୱାମୀ ତା'ର ବଳ ଓ ସାହାଭରସା। ପରନ୍ତୁ ସ୍ୱାମୀ ଯଦି ଅଯୋଗ୍ୟ ହୁଏ ତା'ହେଲେ ସ୍ତ୍ରୀର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଏ। ସ୍ତ୍ରୀକୁ ପୋଷି ପାରୁ ନ ଥିବା ବ୍ୟକ୍ତି ସ୍ୱାମୀପଣକୁ ଯୋଗ୍ୟ ହେଉ ନ ଥିବା ସ୍ଥଳେ ଭରଣପୋଷଣ କରି ପାରୁ ନ ଥିବା ଅପାରଗ ସ୍ୱାମୀ ପ୍ରତି ଏଭଳି କ୍ଷଭୋକ୍ତି ପ୍ରକାଶ କରାଯାଇଛି।

**ଭେଲ ମିଶା ସୁନା ବାରିବ ଯେ**
**ବଣିଆଙ୍କ ଭେଦ ପାଇବ ସେ ।**

ସୁନାରି ବଣିଆ ଅଳଙ୍କାର ଗଢ଼ିଥାନ୍ତି। ଅଳଙ୍କାର ଗଢ଼ିବା ସମୟରେ ସୁନାରେ କିଛି ପରିମାଣର ଖାଦ ମିଶାଇଥାନ୍ତି। ଯାହାର ଭେଦ ବା ଟେର୍ ପାଇବା ସାଧାରଣ ଲୋକଙ୍କ ପକ୍ଷେ ଅତୀବ କଷ୍ଟକର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ

# ବ୍ୟବସାୟ ପ୍ରତିଷ୍ଠାନକୁ ଜରିମାନା

## ଆସିକା ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ



ପଞ୍ଚାୟତ ସମିତି ସ୍ୱତନ୍ତ୍ର ବୈଠକରେ ମଞ୍ଚାସୀନ ଅତିଥି ।

ଆସିକା,୨୦।୩ (ଡି.ଏନ୍.ଏ.) ଆସିକା ବ୍ଲକ୍ ସଭା ଗୃହରେ ଶୁକ୍ରବାର କରୋନା ମୁକାବିଲା ନେଇ ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ୍ ଅଧ୍ୟକ୍ଷ ହରେକୃଷ୍ଣ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆସିକା ଏମ୍.ପି. ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଚିନିଶିଳ୍ପ ପରିଚାଳନା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ବେହେରା, ତହସିଲଦାର୍ ସଦାନନ୍ଦ ସେଠୀ, ବିଡିଓ ପ୍ରଦୀପ କୁମାର ପଣ୍ଡା, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ, ସିଡିପିଓ ଭାରତୀ ମହାପାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର ନିର୍ବାଚିତ ପ୍ରତିନିଧି ସାମିଲ୍ ଥିଲେ। ଆସିକାରେ ଶନିବାର ଓ ରବିବାର ହେବାକୁ ଥିବା ବାରୁଣୀସ୍ନାନ ଓ ଚଳିତ ମାସ ୨୭ ଓ ୨୮ରେ ହେବାକୁ ଥିବା ରାଜମା ଯାତ୍ରା ସାଙ୍ଗକୁ ଖମ୍ବେଶ୍ୱରୀଙ୍କ ଚୈତ୍ର ଯାତ୍ରା ଇଲାକାରେ ୧୪୪ ଧାରା ଜାରି କରାଯାଇ ଏହାକୁ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଥିବା ସୂଚନା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ବିଭିନ୍ନ ହିତାଧିକାରୀଙ୍କୁ ଭତ୍ତା, ଖାଦ୍ୟ ସାମଗ୍ରୀ ଓ ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ଆସୁଥିବା ଶିଶୁଙ୍କୁ ଶୁଖିଲା ଖାଦ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଲାଗି କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଅପରପକ୍ଷେ ଆସିକା ସହରାଞ୍ଚଳରେ ପ୍ରଶାସନର ନିର୍ଦ୍ଦେଶକୁ ବେଖାତିର କରି ବ୍ୟବସାୟ ପ୍ରତିଷ୍ଠାନ ଖୋଲିଥିବା ୬ଜଣ ବ୍ୟବସାୟୀଙ୍କ ପ୍ରତିଷ୍ଠାନ ଉପରେ ଏନ୍ଏସି ପକ୍ଷରୁ ଚଢାଉ କରାଯାଇଥିଲା। ସମ୍ପୃକ୍ତ ଦୋକାନ ମାଲିକଙ୍କୁ ୩ ହଜାର ଟଙ୍କା ଲେଖାଏ ମୋଟ ୧୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା ସୂଚନା ଦେଇଛନ୍ତି।

### ଚେନ୍ନାଇ ଫେରନ୍ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର

ଗଞ୍ଜାମ,୨୦।୩(ଡି.ଏନ.ଏ.) ବର୍ତ୍ତମାନ ବିଶ୍ୱରେ କରୋନା ଆତଙ୍କ ଦେଖାଦେଇଛି। ଏଥିପାଇଁ ବିଦେଶରୁ ଆସୁଥିବା ବ୍ୟକ୍ତିଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ନିୟମ ଜାରି ହୋଇଛି। ଚେନାଇରୁ ଆସିଥିବା ଜଣେ ବ୍ୟକ୍ତି ଗଞ୍ଜାମ ସହରରେ ଥିବା ନିଜ ସମ୍ପର୍କୀୟ ଘରକୁ ଶୁକ୍ରବାର ଆସିଥିଲେ। ତାଙ୍କୁ ଶ୍ୱାସ ରୋଗ ସହ କାଶ ହେଉଥିବା ଖବର ପ୍ରଚାରିତ ପରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। କୌଣସି ସୂତ୍ରରୁ ଗଞ୍ଜାମ ତହସିଲଦାର ଅବନୀ କୁମାର ସାହୁ ଉକ୍ତ ସାହିରେ ପହଞ୍ଚି ଉକ୍ତ ବ୍ୟକ୍ତିଙ୍କୁ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଚିକିତ୍ସା ପରେ ଡାକ୍ତର ବ୍ରହ୍ମପୁର ପଠାଇଥିଲେ। ତାଙ୍କୁ ଏକ ସ୍ୱତନ୍ତ୍ର ଗାଡିରେ ବ୍ରହ୍ମପୁର ମେଡିକାଲ ନିଆଯାଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି।

# ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା ଲାଗି ବିଡିଓଙ୍କୁ ଦାବିପତ୍ର



ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ବେଗୁନିଆପଡ଼ା,୨୦।୩(ଡି.ଏନ.ଏ.)- ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିରେ ଶୁକ୍ରବାର ଜଗତସିଂହପୁର ଜିଲା ବାଲିକୁଦା ବ୍ଲକର ସତ୍ୟବ୍ରତ ଦାସ ବେଗୁନିଆପଡ଼ା ବିଡିଓ ବେଦବର ପ୍ରଧାନଙ୍କୁ ଏକ ପତ୍ର ପ୍ରଦାନ କରିଛନ୍ତି । ସେ ୨୫୪ ଦିନରେ ୧୬୯ ବ୍ଲକରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିବା କହିଛନ୍ତି। ଏଥିସହିତ ପୋଲାଭରମ ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ, ମହାନଦୀ ଜଳ ବିବାଦର ସମାଧାନ ଆଦି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଓଡିଶାରେ ପ୍ରତି ବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଘଟୁଥିବାରୁ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଉଛି। ଏପରିକି ଅନେକ ଲୋକ ନିଜର ଭିଟାମାଟି ଛାଡିବାକୁ ବାଧ ହେଉଛନ୍ତି। ସେ ୨୦୧୯ ଜୁଲାଇ ୧୦ ତାରିଖରୁ ପଦଯାତ୍ରା ଆରମ୍ଭ କରିଥିବା ବେଳେ ଡିସେମ୍ବର ୨୦୨୦ ସୁଦ୍ଧା ଶେଷ କରିବେ ବୋଲି କହିଛନ୍ତି। ସାଙ୍ଗରେ ଏକ ବ୍ୟାଗ ଏବଂ ଜାତୀୟ ପତାକା ଧରି ପଦଯାତ୍ରା ଆରମ୍ଭ କରିଛନ୍ତି।

# କରୋନା ମୁକାବିଲା: ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ

ଶେରଗଡ,୨୦।୩(ଡି.ଏନ୍.ଏ.) ଶେରଗଡ ବ୍ଲକ ସଭାଗୃହରେ କରୋନା ମୁକାବିଲା ନେଇ ସ୍ୱତନ୍ତ୍ର ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବିଡିଓ ସୁରଞ୍ଜନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ୨୨ ପଞ୍ଚାୟତର ୨୨ ଉଚ୍ଚ ବିଦ୍ୟାଳୟରେ ଅସ୍ଥାୟୀ ଚିକିତ୍ସାକେନ୍ଦ୍ର ଖୋଲାଯିବାକୁ ନିଷ୍ପତ୍ତି ହୋଇଥିଲା। ରାଜ୍ୟ ବାହାରେ କାମ କରୁଥିବା ବ୍ଲକର ୧୧୬ ଜଣ ଘରକୁ ଫେରିଛନ୍ତି। ୨୨ ନୋଡାଲ ଅଧିକାରୀଙ୍କ ଜରିଆରେ କେତେଜଣ ବାହାରୁ ଆସୁଛନ୍ତି ନଜର ରଖାଯାଇଛି। କ୍ୱାରାଣ୍ଟାଇନ କେନ୍ଦ୍ରରେ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଛି ବୋଲି ସମିତି ବୈଠକରେ କୁହାଯାଇଥିଲା। ତହସିଲଦାର ଡ. ଦୟାସିନ୍ଧୁ ପରିଡା ଯୋଗଦେଇ ସଚେତନ କରାଇଥିଲେ। ବ୍ଲକର ସମସ୍ତ ଗ୍ରାମରରେ ସର୍ବସାଧାରଣ ପ୍ରବେଶ ବନ୍ଦ କରାଯାଛି। ପୋଲିସ ପାଟ୍ରୋଲିଂ କଡାକଡି ସହ, ବିଇଓ ଭାସ୍କର ଲେଙ୍କା ଯୋଗଦେଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ସଜାଗ ରହିଥିବା କହିଥିଲେ। ଜିପିଓ ବିନାୟକ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସହକାରୀ ନିର୍ବାହୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ଗୋପାଳ ଚରଣ ପଟ୍ଟନାୟକ, ସନ୍ତୋଷ କୁମାର ପଟ୍ଟନାୟକଙ୍କ ସମେତ ସମସ୍ତ ସରପଞ୍ଚ ସମିତିସଭ୍ୟ ଉପସ୍ଥିତ ଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

BUSINESS

ହରପ୍ରୀତ କର୍ପୋରେଶନ୍ ଡିଜିଟାଲ କମ୍ପାନୀ
ଡିଜିଟାଲ ଟାୱାର ସ୍ଥାପନ ପାଇଁ ଗ୍ରାମ ଓ ସହରରେ ଜମି/ ଛାତ/ କ୍ଷେତ ଆବଶ୍ୟକ + ଅଗ୍ରିମ 65 ଲକ୍ଷ + ଭଡ଼ା 45 ହଜାର
ଯୋଗାଯୋଗ:- 9811014559

FINANCE

M GROUP FINANCE COMPANY
M GROUP ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜ୍‌ନେସ୍ ଲୋନ୍, ପ୍ରପର୍ଟି, ମାର୍କଶିଟ୍, ସାଲାରୀ ସ୍ଲିପ୍। ମହିଳାଙ୍କ ପାଇଁ 50% ରିହାତି।
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ।
9911417461
9911417764

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ 40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ASTROLOGY

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

HINDUSTAN FINANCE LIMITED (Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

TARIFF

| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହାଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାବିନ୍, ଭୁବନେଶ୍ୱର
9773820765

ଧରିତ୍ରୀ
DHARITRI
ବ୍ରହ୍ମପୁର, ଶନିବାର, ୨୧ ମାର୍ଚ୍ଚ, ୨୦୨୦






## ସଂକ୍ଷେପରେ

### ବେଗୁନିଆପଡ଼ା ବ୍ଲକରେ ଉପଜିଲାପାଳଙ୍କ ସଚେତନତା

**ବେଗୁନିଆପଡ଼ା,୨୦।୩(ଡି.ଏନ.ଏ.):** ଗଞ୍ଜାମ ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଶୁକ୍ରବାର ବେଗୁନିଆପଡ଼ା ବ୍ଲକ ପରିସରରେ କରୋନା ସଚେତନତା ବୈଠକ କରିଥିଲେ। କରୋନାର ସଂକ୍ରମଣ ନେଇ କାହାରିଠାରେ କିଛି ଲକ୍ଷଣ ଜଣାପଡୁଥିବା ସନ୍ଦେହ ହେଲେ ତୁରନ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ସାହାଯ୍ୟ ନେବାକୁ କହିଥିଲେ। ଏଥିସହିତ ହିତାଧିକାରୀମାନଙ୍କୁ ୪ ମାସର ଚାଉଳ ଓ ଭତ୍ତା ଆଗୁଆ ପ୍ରଦାନ କରିବା ସହିତ ପ୍ରତି ପଞ୍ଚାୟତରେ ଗୋଟିଏ ଅସ୍ଥାୟୀ ସ୍ୱାସ୍ଥ୍ୟ ଚିକିତ୍ସା କେନ୍ଦ୍ର ଓ କାଉନସିଲିଙ୍ଗ କେନ୍ଦ୍ର ଖୋଲିବା, ବାହାର ଦେଶ କିମ୍ବା ରାଜ୍ୟରୁ ଆସୁଥିବା ଲୋକ ମାନଙ୍କୁ ତୁରନ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ଆଦି ବିଷୟକୁ ପାଳନ କରିବା ପାଇଁ କହିଥିଲେ। ବୈଠକରେ ବ୍ଲକ ଅଧକ୍ଷ କେ.ରାଜଲକ୍ଷ୍ମୀ ଦୋରା, ବିଡିଓ ବେଦବର ପ୍ରଧାନ, ତହସିଲଦାର ପ୍ରଭାତ କୁମାର ପରିଡା, ଉପାଧକ୍ଷ ଭ୍ରମର ବର ଭୂୟାଁଙ୍କ ସମେତ ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲାରେ ୯୯ ବିଦେଶ ଫେରନ୍ତା

**ଛତ୍ରପୁର,୨୦।୩(ଡି.ଏନ.ଏ)**

କରୋନା ସଂକ୍ରମଣ ରୋକିବାକୁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରତିଷେଧକମୂଳକ ପଦକ୍ଷେପ ନିଆଯାଉଛି। ବର୍ତ୍ତମାନ ସୁଦ୍ଧା ଜିଲାକୁ ଚାଇନା ଓ କୋରୋନା ପ୍ରଭାବିତ ଅନ୍ୟ କେତେକ ଦେଶରୁ ୯୯ଜଣ ଆସିଥିବା ରାଜ୍ୟ ସରଭେଇଲାନ୍ସ ୟୁନିଟ୍ ପକ୍ଷରୁ ଜିଲା ସ୍ୱାସ୍ଥ୍ୟ ବିଭାଗକୁ ସୂଚନା ଦିଆଯାଇଛି। ତେବେ ଏହି ସଂଖ୍ୟାଠାରୁ ଅଧିକ ଲୋକ ଜିଲାକୁ ଆସିଛନ୍ତି। ପ୍ରତି ବ୍ଲକର ଟିମ୍ ବିଦେଶ ଫେରନ୍ତାଙ୍କ ତଥ୍ୟ ସଂଗ୍ରହ କରୁଛନ୍ତି। ଏହି ରିପୋର୍ଟ ଆସିଲେ ଏହା ସ୍ପଷ୍ଟ ହୋଇପାରିବ।

କେତେଜଣ ବିଦେଶରୁ ଆସି ଓଡିଶା ବାହାରେ ଥିବା ଏୟାରପୋର୍ଟରେ ଓହ୍ଲାଇ ଘରକୁ ଫେରିଛନ୍ତି। ତେଣୁ ରାଜ୍ୟ ଟିମ୍ ପାଖରେ ଏହାର ତଥ୍ୟ ନ ଥିବା ଜଣାପଡିଛି। ଆହୁରି ଜଣାଯାଇଛି ଯେ, ବ୍ରହ୍ମପୁର ମହାନଗର ନିଗମର ୫ ବିଦେଶ ଫେରନ୍ତା ନିଜ ଘରେ ଆଇସୋଲେଶନରେ ରହିଥିଲେ । ସେମାନଙ୍କଠାରେ କାରୋନା ନେଇ ଲକ୍ଷଣ ଦେଖାଯାଇନାହିଁ ।

**କରୋନା ମୁକାବିଲା ଚିନ୍ତା**
- ୧୪ ଜଣଙ୍କୁ ଠାବ କରାଯାଇପାରୁନି
- ଅଧିକାଂଶ କରିନାହାନ୍ତି ପଞ୍ଜୀକରଣ
- ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସୋଲେଶନ ୱାର୍ଡ

ଅନ୍ୟପକ୍ଷରେ ୧୪ ଜଣଙ୍କୁ ଏବେ ମଧ ଠାବ କରାଯାଇପାରିନାହିଁ। ବର୍ତ୍ତମାନ ସୁଦ୍ଧା ୫ ଜଣଙ୍କୁ ସନ୍ଦେହ କରି ଏମକେସିଜି ମେଡିକାଲର କୋଭିଡ୍-୧୯ ଆଇସୋଲେଶନ ୱାର୍ଡରେ ରଖାଯାଇଛି। ୩୫ ବିଦେଶ ଫେରନ୍ତା ଘରେ କ୍ୱାରେଣ୍ଟାଇନ୍‌ରେ ଅଛନ୍ତି। ସେଥିମଧ୍ୟରେ ବ୍ରହ୍ମପୁର ମହାନଗର ନିଗମର ୧୯, ଖଲ୍ଲିକୋଟ ବ୍ଲକର ୬, ପାତ୍ରପୁର ବ୍ଲକର ୨, ହିଞ୍ଜିଳି ବ୍ଲକର ୨, ଗଞ୍ଜାମ ବ୍ଲକର ୨, ରଙ୍ଗେଇଲୁଣ୍ଡା, କବିସୂର୍ଯ୍ୟନଗର, ଶେରଗଡର ଓ ଚିକିଟି ବ୍ଲକର ଜଣେ ଲେଖାଏଁ ରହିଛନ୍ତି। ଜିଲାର ସମସ୍ତ ବିଦେଶ ଫେରନ୍ତାଙ୍କର ରେଜିଷ୍ଟ୍ରେଶନ ହୋଇପାରିନି। ସମସ୍ତଙ୍କ ରେଜିଷ୍ଟ୍ରେସନ ୧୦୪ ନମ୍ବରକୁ ଫୋନ୍ କରିବାକୁ ଉକ୍ତ ବିଦେଶ ଫେରନ୍ତାକୁ କହିବା ଏବଂ ଏଥିରେ ସହଯୋଗ କରିବାକୁ ସ୍ୱାସ୍ଥ୍ୟ, ବ୍ଲକ, ଏନ୍ଏସି, ତହସିଲ, ପୋଲିସ, ଆଶା କର୍ମୀ, ଅଙ୍ଗନୱାଡି କର୍ମୀ, ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କୁ ନିୟମିତ ଟ୍ରାକିଂ କରିବାକୁ ଅଙ୍ଗନୱାଡିକର୍ମୀମାନଙ୍କୁ କୁହାଯାଇଛି। ବିଦେଶ ଫେରନ୍ତାମାନେ ୧୪ ଦିନ ପର୍ଯ୍ୟନ୍ତ ଘରର ଅନ୍ୟ କୋଠରୀରେ ଏକୁଟିଆ ରହୁଛନ୍ତି କି ନାହିଁ ତାକୁ ସେମାନେ ଦେଖିବେ। ସ୍ୱାସ୍ଥ୍ୟର ଅବନତି ଦେଖିଲେ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ସ୍ଥାନୀୟ ହସ୍ପିଟାଲ ଏବଂ ପରେ ବ୍ରହ୍ମପୁର ବଡମେଡିକାଲକୁ ନେବାକୁ ବ୍ୟବସ୍ଥା କରିବାକୁ ଅତିରିକ୍ତ ଜିଲାପାଳ ଅମୀୟ କୁମାର ସାହୁ ଶୁକ୍ରବାର ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ବାହାରୁ ଆସୁଥିବା ଟ୍ରକ୍ ଡ୍ରାଇଭର ଏବଂ ରେଲୱେ ଷ୍ଟେଶନରେ ଯାତ୍ରୀମାନଙ୍କର ସ୍କ୍ରିନିଂ କରାଯିବ। ଏମକେସିଜି, ସିଟି ହସ୍ପିଟାଲ, ଛତ୍ରପୁର, ଭଞ୍ଜନଗର ଓ ହିଞ୍ଜିଳି ଉପଖଣ୍ଡ ହସ୍ପିଟାଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କୋଭିଡ୍-୧୯ କର୍ନର କରାଯାଇଛି। ଏଥିସହ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରହେର ଆଇସୋଲେଶନ ୱାର୍ଡ ବ୍ୟବସ୍ଥା ହୋଇଛି । ୧୦ ଦିନ ଧରି ଜିଲା ସାରା କରୋନା ନେଇ ସଚେତନ କରାଯିବ । ଆଇସୋଲେଶନ ୱାଡକୁ ସନ୍ଦିଗ୍ଧଙ୍କୁ ନେବା ପାଇଁ ୭ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଛି। ସେଥିମଧ୍ୟରେ ବ୍ରହ୍ମପୁରର ସିଟି ହସ୍ପିଟାଲ, ଭଞ୍ଜନଗର, ଛତ୍ରପୁର ଓ ହିଂଜିଳି ଉପଖଣ୍ଡ ହସ୍ପିଟାଲ, ସୋରଡା, ଖଲିକୋଟ ଓ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନ ରହିଛି । ବ୍ଲକ ଓ ସେକ୍ଟର ସ୍ତରରେ ୧୨୨ଟି ରାପିଡ୍ ରେସପନ୍ସ ଟିମ୍‌ର ବ୍ୟବସ୍ଥା କରାଯାଇଛି ଏବଂ ଏମାନେ ନଜର ରଖିବେ । ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଉଟସୋର୍ସିଂରେ ଅତିରିକ୍ତ ସୁରକ୍ଷା କର୍ମୀ ବ୍ୟବସ୍ଥା କରାଯାଇଛି । ପ୍ରତି ବସରେ କ୍ଷମତାରୁ ମାତ୍ର ୫୦ ପ୍ରତିଶତ ଯାତ୍ରୀ ରହିବେ ବୋଲି ଜଣାପଡିଛି।

## ଭୁଶୁଡ଼ିଲା କାନ୍ଥ, ଭଙ୍ଗାଘରେ ପରିବାର


ଭାଙ୍ଗିଯାଇଥିବା ଘର।

**ଖଜୁରିପଡ଼ା,(ଡି.ଏନ.ଏ.)/ ବଲସକୁମ୍ପା,୨୦।୩**

ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତ ସୁନ୍ଦରଗଡ଼ ଗ୍ରାମର ଅନିରୁଦ୍ଧ ଦିଗାଲଙ୍କ ଘର ଗତ ୧୬ରେ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। ଫଳରେ ତାଙ୍କ ପରିବାର ଏବେ ବାସହରା ହୋଇଛନ୍ତି। ସ୍ତ୍ରୀ ଯୁବତୀ ଦିଗାଲ ଓ ଝିଅ ଆରତୀଙ୍କ ସହ ଅନିରୁଦ୍ଧ ଏବେ ଭଙ୍ଗା ଘରେ ଜୀବନ ବିତାଉଛନ୍ତି। କୌଣସି ସରକାରୀ କର୍ମଚାରୀ ଆମ ସ୍ଥିତି ଦେଖିବାକୁ ଆସିନାହାନ୍ତି ବୋଲି ସେ କହିଛନ୍ତି। ସରକାରୀ ଯୋଜନାରେ ଘର ଖଣ୍ଡେ ଅନିରୁଦ୍ଧ ବହୁ ଆଗରୁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଜଣାଇଥିଲେ। ମାଟି କାନ୍ଥ କୌଣସି ସମୟରେ ଭାଙ୍ଗି ଯାଇପାରେବୋଲି ଜଣାଇଥିଲେ ମଧ କେହି ଶୁଣି ନାହାନ୍ତି । ତେଣୁ ଅଦିନିଆ ବର୍ଷା ପବନରେ କାନ୍ଥ ଭିଜିଯାଇ ଅଚାନକ ଭୁଶୁଡ଼ିପଡ଼ିଛି। ଏ ନେଇ ସେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଜଣାଇଥିଲେ। ହେଲେ କେହି ଆସିନାହାନ୍ତି ବୋଲି କୋହଭରା କଣ୍ଠରେ ଅନିରୁଦ୍ଧ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଅସହାୟ ଗରିବ ପରିବାରକୁ ଘର ଖଣ୍ଡେ ଯୋଗାଇ ଦେବା ପାଇଁ ଅଞ୍ଚଳବାସୀ ସରକାରଙ୍କୁ ଅନୁରୋଧ କରିଛନ୍ତି ।

## ଆଖଣ୍ଡଳମଣି ମନ୍ଦିରରେ ତାଲା

**ଆରଡ଼ି, ୨୦।୩ (ଡି.ଏନ.ଏ.)**

କରୋନା ଭୂତାଣୁ ସଂକ୍ରମଣରୁ ଜନସାଧାରଣଙ୍କୁ ସୁରକ୍ଷା ଦିଆଯିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି। ସମସ୍ତ ମନ୍ଦିର ସମେତ ଧର୍ମାନୁଷ୍ଠାନରେ ଦିଅଁ ଦର୍ଶନ ହୋଇପାରିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ସେହି ଅନୁଯାୟୀ ଭଦ୍ରକ ଜିଲା ପ୍ରଶାସନ ଆରଡ଼ିର ବାବା ଆଖଣ୍ଡଳମଣି ମନ୍ଦିର ପାଇଁ ବିଜ୍ଞପ୍ତି ଜାରି କରିବା ପରେ ଶୁକ୍ରବାର ସକାଳଠାରୁ ମନ୍ଦିରର ୪ ପ୍ରବେଶ ଦ୍ୱାରରେ ତାଲା ପକାଇ ଦିଆଯାଇଛି। ସାଧାରଣ ଦର୍ଶନ ବନ୍ଦ ରହିଛି। ସେବାୟତମାନେ ଯଥାରୀତି ନୀତିକାନ୍ତି ସମାପନ କରୁଛନ୍ତି। ଶୁକ୍ରବାର ପୀଠକୁ ହାତଗଣତି କେଇଜଣ ଭକ୍ତ ଆସିଥିବା ଦେଖିବାକୁ ମିଳିଥିଲା। ସେମାନେ ମନ୍ଦିର ବନ୍ଦ ନିଷ୍ପତ୍ତି ସମ୍ପର୍କରେ ଜାଣିପାରି ନ ଥିଲେ। ମନ୍ଦିର ଦ୍ୱାର ନିକଟରେ ମୁଣ୍ଡିଆ ମାରି ଗୁହାରି ଜଣାଇଥିଲେ। ବାବା ଆଖଣ୍ଡଳମଣିଙ୍କ ଦର୍ଶନ ପାଇଁ ଆସିଥିଲେ। କିନ୍ତୁ ନିରାଶ ହୋଇ ଫେରିଥିବା କହିଥିଲେ। ପୀଠରେ ଅଳ୍ପ କେତେକ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ରହିଥିଲା। ପୀଠରେ ମନ୍ଦିର ପ୍ରଶାସନିକ ଅଧିକାରୀ ବିଦ୍ୟାଧର ପଲାଇଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସ୍ଥିତି ଉପରେ ନଜର ରଖିଥିଲେ। ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ, ହାବିଲଦାର ରମେଶ ଚନ୍ଦ୍ର ମଲ୍ଲିକ, ଯଯାତି ପ୍ରଧାନ ପ୍ରମୁଖ ପୀଠରେ ସଜାଗ ରହିଥିଲେ। ଶନିବାରଠାରୁ ଭକ୍ତମାନେ ଆଉ ପୀଠକୁ ନ ଆସିବାକୁ ସେବାୟତ ଓ ମନ୍ଦିର ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

# ବନ୍ଦହେଲା ସାପ୍ତାହିକ ହାଟ


ଶଙ୍କରାଖୋଲ ସାପ୍ତାହିକ ହାଟ ଶୂନଶାନ ରହିଛି।

**ଶଙ୍କରାଖୋଲ,୨୦।୩(ଡି.ଏନ୍.ଏ.)**

କରୋନା ସଂକ୍ରମଣ ନିୟନ୍ତ୍ରଣ କରିବା ପାଇଁ କନ୍ଧମାଳ ଜିଲା ପ୍ରଶାସନ ୧୪୪ଧାରା ଜାରି କରିଥିବାବେଳେ ଚକାପାଦ ଓ ଟିକାବାଲି ବ୍ଲକର ବିଭିନ୍ନ ସ୍ଥାନରେ ସାପ୍ତାହିକ ହାଟ ବ୍ଲକ ପ୍ରଶାସନ ଟିକାବାଲି, ଚକାପାଦ ଥାନା ପକ୍ଷରୁ ବନ୍ଦ କରିଦିଆଯାଇଛି। ଚକାପାଦ, ଶଙ୍କରାଖୋଲ, ଲାଇନପଡା, ପାବୁରିଆ, ଟିକାବାଲିରେ ସାପ୍ତାହିକ ହାଟ ସମ୍ପୂର୍ଣ୍ଣ ବନ୍ଦ ରହିଥିବାବେଳେ କିଛି ତେଜରାତି ଦୋକାନ, ଚା' ଦୋକାନ, ହୋଟେଲ ଖୋଲା ରହିଛି। ବଜାର ଶୂନ୍‌ଶାନ ରହୁଥିବା ଦେଖିବାକୁ ମିଳିଛି। ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ କରାଯାଉଛି। ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତି ପଞ୍ଚାୟତ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇ ରାଜ୍ୟ ବାହାରେ କାମ କରୁଥିବା ଲୋକ ଘରକୁ ଫେରୁଥିବାବେଳେ ସେମାନଙ୍କ ଉପରେ ନଜର ରଖି ପଞ୍ଜୀକରଣ କରାଇବାକୁ ଡାକ୍ତରଖାନା ପଠାଯାଉଛି। କିନ୍ତୁ ସ୍ୱାସ୍ଥ୍ୟ ବିଭାଗ କରୋନା ନେଇ ଗ୍ରାମାଞ୍ଚଳରେ ଯେତିକି ସଚେତନତା କରାଇବା କଥା ତାହା କରିପାରୁନାହିଁ। ଏପଟେ ସାପ୍ତାହିକ ହାଟ ଓ ବିଭିନ୍ନ ଦୋକାନ ବଜାର ବନ୍ଦ ରହିଥିବାରୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଗ୍ରାମାଞ୍ଚଳର ଜନସାଧାରଣ କିଣିବାରେ ଅସୁବିଧା ସମ୍ମୁଖୀନ ହେଉଛନ୍ତି।


**ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି, ଜିଲ୍ଲା: ଗଞ୍ଜାମ**

ଦୈନିକ ଖବରକାଗଜ ଧରିତ୍ରୀର ଜନ୍ମବାର୍ଷିକ ଉତ୍ସବ ଜରିଆରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି ତରଫରୁ ସମସ୍ତ ଜନସାଧାରଣମାନଙ୍କୁ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ।

**ପରିଷଦ ତରଫରୁ ଆମର ସଂକଳ୍ପ:** (୧) ବାସଗୃହ ନଥିବା ବ୍ୟକ୍ତିମାନଙ୍କ ପାଇଁ ରାତ୍ରି ବିଶ୍ରାମାଗାର ନିର୍ମାଣ। (୨) ସମସ୍ତ ଶ୍ମଶାନମାନଙ୍କର ଉନ୍ନତୀକରଣ। (୩) ନୂତନ ଦୋକାନ ଘର ନିର୍ମାଣ। (୪) ସମସ୍ତ ବାସହୀନ ପରିବାରଙ୍କୁ ଆବାସ ଯୋଜନାରେ ସାମିଲ କରି ଚଳିତ ବର୍ଷ ୧୮୦ ବାସଗୃହ ନିର୍ମାଣ ବ୍ୟବସ୍ଥା କରାଯାଇଛି। (୫) ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ସମସ୍ତ ଗୃହରୁ ଅଳିଆ, ଆବର୍ଜନା, ଉଠାଣ ଏବଂ ସମସ୍ତ ରାସ୍ତା ଓ ନର୍ଦ୍ଦମାରେ କଭର ପ୍ଲେଟ୍ ନିର୍ମାଣ। (୬) ଚଳିତ ବର୍ଷ ଦୁଇଗୋଟି ଶିଶୁ ଉଦ୍ୟାନ ନିର୍ମାଣ। (୭) ପରିଷଦ ଅଞ୍ଚଳରୁ ବାହାରୁଥିବା ଅଳିଆ, ଆବର୍ଜନାକୁ କମ୍ପୋଷ୍ଟ କରି ଚାଷ ଉପଯୋଗ ନିମନ୍ତେ କମ୍ପୋଷ୍ଟ ମେଶିନ୍ ବ୍ୟବସ୍ଥା। (୮) ରାତ୍ରିକାଳୀନ ସଫାଇ କାର୍ଯ୍ୟ ଚାଲୁଅଛି। (୯) ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ଏମ୍ଆର୍ଏଫ୍ ପ୍ଲାଣ୍ଟ ନିର୍ମାଣ ହୋଇଛି। (୧୦) ସହରଗୁଡ଼ିକ ଏଲ୍ଇଡି ଲାଇଟ୍ ଦ୍ୱାରା ଆଲୋକୀକରଣ କରାଯାଇଛି।

**ସହରର ସମସ୍ତ ଜନସାଧାରଣ ପରିଷଦର ବିକାଶରେ ସହଯୋଗ କରିବା ଏକାନ୍ତ କାମ୍ୟ।**

ଶ୍ରୀ ଶିନ୍ଦେ ଦତ୍ତାତ୍ରୟ ଭାଉସାହେବ, ପ୍ରଶାସକ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି

ସୁଜିତ୍ କୁମାର ଚୌଧୁରୀ, କାର୍ଯ୍ୟନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଚିକିଟି


ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ କେ.ଏନ୍.ପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା।
**ଶ୍ରୀମତୀ ଏନ୍. ସୁଶିଳା ରେଡି**
ପୂର୍ବତନ ସରପଞ୍ଚ, କେ.ଏନ୍. ପୁର ପଞ୍ଚାୟତ

ଶୁଭେଚ୍ଛା...

ଧରିତ୍ରୀର ବ୍ରହ୍ମପୁର ସଂସ୍କରଣ ସ୍ୱନକ୍ଷତ୍ର ଅବସରରେ ଭେଜିପୁଟ ଫାଣ୍ଡି ଇଲାକାର ଅଧିବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ। ହେଲ୍‌ମେଟ୍ ବ୍ୟବହାର କରନ୍ତୁ, ରାସ୍ତାର ନିୟମ ମାନି ଗାଡ଼ି ଚଳାନ୍ତୁ।
**ଟୁନା ପିଡ଼ିକା**
ଭେଜିପୁଟ ଫାଣ୍ଡି ଅଧିକାରୀ


**ସିଲୁ ଧଳ**
ଏସ୍. ଆଇ., ଖଲ୍ଲିକୋଟ ଥାନା
ଅଭିନନ୍ଦନ
ନିର୍ଭୀକ, ନିରପେକ୍ଷ, ସତ୍ୟନିଷ୍ଠ, ଉଚ୍ଚକୋଟୀର ଖବର ପରିବେଷଣ ଯୋଗୁଁ ଧରିତ୍ରୀ ଖବରକାଗଜ ପ୍ରତି ଆଗ୍ରହ ବୃଦ୍ଧି ପାଇଛି। ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ସ୍ୱନକ୍ଷତ୍ର ଅବସରରେ ଖଲ୍ଲିକୋଟ ଥାନା ଅଞ୍ଚଳର ଅଧିବାସୀଙ୍କୁ ସାଦର ଶୁଭେଚ୍ଛା। ଖଲ୍ଲିକୋଟ ଅଞ୍ଚଳରେ ଆଇନ ଶୃଙ୍ଖଳା ମାନି ଚଳନ୍ତୁ।

ଶୁଭେଚ୍ଛା ବାର୍ତ୍ତା

ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଉତ୍ସବ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
**ଅନାମ କୁମାର ନାୟକ**
କନ୍ଧମାଳ ଜିଲ୍ଲା ପାଣ ସମାଜ କଲ୍ୟାଣ କମିଟି ସଭାପତି

ଶୁଭେଚ୍ଛା ବାର୍ତ୍ତା

ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଉତ୍ସବ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
**ରାଧାମୋହନ ମହାପାତ୍ର**
କନ୍ଧମାଳ ପିପୁଲ୍ସ ଫୋରମ୍ ସଭାପତି

ଶୁଭେଚ୍ଛା ବାର୍ତ୍ତା

ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଉତ୍ସବ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
**ଆଶିଷ କୁମାର ବେହେରା**
କନ୍ଧମାଳ ପୂର୍ବତନ ଛାତ୍ର କଂଗ୍ରେସ ସଭାପତି

ଶୁଭେଚ୍ଛା ବାର୍ତ୍ତା

ଧରିତ୍ରୀର ବ୍ରହ୍ମପୁର ସଂସ୍କରଣର ଜନ୍ମବାର୍ଷିକ ଉତ୍ସବ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ।
**ନନ୍ଦ କିଶୋର ଦାସ**
କନ୍ଧମାଳ ଲୋକ ସଭା ଯୁବ କଂଗ୍ରେସ ସଭାପତି


ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପୁରୁଷୋତ୍ତମପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା।
**ଦିଗାମ୍ବର ପାଣିଗ୍ରାହୀ**
ବ୍ଲକ୍ ବି.ଜେ.ଡି. ସଭାପତି, ପୁରୁଷୋତ୍ତମପୁର


ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଅଭିନନ୍ଦନ।
**ସୀମାଞ୍ଚଳ ପାଢ଼ୀ**
ଡାଇରେକ୍ଟର ଇଫ୍‌କୋ, ପୁରୁଷୋତ୍ତମପୁର


ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପୁରୁଷୋତ୍ତମପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା।
**ସ୍ୱରାଜ୍ୟ ପାଣିଗ୍ରାହୀ**
(ଓକିଲ), ପୁରୁଷୋତ୍ତମପୁର


ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପୁରୁଷୋତ୍ତମପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା।
**ଗୀତା କୁମାରୀ ବସ୍ତିଆ**
ସମିତି ସଭ୍ୟା, ବାଘାଳା, ବ୍ଲକ୍ ମହିଳା ବି.ଜେ.ଡି., ସଭାନେତ୍ରୀ, ପୁରୁଷୋତ୍ତମପୁର


ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଉତ୍ତରୋତ୍ତର କାମନା କରୁଛି।
**ଶେଷଦେବ ପଣ୍ଡା**
ଭା.ଜ.ପା. ଉପସଭାପତି, ଘୁମୁସର ଜିଲ୍ଲା

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ଉତ୍ତରୋତ୍ତର କାମନା କରୁଛି ।

**ସ୍ନେହଲତା ପଣ୍ଡା**
ଉପାଧ୍ୟକ୍ଷା, ଜିଲ୍ଲା ପରିଷଦ, ଗଞ୍ଜାମ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପୁରୁଷୋତ୍ତମପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ।

**ସୂର୍ଯ୍ୟନାରାୟଣ ପଣ୍ଡା**
ଅଧ୍ୟକ୍ଷ, ପୁରୁଷୋତ୍ତମପୁର ବ୍ଲକ

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପୁରୁଷୋତ୍ତମପୁର ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ।

**ଅରୁଣ କୁମାର ପଣ୍ଡା**
ଭାରତୀୟ ଜନତା ପାର୍ଟି, ଆଚ୍ଛୁଳି, ପୁରୁଷୋତ୍ତମପୁର

ଧରିତ୍ରୀ
DHARITRI
ଶନିବାର, ୨୧ ମାର୍ଚ୍ଚ, ୨୦୨୦



# ପୁନଃନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରହିବ ବଜାର, ମଲ

ବ୍ରହ୍ମପୁର ଅଫିସ,୨୦।୩

ମହାମାରୀ କରୋନା ମୁକାବିଲା ପାଇଁ ସଚେତନତା ହିଁ ଏକମାତ୍ର ପନ୍ଥା । ଭିଡ଼ରେ କରୋନା ଭୂତାଣୁ ସଂକ୍ରମଣ ଆଶଙ୍କା ଅଧିକ ରହିଛି। ତେଣୁ ଭିଡ଼କୁ ଏଡାଇବା ପାଇଁ ଜିଲାରୁ ୧୪୪ ଧାରା ପ୍ରତ୍ୟାହାର ପରେ ବି ସହରାଞ୍ଚଳର ସମସ୍ତ ଦୋକାନ, ବଜାର, ମାର୍କେଟ କମ୍ପ୍ଲେକ୍ସ ବନ୍ଦ ରହିବ। କେବଳ ଅତ୍ୟାବଶ୍ୟକୀୟ ସାମଗ୍ରୀ ପରିବା ମାର୍କେଟ, ହାଇଜେନିକ ଆମିଷ ଦୋକାନ, ରାଶନ ଓ ମେଡିସିନ ଦୋକାନ ଖୋଲାରହିବ। ବାର୍, ରେଷ୍ଟୁରାଣ୍ଟ ସମେତ ସମସ୍ତ ସପିଂ କମ୍ପ୍ଲେକ୍ସ, ମାର୍କେଟ କମ୍ପ୍ଲେକ୍ସ, ଦୋକାନ ବଜାର ସରକାରଙ୍କ ପୁନଃନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରହିବ । ଏପରିକି ଉଠା ଦୋକାନୀ, ଠେଲାଦୋକାନ, ଚା' ଦୋକାନ ବି ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ଶୁକ୍ରବାର ସନ୍ଧ୍ୟାରେ ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି । ଇନ୍‌ହାଉସ୍ ରେଷ୍ଟୁରେଣ୍ଟଗୁଡ଼ିକର ବିଏମସି ଦ୍ୱାରା ହାଇଜେନିକ ବ୍ୟବସ୍ଥା ଯାଞ୍ଚ କରାଯିବା ପରେ ଖୋଲିବାକୁ ଅନୁମତି ପ୍ରଦାନ କରାଯିବ । ଏହାବ୍ୟତୀତ ସହରରେ ଚଳାଚଳ କରୁଥିବା ବସଗୁଡ଼ିକରେ କ୍ଷମତାଠାରୁ ୫୦ ପ୍ରତିଶତରୁ ଅଧିକ ଯାତ୍ରୀ ପରିବହନ ଉପରେ କଟକଣା ଲଗାଯାଇଛି। ଅଟୋରେ ୨ରୁ ଅଧିକ ଯାତ୍ରୀ ପରିବହନ କରାଯିବନି। ଦୁଇଚକିଆ ଯାନରେ କେବଳ ଜଣେ ଯିବେ ନିର୍ଦ୍ଦେଶ ଜାରି କରାଯାଇଛି । ରେଷ୍ଟୁରାଣ୍ଟଗୁଡ଼ିକୁ ଡୋର ଟୁ ଡୋର ଡେଲିଭର ପାଇଁ ଅନୁମତି ରହିଛି । ବାହାରୁ ଆସୁଥିବା ଟ୍ରକ ଡ୍ରାଇଭରଙ୍କ ସ୍କ୍ରିନିଂ କରାଯିବା ସହ ରେଲୱେ ଷ୍ଟେଶନରେ ମଧ୍ୟ ସ୍କ୍ରିନିଂ କରାଯିବ। ଗୁରୁବାରଠାରୁ ୩ ଦିନ ଧରି ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି, ଜିଲାପରିଷଦ ସ୍ୱତନ୍ତ୍ର ବୈଠକ ଆୟୋଜିତ ହେଉଛି । କରୋନାର ମୁକାବିଲା ପାଇଁ ୮ଟି ବିଷୟ ଉପରେ ଗୁରୁତ୍ୱ ଦିଆଯାଇଛି। ମଧୁବାବୁ ପେନସନ ଯୋଜନାରେ ପାଉଥିବା ୪ ମାସର ଭତ୍ତା, ଖାଦ୍ୟସୁରକ୍ଷା ଯୋଜନାରେ ୩ ମାସର ରାଶନ, ଚାଉଳ, କିରୋସିନକୁ ଏପ୍ରିଲ ୧ରୁ ମେ ୧୫ ତାରିଖ ମଧ୍ୟରେ ଘରକୁ ଘର ବୁଲି ବଣ୍ଟନ କରାଯିବ । ଅଙ୍ଗନୱାଡ଼ି କେନ୍ଦ୍ରର ଶିଶୁଙ୍କ ଘରେ ଶୁଖିଲା ଖାଦ୍ୟ ଓ ଅଣ୍ଡା ଯୋଗଇ ଦିଆଯିବ । ସବୁ ଗ୍ରାମପଞ୍ଚାୟତକୁ ୫୦ ରୁ ୧୦୦ ଲୋକଙ୍କ ପାଇଁ ସେଫ ହାଉସିଂ ଭଳି ବ୍ୟବସ୍ଥା ପାଇଁ ୫ ଲକ୍ଷ ଟଙ୍କା ଦିଆଯାଇଛି । ବିଦେଶରୁ ଆସୁଥିବା ଲୋକଙ୍କୁ ରେଜିଷ୍ଟ୍ରେସନ କରିବାକୁ ବାଧ୍ୟତାମୂଳକ କରାଯାଇଛି। ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ, ୧୦ ବର୍ଷରୁ କମ ବୟସର ପିଲାଙ୍କୁ ଘରେ ରହିବାକୁ ଜିଲାପାଳ ଅନୁରୋଧ କରିଛନ୍ତି । ଯାତ୍ରା, ଦଣ୍ଡଯାତ୍ରା, ନାମ ସଙ୍କିର୍ତ୍ତନ ସମେତ ମନ୍ଦିର, ମସଜିଦ୍, ଚର୍ଚ୍ଚ ବନ୍ଦ ରହିବା ସହ ପୋଖରୀକୁ ଗାଧୋଇ ନଯିବାକୁ କୁହାଯାଇଛି । ତେବେ ମେକାନିକାଲ ସର୍ଭିସ ପ୍ଲମ୍ବର, ଇଲେକ୍ଟ୍ରିଆସନ୍, ମଟର ସାଇକେଲ ଗ୍ୟାରେଜ ଭଳି ସୁବିଧା ବିଏମସିର ଏସଓପି ଆପ୍ ଜରିଆରେ ସହରବାସୀଙ୍କୁ ଘରେ ସୁବିଧା ଯୋଗାଯିବାର ବ୍ୟବସ୍ଥା ରହିଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି । ଖବରଦାତା ସମ୍ମିଳନୀରେ ଜିଲାପାଳଙ୍କ ସମେତ ବିଏମସି କମିଶନର ଚକ୍ରୱର୍ତ୍ତୀ ସିଂ ରାଠୋର, ବ୍ରହ୍ମପୁର ଏସପି ପିନାକ୍ ମିଶ୍ର, ଗଞ୍ଜାମ ଏସପି ବ୍ରିଜେଶ ରାଏ, ଏମକେସିଜି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଆର. ଜଗଦୀଶ ପଟ୍ଟନାୟକ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସନ୍ତୋଷ କୁମାର ପାଢୀ ଓ ଗଞ୍ଜାମ ଜିଲା ହେଟେଲ ଆସୋସିଏଶନ, ଗଞ୍ଜାମ ଚାମ୍ବର ଅଫ କମର୍ସର କର୍ମକର୍ତ୍ତା ଉପସ୍ଥିତ ଥିଲେ ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ଜିଲାପାଳ, ଏସପି, ବିଏମ୍‌ସି କମିଶନର, ଏମକେସିଜି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ।

**ଜିଲା ପ୍ରଶାସନର କରୋନା ମୁକାବିଲା**
- ବସ୍‌ର କ୍ଷମତାଠାରୁ ୫୦ ପ୍ରତିଶତରୁ ଅଧିକ ଯାତ୍ରୀ ପରିବହନ ଉପରେ କଟକଣା
- ଅଟୋରେ ଯାଇପାରିବେନି ୨ରୁ ଉର୍ଦ୍ଧ୍ୱ ଯାତ୍ରୀ

## ସଂକ୍ଷେପରେ

### ଯୁକ୍ତ ୨ ଧନ୍ଦାମୂଳକ ଶିକ୍ଷାରେ ଜଣେ ମାଲ୍ ପ୍ରାକ୍ଟିସ୍

### ୨୩ରୁ ପରୀକ୍ଷା ବାତିଲ

ବ୍ରହ୍ମପୁର ଅଫିସ,୨୦।୩: ଯୁକ୍ତ ୨ ପରୀକ୍ଷାର ୧୩ତମ ଦିବସ ଶୁକ୍ରବାର କଳା, ବିଜ୍ଞାନ ଓ ବାଣିଜ୍ୟର ଇନଫର୍ମେଶନ ଟେକ୍ନୋଲୋଜି, ବିଜ୍ଞାନର କମ୍ପ୍ୟୁଟର ସାଇନ୍ସ, ବାୟୋ ଟେକ୍ନୋଲୋଜି ଓ ଇଲେକ୍ଟ୍ରୋନିକ୍ସ, ଧନ୍ଦାମୂଳକ ଶିକ୍ଷାର ଇତିହାସ, ଆକାଉଣ୍ଟାନ୍ସି ଓ ଫିଜିକ୍ସ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ତେବେ ବୌଦ୍ଧ ଜିଲା କନ୍ଧମାଳ ସରକାରୀ ଧନ୍ଦାମୂଳକ ଶିକ୍ଷା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ପରୀକ୍ଷାର୍ଥୀ କପି ଅଭିଯୋଗରେ ବୁକ ହୋଇଥିବା ଡ. ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ସୂଚନା ଦେଇଛନ୍ତି ।

ଅନ୍ୟପକ୍ଷରେ କରୋନା ଭୂତାଣୁ ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ରାଜ୍ୟ ସରକାର ସମସ୍ତ ପରୀକ୍ଷାକୁ ସ୍ଥଗିତ ରଖିଛନ୍ତି। ଆସନ୍ତା ୨୩ ତାରିଖରୁ ଯୁକ୍ତ ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ସମସ୍ତ ପରୀକ୍ଷାକୁ ବାତିଲ କରାଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧକ୍ଷ ଅମରେନ୍ଦ୍ର କୁମାର ପଟ୍ଟନାୟକ ଏ ସଂକ୍ରାନ୍ତରେ ପରୀକ୍ଷା ପରିଚାଳନା ହବ ସୁପରଭାଇଜର ଓ କେନ୍ଦ୍ର ତତ୍ତ୍ୱାବଧାରକମାନଙ୍କ ଉଦ୍ଦେଶ୍ୟରେ ନିର୍ଦ୍ଦେଶାବଳୀ ଜାରି କରିଥିବା ଦକ୍ଷିଣାଞ୍ଚଳ ଉପସଚିବ ଡ. କୁଳମଣି ଓଝା ସୂଚନା ଦେଇଛନ୍ତି ।

### ଫସଲ ଉଜାଡ଼ିଲା କୁଆପଥର ବର୍ଷା

ଗୁମ୍ମା/ପାରଳାଖେମୁଣ୍ଡି, ୨୦।୩(ସ୍ୱ.ପ୍ର.): ଗଜପତି ଜିଲା ଗୁମ୍ମା ବ୍ଲକରେ ଅଦିନିଆ ବର୍ଷା ସାଙ୍ଗକୁ ପ୍ରବଳ କୁଆପଥର ମାଡ଼ ହୋଇଛି। ଏହି କୁଆପଥର ମାଡ଼ରେ ବ୍ୟାପକ ଫସଲ ନଷ୍ଟ ହୋଇଥିବାବେଳେ କେତେକ ସ୍ଥାନରେ ବାସଗୃହ ସମେତ ଅନ୍ୟ ଉପକରଣ ନଷ୍ଟ ହୋଇଛି। ଏହା ପ୍ରଭାବରେ ଅନେକ ପଶୁପକ୍ଷୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନେକ ପରିବା ଫସଲ ନଷ୍ଟ ହୋଇଯାଇଛି। ଏହାକୁ ନେଇ ଚାଷୀମାନେ ବେଶ୍ ଚିନ୍ତିତ। ହଠାତ ଅଦିନିଆ ବର୍ଷା, କୁଆପଥର ମାଡ଼ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ଜମିରେ ଦୀର୍ଘଦିନର ଅକ୍ଳାନ୍ତ ପରିଶ୍ରମ ଏବଂ ଧାର କରଜ କରି ଯାହା ଅର୍ଥ ବିନିଯୋଗ କରିଥିଲେ ସେସବୁ ଧୂଳିସାତ ହୋଇଥିବା କହିଛନ୍ତି ଅନେକ ଚାଷୀ। ଗୁମ୍ମା ଅଞ୍ଚଳରେ ସିଂହଭାଗ ଲୋକ ଚାଷୀ। ପ୍ରକୃତିର ଏଭଳି ଅଦିନିଆ ତାଣ୍ଡବ ଛଡ଼ାଇ ନେଇଛି ଚାଷୀଙ୍କ ମୁହଁରୁ ହସ। ଚାଷଜମିର ଏଭଳି ଅବସ୍ଥା ଦେଖି ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି ଅନେକ ଚାଷୀକୁଳ। କୁଆପଥର ମାଡ଼ରେ ଅନେକ କୁକୁଡାଙ୍କ ମୃତ୍ୟୁ ହୋଇଛି। କୁକୁଡା ପାଳକ ମଧ୍ୟ ଏବେ ଚିନ୍ତାରେ। ସେହିଭଳି କୁଆପଥର ମାଡ଼ରେ ବ୍ଲକର ବଡକଳାକୋଟ ପଞ୍ଚାୟତ ସିନ୍ଧିସିଂ ଗ୍ରାମର ପିରିନ କାର୍ଜିଙ୍କ ଘର ଭୁଶୁଡି ଯାଇଛି। ଏଥିରେ ପିରିନଙ୍କ ସ୍ତ୍ରୀ ପ୍ରିସ୍ତି କାର୍ଜି ଆହତ ହୋଇଛନ୍ତି। ତାଙ୍କୁ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯିବା ପରେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁମ୍ମା ତହସିଲଦାର ନଟବର ଗରଡ଼ା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧାନ କରିଛନ୍ତି। ସେମାନଙ୍କ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯିବ ବୋଲି ଆହତଙ୍କ ପରିବାରକୁ ତହସିଲଦାର ପ୍ରତିଶ୍ରୁତି ଦେଇଛନ୍ତି।

### ଦୋକାନ ବନ୍ଦ କଲା ପ୍ରଶାସନ

ପାରଳାଖେମୁଣ୍ଡି, ୨୦।୩ (ସ୍ୱ.ପ୍ର.): କରୋନା ସଂକ୍ରମଣକୁ ରୋକିବାକୁ ଗଜପତି ଜିଲା ପ୍ରଶାସନ ପଦକ୍ଷେପ ନେଇଛି। ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ଛାଡି ଅନ୍ୟ ସବୁ ଦୋକାନକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ଜିଲା ପୟଶାସନର ଏକ ଟିମ୍ ଶୁକ୍ରବାର ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ବିଭିନ୍ନ ସ୍ଥାନରେ ଚଢାଉ କରି ଦୋକାନ ସବୁକୁ ବନ୍ଦ କରିଥିଲେ। ବିଭିନ୍ନ ଛକ ସ୍ଥାନରେ ପାନ, ଗହଣା ଭଳି ଅନେକ ଦୋକାନ ଖୋଲା ଥିବାରୁ ଏଠାରେ ଜନ ସମାଗମ ଆଶଙ୍କା ଦେଖାଦେଉଛି। ସେ ସବୁ ଦୋକାନକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ଏହି ଦୋକାନଗୁଡିକ ଖୋଲା ହେବା ଦ୍ୱାରା ଜନସମାଗମର ସମ୍ଭାବନା ରହୁଛି। ତେଣୁ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ସୂଚନା ମିଳିଛି।

# ଅଞ୍ଚଳବାସୀଙ୍କୁ ସଚେତନ କରିବେ ଲୋକପ୍ରତିନିଧି

ପାରଳାଖେମୁଣ୍ଡି, ୨୦।୩ (ସ୍ୱ.ପ୍ର.)

ଗଜପତି ଜିଲା ଆର୍.ଉଦୟଗିରି ବ୍ଲକ ପ୍ରଶାସନ ପକ୍ଷରୁ କରେନା ମୁକାବିଲା ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଡିଓ ପ୍ରଦୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପଞ୍ଚାୟତ ପ୍ରତିନିଧି ଓ ଜିଲା ପରିଷଦ ସଭ୍ୟମାନେ ଉପସ୍ଥିତ ଥିଲେ। ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟମାନେ ନିଜ ନିଜ ଅଞ୍ଚଳରେ ଗାଁକୁ ଗାଁ ବୁଲି ଲୋକମାନଙ୍କୁ ସଚେତନ କରିବେ ବୋଲି ବୈଠକରେ ଆଲୋଚନା ହୋଇଛି। ହାତପୁଟି ସଂକ୍ରମଣରୁ ମଧ୍ୟ କିପରି ରକ୍ଷା ପାଇ ହେବ ସେ ନେଇ ଲୋକଙ୍କୁ ସଚେତନ କରାଯାଇଛି। ବାହାର ରାଜ୍ୟରୁ କେହି ଆସିଲେ ତା'ର ସୂଚନା ପ୍ରଶାସନକୁ ଦେବା ଜରୁରୀ ବୋଲି ବୈଠକରେ ଆଲୋଚନା ହୋଇଛି। ସେମାନଙ୍କ ନାମ ପ୍ରଶାସନ ନିକଟରେ ପଞ୍ଜୀକୃତ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିମାନଙ୍କୁ ୧୪ଦିନ ଅଲଗା ସ୍ଥାନରେ ରଖିବାକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି କୁହାଯାଇଛି।

# ଘରଚଟିଆ ଦିବସ ପାଳିତ



ଘରଚଟିଆ ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରାଯାଉଛି।

ବ୍ରହ୍ମପୁର ଅଫିସ,୨୦।୩

ପ୍ରତିବର୍ଷ ମାର୍ଚ୍ଚ ୨୦ ତାରିଖରେ ଘରଚଟିଆ ଦିବସ ପାଳନ କରାଯାଉଛି । ବ୍ରହ୍ମପୁର ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଶୁକ୍ରବାର ଗୁଣ୍ଡବନ୍ଧ ଗ୍ରାମରେ ଏହି ଦିବସ ପାଳିତ ହୋଇଯାଇଛି । ପରିଷଦ ତରଫରୁ ଗ୍ରାମରେ ଘରଚଟିଆଙ୍କ ନିମନ୍ତେ କୃତ୍ରିମବସା, ଖାଦ୍ୟସ୍ଥଳୀ ଲଗାଯାଇଥିଲା। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ପଶୁପକ୍ଷୀଙ୍କ ତୃଷ୍ଣା ନିବାରଣ ପାଇଁ ମାଟି ପାଣିପାତ୍ର ପ୍ରତ୍ୟେକ ଘରେ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଆଞ୍ଚଳିକ ବିକାଶ ପରିଷଦର ସଭାପତି ସାଗର କୁମାର ପାତ୍ର, ସଂପାଦକ ବିଜେନ୍ଦ୍ର ମାଝି, ବ୍ରହ୍ମପୁର ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସିଲୁ ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସୂଚନାଯୋଗ୍ୟ, ୨୦୧୧ରେ ବ୍ରହ୍ମପୁର ଉପକଣ୍ଠ କୁକୁଡାଖଣ୍ଡି ବ୍ଲକ୍, ଦକ୍ଷିଣପୁର ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡବନ୍ଧ ଗ୍ରାମରେ କେତେଜଣ ଯୁବକଙ୍କୁ ନେଇ ଗଠନ ହୋଇଥିଲା ଆଞ୍ଚଳିକ ବିକାଶ ପରିଷଦ। ଏହି ଯୁବ ସଂଗଠନ ବିଭିନ୍ନ କାରଣରୁ ବିଲୁପ୍ତ ହେବାକୁ ଯାଉଥିବା ଘରଚଟିଆଙ୍କ ସୁରକ୍ଷା ପାଇଁ ୨୦୧୩ ମସିହାରେ ନିଷ୍ପତ୍ତି ନେଇଥିଲେ। ବାଘଝରୀ ଓ ବିରିବାଡିଆ ଗ୍ରାମରେ ଥିବା କିଛି ଘରଚଟିଆଙ୍କ ପାଇଁ ପ୍ଲାଏ ବୋର୍ଡ , ମାଟିହାଣ୍ଡି ଆଦିରେ ଘର ତିଆରି କରିବା ସହ ଖାଦ୍ୟ ବ୍ୟବସ୍ଥା କରିଥିଲେ। ପରେ ଲୋକମାନଙ୍କ ଘର ଆଗରେ ମାଗଣାରେ ସ୍ଥାପନ କରାଗଲା କୃତ୍ରିମ ବସା। ଗାଁ ଲୋକେ ବି ଏଥିରେ ସହଯୋଗ କଲେ। ଧିରେଧିରେ ଘର ଚଟିଆଙ୍କ ବଂଶ ବୃଦ୍ଧି ଘଟିଲା। ପର୍ଯ୍ୟାୟକ୍ରମେ ଲାଞ୍ଜିଆ, ଗୁଣ୍ଡବନ୍ଧ ଓ ବ୍ରହ୍ମପୁର ମହାନଗରର ଧର୍ମନଗର ଠାରେ ଏପରି କାର୍ଯ୍ୟକ୍ରମ କରାଗଲା । ଏବେ ଜିଲାର ପ୍ରତ୍ୟକ ବ୍ଲକର ଗୋଟିଏ ଲେଖାଏ ଗ୍ରାମରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ଲୋକଙ୍କୁ ମାଗଣାରେ କୃତ୍ରିମ ଘର ଓ ଖାଦ୍ୟସ୍ଥଳୀ ବଣ୍ଟନ କରାଯାଉଛି । ସମ୍ପୃକ୍ତ ଗ୍ରାମର ସ୍ୱେଚ୍ଛାସେବୀଙ୍କୁ ଏହାର ସୁରକ୍ଷା ଓ ସଂରକ୍ଷଣର ଦାୟିତ୍ୱ ଦିଆଯାଇଛି। ଆଗାମୀ ଦିନରେ ଓଡିଶାର ବିଭିନ୍ନ ଜିଲାରେ ଘରଚଟିଆ ସୁରକ୍ଷା କାର୍ଯ୍ୟକ୍ରମ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ପରିଷଦର ସଭାପତି ସାଗର କୁମାର ପାତ୍ର କହିଛନ୍ତି ।

# ଗଜପତି ଜିଲାରେ ଅଦିନିଆ ବର୍ଷା

ପାରଳାଖେମୁଣ୍ଡି, ୨୦।୩ (ସ୍ୱ.ପ୍ର.)

ଗଜପତି ଜିଲାରେ ଗୁରୁବାର ବର୍ଷା ହୋଇଥିବାବେଳେ ଅନେକ ସ୍ଥାନରେ କୁଆପଥର ମଧ୍ୟ ପଡିଛି। ଗୁରୁବାର ବଳମ୍ବିତ ରାତି ପର୍ଯ୍ୟନ୍ତ ଏହି ବର୍ଷା ଲାଗି ରହିଥିଲା। ଗଜପତି ଜିଲାରେ ମୋଟ ୨୧୩.୮୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ୨୬.୭୩୦ ମିଲିମିଟର ବର୍ଷା ଗୁରୁବାର ରାତିରେ ହୋଇଥିବା ଜଣାପଡିଛି। ସେହିପରି କାଶୀନଗର ବ୍ଲକରେ ୮.୦୦, ପାରଳାଖେମୁଣ୍ଡି ସହରାଞ୍ଚଳରେ ୨.୦୦, ରାୟଗଡ ବ୍ଲକରେ ୧୯.୪୦, ଗୁମ୍ମା ବ୍ଲକ ୫୫.୦୦, ନୂଆଗଡ ବ୍ଲକରେ ୬୩.୬୦, ଆର୍.ଉଦୟଗିରି ବ୍ଲକରେ ୨୯.୨୦, ମୋହନା ବ୍ଲକରେ ୨୬.୬୦ ଓ ଗୋଷାଣୀ ବ୍ଲକରେ ୧୦.୦୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ସେହିପରି ଜିଲାର ରାୟଗଡ, କାଶୀନଗର, ଗୁମ୍ମା ଅଞ୍ଚଳରେ କୁଆପଥର ମଧ୍ୟ ପଡିଥିବା ଜିଲା ଜରୁରୀକାଳୀନ ବିଭାଗ ସୂତ୍ରରୁ ପ୍ରକାଶ।

# କରୋନା ସଚେତନତା ଅନୁଧ୍ୟାନ କଲେ ଜିଲାପାଳ


ଜିଲାପାଳ ଅନୁଧାନ କରୁଛନ୍ତି ।

ବ୍ରହ୍ମପୁର ଅଫିସ,୨୦।୩

ହ୍ମପୁର ମହାନଗର ନିଗମ(ବିଏମସି) ପରିସରରେ କରୋନା ମୁକାବିଲା ପାଇଁ ବିଭିନ୍ନ ସଚେତନତାତ୍ମକ ପଦକ୍ଷେପ ନିଆଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବିଏମସିର ବିଭିନ୍ନ ବିଭାଗ ବୁଲି କରୋନା ମୁକାବିଲା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ କର୍ମଚାରୀଙ୍କୁ ପଚାରି ବୁଝିଥିଲେ । ନିୟମିତ ହାତ ଧୋଇବା, ମାସ୍କ ପିନ୍ଧିବା, ସମାଜିକ ଦୂରତ୍ୱ ରକ୍ଷା କରିବା ଦିଗରେ ସଚେତନ କରିଥିଲେ । ଜିଲାପାଳଙ୍କ ପରିଦର୍ଶନ ବେଳେ କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର, ଡେପୁଟି କମିଶନର ରୋମାଞ୍ଚଲ ଖମାରୀ ଓ ଅନ୍ୟକର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଅଭିଯୁକ୍ତଙ୍କୁ ଧରିପାରୁନି ପୋଲିସ

ବ୍ରହ୍ମପୁର ଅଫିସ,୨୦।୩

**ଅଭିନବ ଉପାୟରେ ଟଙ୍କା ଠକୁଛନ୍ତି ଦୁର୍ବୃତ୍ତ**

ଅଭିନବ ଉପାୟରେ ଦୁର୍ବୃର୍ତ୍ତମାନେ ବିଭିନ୍ନ ସମୟରେ ଲୋକଙ୍କଠାରୁ ଟଙ୍କା ଠକି ନେଉଛନ୍ତି। କେତେକ ସ୍ଥଳରେ ପୋଲିସ ଅଭିଯୁକ୍ତଙ୍କ ସୁରାକ୍ ପାଇ ମଧ୍ୟ ସେମାନଙ୍କୁ ଧରିପାରୁନି।

ଟାଉନ ଥାନା ଅନ୍ତର୍ଗତ ମିଲିଟାରୀ ଲାଇନରେ ଥିବା କାନାଡ଼ା ବ୍ୟାଙ୍କ ଶାଖାରୁ ଶିବରାମ ସାହୁ ନାମକ ଜଣେ ଜମାକାରୀଙ୍କଠାରୁ ଗତ ଜୁଲାଇ ୬ ତାରିଖରେ ଦୁର୍ବୃତ୍ତମାନେ ଅଭିନବ ଉପାୟରେ ୧୮ ହଜାର ଟଙ୍କା ଠକି ନେଇଥିଲେ। ଏ ନେଇ ଶିବରାମ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରିଥିଲା। ପରେ ବ୍ୟାଙ୍କକୁ ଯାଇ ସେଠାରେ ସିସି ଟିଭି ଫୁଟେଜ ସଂଗ୍ରହ କରି ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଥିଲା। ତେବେ ଘଟଣା ୮ ମାସ ବିତିଯାଇଥିଲେ ମଧ୍ୟ ପୋଲିସ ସେମାନଙ୍କୁ କାବୁ କରିପାରି ନାହିଁ। ଅନ୍ୟପଟେ ଜମାକାରୀ ଜଣଙ୍କ ଟଙ୍କା ନ ପାଇ ନିରାଶ ହୋଇପଡିଛନ୍ତି। ସେହିପରି ବୁଧବାର ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ଓଭରବ୍ରିଜ ଏଣ୍ଟ୍ରି ପଏଣ୍ଟରେ ଆକାଶ କୁମାର ଶତପଥୀ ନାମକ ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ଭର୍ତ୍ତି ବ୍ୟାଗ ଲୁଟ ଉଦ୍ୟମ ହୋଇଥିଲା। ଆକାଶ କମାପଲ୍ଲୀ ନିକଟରେ ଥିବା ଷ୍ଟେଟ ବ୍ୟାଙ୍କର ମେଡିକାଲ ଶାଖାରୁ ୩ ଲକ୍ଷ ଟଙ୍କା ଉଠାଇ ଫେରୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଟାର୍ଗେଟ କରିଥିଲେ। ଏହି ଘଟଣାରେ ବି ପୋଲିସକୁ ସଫଳତା ମିଳିପାରିନାହିଁ।

# ରାଜ୍ୟ ସଭାରେ ଏକାଧିକ ଦାବି ଉଠାଇଲେ ସସ୍ମିତ

ଭୁବନେଶ୍ୱର,୨୦।୩(ବ୍ୟୁରୋ)

ବ୍ରହ୍ମପୁର ରାଜ୍ୟର ଏକ ପ୍ରମୁଖ ସହର। ହେଲେ ଏଠାରେ ଆକାଶମାର୍ଗରେ ଯୋଗାଯୋଗ ବ୍ୟବସ୍ଥା ନାହିଁ। ଏହି ଆବଶ୍ୟକତାକୁ ପୂରଣ କରିବା ପାଇଁ ଉତ୍ତର ପ୍ରଦେଶର ଆଲ୍ଲାହାବାଦ(ପ୍ରୟାଗରାଜ) ପରି ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପ୍‌ରେ ଏକ ବିମାନବନ୍ଦର ନିର୍ମାଣ କରାଯାଉ। କେନ୍ଦ୍ର ପକ୍ଷରୁ ଉଡାନ କାର୍ଯ୍ୟକ୍ରମ ଅଧୀନରେ ଏହା କରିବାକୁ ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଶୁକ୍ରବାର ଦାବି କରିଛନ୍ତି। ଏହା କେବଳ ବ୍ରହ୍ମପୁର ନୁହେଁ ବରଂ ସମଗ୍ର ଦକ୍ଷିଣ ଓଡ଼ିଶାର ଯୋଗାଯୋଗକୁ ଦୃଢ଼ କରିବ ବୋଲି ସସ୍ମିତ କହିଛନ୍ତି। ଏହି ପ୍ରସଙ୍ଗକୁ ଗମ୍ଭୀରତା ସହ ନେବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କୁ ସେ ଅନୁରୋଧ କରିଛନ୍ତି। ଅନୁରୂପ ଭାବେ ଖୋର୍ଦ୍ଧା ଜିଲା ବାଘମାରୀ ନିକଟରେ ଥିବା ଅତ୍ରି ଉଷ୍ଣପ୍ରସ୍ରବଣ। ରାଜ୍ୟର ଏକ ପର୍ଯ୍ୟଟନସ୍ଥଳୀ ରୂପେ ପରିଗଣିତ। ତେଣୁ ଏଠାକୁ ପର୍ଯ୍ୟଟକ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଯୋଗାଯୋଗକୁ ପୂର୍ବାପେକ୍ଷା ଅଧିକ ସୁବ୍ୟବସ୍ଥିତ କରିବା ପାଇଁ ଏକ ରେଳଷ୍ଟେଶନ କରିବା ପାଇଁ ସସ୍ମିତ ଦାବି କରିଛନ୍ତି। ସେହିପରି ଝାରସୁଗୁଡା ବିମାନବନ୍ଦର କାର୍ଯ୍ୟକ୍ଷମ ହୋଇସାରିଛି। ଏହାକୁ ଏୟାର କାର୍ଗୋ ହବ୍‌ରେ ପରିଣତ କରିବା ପାଇଁ ପୂର୍ବରୁ ବିଜ୍ଞାପିତ କରାଯାଇଥିଲା। ହେଲେ ଏ ନେଇ କାମ ଆରମ୍ଭ ହୋଇନାହିଁ। ଅନୁରୂପ ଭାବେ ଝାରସୁଗୁଡ଼ାକୁ କୃଷି ଉଡାନ କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ବିଜେଡି ସଦସ୍ୟ ଉଚ୍ଚସଦନରେ ଦାବି କରିଛନ୍ତି। ପୂର୍ବଭଳି ଓଡ଼ିଶାକୁ ସ୍ୱତନ୍ତ୍ର ଧ୍ୟାନକେନ୍ଦ୍ରିକ ରାଜ୍ୟର ମାନ୍ୟତା ଦିଆଯିବା ସହ ଅର୍ଥ ପ୍ରଦାନ, ରେଳ ଏବଂ ଜାତୀୟ ରାଜପଥ ବୃଦ୍ଧି, ଟେଲି ଏବଂ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ବିଜେଡି ପକ୍ଷରୁ ଦାବି କରାଯାଇଛି।

**ବ୍ରହ୍ମପୁରରେ ବିମାନବନ୍ଦର, ଅତ୍ରିରେ ଷ୍ଟେଶନ ପ୍ରତିଷ୍ଠା ଦାବି**

# ସମୂହ ପ୍ରାର୍ଥନା ନ କରିବାକୁ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୨୦।୩

ରେଶମ ନଗରୀ ବ୍ରହ୍ମପୁରରେ ଶୁକ୍ରବାରଠାରୁ ଚର୍ଚ୍ଚ ଓ ମସଜିଦରେ ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି । କରୋନା ଭୂତାଣୁ ବ୍ୟାପିବା ଆଶଙ୍କା ଥିବାରୁ ସମୂହ ପ୍ରାର୍ଥନା ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ ଧର୍ମ ଗୁରୁମାନେ ବିଧି ପାଳନ କରିବେ ବୋଲି ଜିଲାପାଳ ପରାମର୍ଶ ଦେଇଛନ୍ତି। ଶୁକ୍ରବାର ଇସଲାମ ଧର୍ମାବଲମ୍ବୀମାନେ ଏଥିରେ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ଦକ୍ଷିଣ ଓଡ଼ିଶାର ପ୍ରମୁଖ ବ୍ରହ୍ମପୁର ଜାମିଆ ମସଜିଦ ସମେତ ପ୍ରଥମ ମିଲିଟାରୀ ଲାଇନ, ସାନବଜାର ଓ ଅନ୍ୟ ମସଜିଦଗୁଡ଼ିକୁ ଜନଶୂନ୍ୟ ଥିବା ଦେଖାଯାଇଥିଲା।

ଅନ୍ୟପକ୍ଷରେ ସ୍ଥାନୀୟ ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚ, କୁଇନ ମିଶନ କ୍ୟାଥେଲିକ ଚର୍ଚ୍ଚ, ସେଣ୍ଟ ଷ୍ଟିଫେନ୍ସ ଚର୍ଚ୍ଚ, ଗିରି ମାର୍କେଟ ନିକଟ ତେଲୁଗୁ ଚର୍ଚ୍ଚ ଆଦିର ମୁଖ୍ୟ ଫାଟକରେ ତାଲା ପଡ଼ିଛି। ଚର୍ଚ୍ଚଗୁଡିକରେ ଆଦୌ ଗହଳି ନ କରିବା ନିମନ୍ତେ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ରବିବାର ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଯେଭଳି ଚର୍ଚ୍ଚରେ ଗହଳି ନ କରିବେ ସେଥିପାଇଁ ଆଗୁଆ ସତର୍କ କରି ଦିଆଯାଇଛି। ଖ୍ରୀଷ୍ଟିଆନ ଓ ମୁସଲିମମାନେ ନିଜ ଘରେ ପ୍ରାର୍ଥନା କରିବା ପାଇଁ ପରାମର୍ଶ ଦିଆଯାଇଛି। ମହାନଗରରେ ମନ୍ଦିରଗୁଡିକରେ ଭକ୍ତଙ୍କ ଭିଡ଼ ବନ୍ଦ କରାଯାଇଥିବା ବେଳେ ଏବେ ମସଜିଦ ଓ ଚର୍ଚ୍ଚ ଉପରେ ଅଙ୍କୁଶ ଲଗାଯାଇଛି।

ସୂଚନାଯୋଗ୍ୟ ମହାମାରୀ କରୋନା ଭୂତାଣୁ ରୋକିବା ନିମନ୍ତେ ଗତ ସୋମବାରଠାରୁ ସମସ୍ତ ଦୋକାନ ବଜାର, ସିନେମା ହଲ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସାମାଜିକ କାର୍ଯ୍ୟକ୍ରମ ନିଷେଧ କରାଯାଇଛି। ସହରରେ ଥିବା ଶତାଧିକ ଛୋଟ ବଡ଼ କଲ୍ୟାଣ ମଣ୍ଡପ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। କରୋନା ମୁକାବିଲା ନିମନ୍ତେ ଜନ ସଚେତନତାକୁ ସରକାରୀ ଓ ବେସରକାରୀ ସ୍ତରରେ ଜୋରଦାର କରାଯାଇଛି। ପ୍ରତିଦିନ ପ୍ରବଳ ଗହଳି ହେଉଥିବା ବଡ଼ ଓ ସାନ ବଜାର, ଦେଶୀ ବେହେରା ବଜାର, ହନୁମାନ ବଜାର, ଗିରି ମାର୍କେଟ, ମୟୂରୀ ଟାୱାର, ଅର୍ବାନ ବ୍ୟାଙ୍କ ରୋଡ, ଅନ୍ନପୂର୍ଣ୍ଣା ବଜାର, ଫାୟାର ଷ୍ଟେଶନ ରୋଡ, ପୁରୁଣା ବସଷ୍ଟାଣ୍ଡ ଇଲାକା ଆଦି ଗତ ୫ ଦିନ ହେବ ଖାଁ ଖାଁ ହୋଇଯାଇଛି।

**ମସଜିଦ-ଚର୍ଚ୍ଚରେ କଟକଣା ଜାରି**



ଜାମିଆ ମସଜିଦ୍।

# ରାଜଘାଇ ପାଣି ଦୂଷିତ, ପାନୀୟଜଳ ପ୍ରକଳ୍ପ ଅଚଳ

## ପାଣି ପାଇଁ ଗୋପୀନାଥପୁରବାସୀ ହନ୍ତସନ୍ତ

ହିଞ୍ଜିଳିକାଟୁ,୨୦ା୩(ଡି.ଏନ୍.ଏ.)

ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ବଡ଼ଖଣ୍ଡି ପଞ୍ଚାୟତ ଅଧୀନ ଗୋପୀନାଥପୁର ଗ୍ରାମରେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ। ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପରୁ ଦିନକୁ ମାତ୍ର ଅଧଘଣ୍ଟା ତ କେବେ ଘଣ୍ଟାଏ ଜଳ ଯୋଗାଣ ହେଉଛି। ପିଇବା ପାଣି ଅଭାବ ସାଙ୍ଗକୁ ଗ୍ରାମ ଜଳାଶୟ ରାଜଘାଇର ପାଣି ୨ମାସରୁ ଊର୍ଦ୍ଧ୍ୱ ହେବ ଅପରିଷ୍କାର ହୋଇଛି। ଫଳରେ ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକେ ହୀନସ୍ତା ହେଉଛନ୍ତି। ଏନେଇ ବିଭିନ୍ନ ସମୟରେ ଗ୍ରାମ୍ୟ ଜଳ ଯୋଗାଣ ଯନ୍ତ୍ରୀ ଓ ବିଡ଼ିଓଙ୍କୁ ଜଣାଇଥିଲେ ମଧ୍ୟ କେହି ସମାଧାନ ପାଇଁ ଆନ୍ତରିକତା ଦେଖାଉ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଉତ୍ୟକ୍ତ ଲୋକେ ଭିଡ଼ିଓ ପ୍ରସ୍ତୁତ କରି ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରିଛନ୍ତି। ଏନେଇ କ୍ରାନ୍ତିକାରୀ କୃଷକ ସମାଜ ରାଜ୍ୟ ସମ୍ପାଦକ ଶଙ୍କର ସାହୁ ଦୁର୍ଭାଗ୍ୟଜନକ କହିବା ସହ ଜିଲା ଓ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ତୁରନ୍ତ ସମାଧାନ ନ ହେଲେ ଜନ ଆନ୍ଦୋଳନର ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ଗୋପୀନାଥପୁର ଗ୍ରାମରେ ବର୍ତ୍ତମାନ ପ୍ରାୟ ୩ହଜାରରୁ ଊର୍ଦ୍ଧ୍ୱ ଲୋକ ଥିବାବେଳେ ୬ଶହ ଘର ରହିଛି। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ଏଠାରେ ୩୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏକ ପ୍ରକଳ୍ପ ୨୦୧୧ରେ ନିର୍ମାଣ ହୋଇଥିଲା। ୩୬.୪୪ ଲକ୍ଷ ଟଙ୍କା ବ୍ୟୟ ଅଟକଳର ଏହି ପ୍ରକଳ୍ପରେ ୨ଟି ବୋର୍‌ୱେଲ ୧୮ଟି ଷ୍ଟାଣ୍ଡପୋଷ୍ଟ ସହ ୨୪୮୦ ମିଟର ପାଇପ ଗ୍ରାମରେ ବିଛାଯାଇଛି। ୨୦୧୧ ପରଠାରୁ ଗ୍ରାମରେ ବିଭିନ୍ନ ସମୟରେ ବହୁ ଟ୍ୟୁବ୍‌ୱେଲ ଖୋଳା ଯାଇଛି। ତଥାପି ପିଇବା ପାଣି ସମସ୍ୟା ଦୂର ହୋଇନାହିଁ। ତେବେ ଗ୍ରାମରେ ଥିବା ରାଜଘାଇ ଜଳାଶୟରେ ଗ୍ରାମବାସୀ ଶୌଚ ହେବାସହ ଏହାର ପାଣିକୁ ବିଶୁଦ୍ଧ କରି ପାନୀୟ ଜଳ ଭାବେ ବ୍ୟବହାର କରି ଆସୁଥିଲେ। ଫଳରେ ପାନୀୟ ଜଳ ଅଭାବ ନିମନ୍ତେ ଦାବି ଜୋରଦାର ହେଉ ନ ଥିଲା। କିନ୍ତୁ ଗତ ୨ମାସ ତଳେ ଉକ୍ତ ଜଳାଶୟରେ ମାଛ ଚାଷ ନିମନ୍ତେ ଔଷଧ ପକାଯିବା ଫଳରେ ପାଣି ରଙ୍ଗରେ ପରିବର୍ତ୍ତନ ସହ ପିଇବାତ ଦୂରର କଥା ଗାଧୋଇବା ପାଇଁ ମଧ୍ୟ ଅନୁପଯୁକ୍ତ ହୋଇ ପଡ଼ିଛି। ଫଳରେ ଲୋକଙ୍କ ମଧ୍ୟରେ ଏହାକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗ୍ରାମର ମନୋଜ ବେହେରା, ପି. ପାର୍ବତୀ, ନୟନୀ ବେହେରା ପ୍ରମୁଖ ତୁରନ୍ତ ସରକାର ଏଥିପାଇଁ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।


ଦୂଷିତ ରାଜଘାଇ ଜଳାଶୟ ଠାରେ ଗ୍ରାମବାସୀ।


ଅଚଳ ପାନୀୟ ଜଳ ପ୍ରକଳ୍ପ।

### ସେମାନେ କୁହନ୍ତି...

"ଗୋପୀନାଥପୁରରେ ବିଭିନ୍ନ ଉତ୍ସରୁ ପିଇବା ପାଣି ଯୋଗାଣ ହେଉଛି ତେଣୁ ପିଇବା ପାଣିର ସମସ୍ୟା ନାହିଁ। କିନ୍ତୁ ମାଇନର ଇରିଗେସନର ଏକ ଜଳାଶୟର ପାଣି କିଛି ଦିନ ହେବ ଦୂଷିତ ଅଭିଯୋଗ ହୋଇଛି। ଜଳାଶୟକୁ ସଫା ଓ ଦିନକୁ ୨ଥର ପାଇପ ପାଣି ଯୋଗାଣ ଉଦ୍ୟମ କରାଯିବ ବୋଲି କହିଛନ୍ତି।

–ପ୍ରସନ୍ନ କୁମାର ପାତ୍ର, ବିଡିଓ ହିଞ୍ଜିଳିକାଟୁ

"ଗ୍ରାମରେ ଜଳାଶୟକୁ ନେଇ ବିବାଦ ହେତୁ କିଛି ଲୋକ ଏହି ମିଥ୍ୟା ଅଭିଯୋଗ କରୁଛନ୍ତି। ସେପରି କିଛି ହୋଇନାହିଁ।

–ପ୍ରସନ୍ନ କୁମାର ଦଳାଇ,ବ୍ଲକ ଜଳ ଓ ପରିମଳ ଯନ୍ତ୍ରୀ

"ଗୋପୀନାଥପୁରରେ ସ୍ଥାପିତ ପ୍ରକଳ୍ପର ଜଳ ଗ୍ରାମବାସୀଙ୍କ ଚାହିଦାକୁ ମେଣ୍ଟାଇ ପାରୁନି। ଭୂତଳ ଜଳସ୍ତରରେ ସେଠାରେ ସମସ୍ୟା ରହିଛି। ଜାନିବିଲି ପାଣିରୁ ନିକଟବର୍ତ୍ତୀ କୁକୁଡ଼ାଖଣ୍ଡି ଠାରେ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପରେ ଗୋପୀନାଥପୁର, ଚୈତନ୍ୟପଡ଼ା ପ୍ରଭୃତି ଗ୍ରାମକୁ ଜଳ ଯୋଗାଣ ପାଇଁ ସର୍ଭେ କାମ ସରିଛି। ଡ଼ିପିଆର ପ୍ରସ୍ତୁତ ପରେ ଟେଣ୍ଡର କରାଯାଇ କାର୍ଯ୍ୟ କରାଯିବ।

–ରାଜେନ୍ଦ୍ର କୁମାର ନାୟକ, ଆର୍‌ଡବ୍ଲ୍ୟୁଏସ୍ଏସ୍ ଯନ୍ତ୍ରୀ

# ଘରେ ପଶିଲା ଡ୍ରେନ୍ ପାଣି,ପ୍ରତିବାଦରେ ରାସ୍ତାରୋକୋ

ବାରିପଦା ଅଫିସ, ୨୦ା୩

ଗୁରୁବାର ରାତିରେ ହୋଇଥିବା ବର୍ଷାରେ ବାରିପଦା ପୌରପରିଷଦର ୨୭ନଂ. ୱାର୍ଡ଼ ତୁଳସୀଚଉରା ଅଞ୍ଚଳରେ ବସବାସ କରୁଥିବା ବିଭିନ୍ନ ବ୍ୟକ୍ତିଙ୍କ ଘରେ ଡ୍ରେନ ପାଣି ପଶି ଯାଇଥିଲା। ଏହାର ପ୍ରତିବାଦରେ ଶୁକ୍ରବାର ସକାଳେ ୭ଟାରେ ଅଞ୍ଚଳବାସୀ ତୁଳସୀଚଉରା ଛକଠାରେ ରାସ୍ତାରୋକେ କରିଥିଲେ। ଅଭିଯୋଗ ଅନୁଯାୟୀ ଅଞ୍ଚଳ ଦେଇ ଯାଇଥିବା ଡ୍ରେନ୍‌କୁ ପୌରପିଷଦ ସଫା କରୁ ନ ଥିବାରୁ ଏଭଳି ସୁବିଧା ହେଉଛି। ସେହିଭଳି ନୂତନ ଡ୍ରେନ୍ ନିର୍ମାଣ ପାଇଁ ଦାବି କରାଯାଉ ଥିଲେ ମଧ୍ୟ ଡ୍ରେନ୍ କାମ ହେଉ ନାହିଁ। ଗୁରୁବାର ରାତିରେ ପ୍ରବଳ ବର୍ଷା ହେବାରୁ ଲୋକମାନଙ୍କ ଘରେ ପାଣି ପଶି ଯାଇଥିଲା। ଏପରିକି କିଛିଲୋକ ଘରେ ପାଣି ପଶି ଯାଇଥିବାରୁ ସେମାନେ ରୋଷେଇ କରି ପାରି ନ ଥିବା ପ୍ରକାଶ କହିଛନ୍ତି। ଶୁକ୍ରବାର ତୁଳସୀଚଉରାଠାରୁ ତକତପୁରକୁ ଯାଇଥିବା ରାସ୍ତାକୁ ଅବରୋଧ କରାଯିବା ଫଳରେ ଉକ୍ତ ରାସ୍ତାରେ ଯାନବହାନ ଚଳାଚଳ ଠପ୍ ହୋଇ ପଡ଼ିଥିଲା। ଖବର ପାଇ ଟାଉନ ପୋଲିସ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଆସି ଲୋକଙ୍କୁ ବୁଝାସୁଝା କରିବା ସହିତ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ସକାଳ ୯ଟ ୩୦ରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଆଗାମୀ ଦିନରେ ଏହାର ସମାଧାନ ନ ହେଲେ ଅଞ୍ଚଳବାସୀ ପୁନର୍ବାର ରାସ୍ତାକୁ ଓହ୍ଲାଇବେ ବୋଲି ପ୍ରକାଶ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଡ଼ିଓ ଶାନ୍ତନୁ ନାୟକ ନାଳକୁ ସଫା କରି ଡ୍ରେନ୍ କାମ ଆରମ୍ଭ ହେବ ବୋଲି କହିଛନ୍ତି।


ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି।

# ବିଭିନ୍ନ ସ୍ଥାନରେ କରୋନା ସଚେତନତା

ଗଞ୍ଜାମ,୨୦ା୩(ଡି.ଏନ.ଏ.)

ଗଞ୍ଜାମ ବ୍ଲକ କାର୍ଯ୍ୟାଳୟ କନଫରେନ୍ସ ହଲଠାରେ ଶୁକ୍ରବାର କରୋନା ସଂକ୍ରମଣରୁ ଦୁରେଇ ରହିବା ଓ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ବିଡିଓ ଜ୍ୟୋତି ଶଙ୍କର ରାୟ, ସହକାରୀ ଯନ୍ତ୍ରୀ ପର୍ଶୁରାମ ସେଠୀଙ୍କ ସମେତ ପାଳିବନ୍ଦ, କାଇଁଚପୁର ଆଦିର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ। ବିଦେଶ କିମ୍ବା ରାଜ୍ୟରୁ ଆସୁଥିବା ବ୍ୟକ୍ତି ମାନଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ରଖିବାକୁ ଆଲୋଚନା ହୋଇଥିଲା।

**ପାଟପୁର:** ସାନଖେମୁଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉ ସାହେବ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଲୋକଙ୍କୁ କରୋନାରୁ ରକ୍ଷା ଲାଗି ସଚେତନ କରିଥିଲେ। ଏଥିରେ ବ୍ଲକର ୨୬ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷ ସଙ୍ଗୀତା ବେହେରାଙ୍କ ଅଧ୍ୟକ୍ଷତାରେ ବିଡିଓ ଗାୟତ୍ରୀଦତ୍ତ ନାୟକ, ବ୍ଲକ ଉପାଧ୍ୟକ୍ଷ ଗୋବିନ୍ଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

**ପୋଲସରା:** ପୋଲସରା ବ୍ଲକ କାର୍ଯ୍ୟାଳୟ ପରିସରରେ କରୋନାକୁ ନେଇ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଉପସ୍ଥିତିରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ବିଦେଶରୁ ଆସୁଥିବା ବ୍ୟକ୍ତିଙ୍କ ଉପରେ ନଜର ରଖି ସ୍ୱାସ୍ଥ୍ୟ ପରୀକ୍ଷା କରାଇବା, ଦୋକାନ ବଜାର ବନ୍ଦ ରଖିବା, ଜନଗହଳି ନ କରିବା ଆଦିକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୋଲସରା ବିଧାୟକ ମଞ୍ଚାସୀନ ଥିବା ବେଳେ ବିଡିଓ ଶମ୍ଭୁନାଥ ନନ୍ଦି, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ, ଥାନାଧିକାରୀ ଜିତେନ୍ଦ୍ର କୁମାର ମଲିକ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ସରୋଜ କର, ସହକାରୀ ନିର୍ବାହୀ ଯନ୍ତ୍ରୀ ତୁଷାର କୁମାର ସାହୁ, ବ୍ଲକ ସହକାରୀ ଯନ୍ତ୍ରୀ ଗୋପାଳକୃଷ୍ଣ ଗୌଡ଼, ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହିତ ପାନୀୟ ଜଳର ସମସ୍ୟା ଉପରେ ଆଲୋଚନା ହୋଇଥିଲା।

**ଆର.ଉଦୟଗିରି:** ଆର.ଉଦୟଗିରି ପଞ୍ଚାୟତ ସମିତି ସଭାଗୃହରେ ବିଡିଓ ପ୍ରଦିପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ କରୋନା ମୁକାବିଲା ପାଇଁ ବୈଠକ ଅନୁଷ୍ଠିତ ହୋଇଛି। ଅତିରିକ୍ତ ବିଡିଓ ଦିବ୍ୟସିଂ କହଁର, ଜିଲା ପରିଷଦ ସଭ୍ୟ ଜାକବ ମାଝୀ, ବ୍ଲକ ଉପାଧ୍ୟକ୍ଷ ନବିନ ରହିତ, ଆର୍‌ଡବ୍ଲ୍ୟୁଏସ୍ଏସ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର କର ଯୋଗ ଦେଇଥିଲେ। ବିଡିଓ ନିଜ ବକ୍ତବ୍ୟରେ କହିଥିଲେ କରୋନାର ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ ଅଛି। ଗଜପତି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପ୍ରତି ବ୍ଲକରେ ଜରୁରୀ ବୈଠକ ଡକାଯାଇଛି। ଗୁରୁବାର ବିଭିନ୍ନ ପଞ୍ଚାୟତଗୁଡ଼ିକରେ କରୋନା ସଚେତନତା କାର୍ଯ୍ୟକ୍ରମ ସହ ପ୍ରତି ଲୋକଙ୍କୁ ସାବୁନ ବଣ୍ଟନ କରାଯାଇଥିଲା।

**ବୁଗୁଡ଼ା:** ବୁଗୁଡ଼ା ବ୍ଲକ ମାଣିତରା, ଗୋଳିଆ ଓ ବାଲିପଦର ପଞ୍ଚାୟତରେ ଗୁରୁବାର ତହସିଲ ପ୍ରଶାସନ ତରଫରୁ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଣିତରା ଉଚ୍ଚ ବିଦ୍ୟାଳୟ ଏବଂ ବାଲିପଦର ପଞ୍ଚାୟତ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ସଂଗ୍ରାମ କେଶରୀ ଜେନାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ଗୋଳିଆ ଉଚ୍ଚ ବିଦ୍ୟାଳୟରେ ତହସିଲଦାର ରବୀନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ୧୪ ଦିନ ପର୍ଯ୍ୟନ୍ତ ତାଙ୍କୁ ନଜର ରଖାଯିବା ନେଇ କର୍ମଚାରୀମାନେ ସଜାଗ ହେବାକୁ କୁହାଯାଇଥିଲା। କାର୍ଯ୍ୟକ୍ରମରେ ସମ୍ପୃକ୍ତ ପଞ୍ଚାୟତର ଅଙ୍ଗନୱାଡ଼ି ଓ ଆଶାକର୍ମୀଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚମାନେ ଯୋଗ ଦେଇଥିଲେ।


ପୋଲସରା: ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି।



ଆର୍.ଉଦୟଗିରି ପଞ୍ଚାୟତ ସମିତି ବୈଠକରେ ମଞ୍ଚାସିନ ଅତିଥି।

# ଭୟ ଭିତରେ ଖୁସି ଆଣିଲା ଫାଶୀ

## ମତାମତ

ଭୁବନେଶ୍ୱର,୨୦ା୩(ବ୍ୟୁରୋ): ନ୍ୟାୟ ମିଳିଲା, ହେଲେ ବହୁ ବିଳମ୍ବ ହୋଇଗଲା। ୨୦୧୨ ଡିସେମ୍ବର ୧୬ରୁ ୨୦୨୦ ମାର୍ଚ୍ଚ ୨୦। ଭାରତର ବୃହତ୍ ନ୍ୟାୟିକ ବ୍ୟବସ୍ଥା ସତ୍ତ୍ୱେ ଦୀର୍ଘ ୭ବର୍ଷ ଧରି ଆଇନ ସହ ଖେଳିଥିଲେ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀ ମୁକେଶ ସିଂ, ପବନ ଗୁପ୍ତା, ବିନୟ ଶର୍ମା ଓ ଅକ୍ଷୟ କୁମାର ସିଂ। ଶେଷରେ ଫାଶୀରୁ ବର୍ତ୍ତିବା ପାଇଁ ମଧ ସମସ୍ତ ଉଦ୍ୟମ ବିଫଳ ହେଲା। ଶୁକ୍ରବାର ସମଗ୍ର ଦେଶପାଇଁ ଏକ ନୂଆ ସକାଳ ନେଇ ଆସିଥିଲା। କରୋନା ଭାଇରସ୍ ପାଇଁ ଦେଶବାସୀ ଭୟଭୀତ ଅବସ୍ଥାରେ ଥିବାବେଳେ ଖୁସି ଭରିଦେଇଥିଲା ଫାଶୀ ସୂଚନା। ନ୍ୟାୟ ପାଇଁ ନିର୍ଭୟା ପରିବାରର ଲଢ଼େଇ ଓ ଫାଶୀକୁ ନେଇ ଧରିତ୍ରୀର ସ୍ୱତନ୍ତ୍ର ମତାମତ ଭିତ୍ତିକ ଉପସ୍ଥାପନା।

### ବିଳମ୍ବ ଯୋଗୁ ପ୍ରଭାବ ପଡ଼ିଲାନି



ନ୍ୟାୟ ମିଳିବାରେ ବିଳମ୍ବ ହେବାର ଉଚିତ୍ ନ ଥିଲା। ଏଥିଯୋଗୁ ନ୍ୟାୟ ବ୍ୟବସ୍ଥା ଉପରେ ସନ୍ଦେହ ସୃଷ୍ଟିହେଲା। ସଙ୍ଗେ ସଙ୍ଗେ ଫାଶି ହୋଇଥିଲେ ଯେଉଁଭଳି ପ୍ରଭାବ ପଡ଼ିଥାନ୍ତା, ଏବେ ସେମିତି ପ୍ରଭାବ ପଡ଼ିବନି। ପ୍ରତିଦିନ ଆମେ ଏମିତି ବହୁ ନିର୍ଭୟାଙ୍କୁ ହରାଉଛେ। କିନ୍ତୁ ବିଳମ୍ବ ନ୍ୟାୟ ଦ୍ୱାରା ଆମେ କେବେ ଆଉ ନିର୍ଭୟାକୁ ଫେରି ପାଇବାନି। ହେଲେ ଏମିତି ଦଣ୍ଡ ଦିଆଯିବାର ଥିଲା ଯେମିତି ଲୋକେ ବଳାତ୍କାର ଭଳି ଘୃଣ୍ୟ କାମ କରିବା ପୂର୍ବରୁ ଶହେଥର ଭାବିଥାନ୍ତେ। ସବୁଠାରୁ ଦୁଃଖର କଥା ହେଲା ୪ଜଣ ଦୋଷୀଙ୍କ ପାଇଁ କେତେଜଣ କ୍ଷମା ଆବେଦନ କରୁଥିଲେ। ଭାବିବା କଥା ଯେ ଯେତେବେଳେ ସେ ମହିଳା ଜଣକ ଜୀବନ ପାଇଁ ନେହୁରା ହେଉଥିଲେ, ସେତେବେଳେ ସେମାନେ କେଉଁଠି ଥିଲେ। ତୁମମାନଙ୍କ ଜୀବନ ଭଳି ଅନ୍ୟର ଜୀବନ ବି ମୂଲ୍ୟବାନ୍, ଏହା ବଳାତ୍କାର କରିବା ପୂର୍ବରୁ ଓ ବଳାକାରୀଙ୍କୁ କ୍ଷମା ଦେବାକୁ ନିବେଦନ କରୁଥିବା ଲୋକେ ଥରେ ଭାବିବା ଉଚିତ୍ ଥିଲା।

- ପଦ୍ମଶ୍ରୀ ଅରୁଣା ମହାନ୍ତି, ଓଡ଼ିଶୀ ନୃତ୍ୟଶିଳ୍ପୀ

### ମାର୍ଚ୍ଚ ୨୦ ନିର୍ଭୟା ନ୍ୟାୟ ଦିବସ



ମାର୍ଚ୍ଚ ୨୦ ସମଗ୍ର ଭାରତ ଓ ଓଡ଼ିଶାବାସୀଙ୍କ ପାଇଁ ଏକ ଖୁସିର ଦିନ। ଓଡ଼ିଆଙ୍କ ପାଇଁ ଏହା ନିର୍ଭୟା ନ୍ୟାୟ ଦିବସ। ଗଣମାଧ୍ୟମର ଚାପ ଓ ଜନସାଧାରଣଙ୍କ ପ୍ରବଳ ଦାବି ସତ୍ତ୍ୱେ ନିର୍ଭୟାଙ୍କୁ ନ୍ୟାୟ ମିଳିବାକୁ କାହିଁକି ୭ବର୍ଷ ଲାଗିଗଲା ତାହା ମୁଁ ଏବେ ବି ଭାବୁଛି। ପ୍ରତିଥର ଫାଶିର ତାରିଖ ଘୁଞ୍ଚିଯାଇ କ'ଣ ପାଇଁ ବଳାତ୍କାରୀମାନଙ୍କୁ ବିଜୟ ମନାଇବାର ସୁଯୋଗ ଦିଆଗଲା। ନ୍ୟାୟ ମିଳିବାରେ ବହୁଳ ବିଳମ୍ବ ହୋଇଗଲା। ଏହି ସମୟ ମଧ୍ୟରେ ଦୃଢ଼ତାର ସହ ଛିଡ଼ାହୋଇଥିବା ନିର୍ଭୟାଙ୍କ ମା' ଓ ସମର୍ଥକଙ୍କ ପ୍ରତି ମୋର ଶତପ୍ରଣାମ। ଆଗକୁ କୌଣସି ଝିଅ ଏମିତି କଷ୍ଟ ନ ପାଆନ୍ତୁ କି ଭାରତରେ ଏଭଳି ଘୃଣ୍ୟ ଅପରାଧ ଆଉ ନ ହେଉ ଏହା ହିଁ ମୋର କାମନା।

- ଡ. ଅନୀତା ସାବତ, ସାମାଜିକ କର୍ମୀ

### ସବୁ ମା'ବାପା ନିର୍ଭୟାଙ୍କ ମା' ଭଳି ଦୃଢ଼ମନା ହୁଅନ୍ତୁ



ନିର୍ଭୟାଙ୍କୁ ଶେଷରେ ଆଜି ନ୍ୟାୟ ମିଳିଥିବାରୁ ବହୁତ ଖୁସି ଲାଗୁଛି। ଉଚ୍ଚ ନ୍ୟାୟାଳୟ ଉପରେ ବିଶ୍ୱାସ ଆହୁରି ବଢ଼ିଯାଇଛି। କୋର୍ଟରେ ହଜାର ହଜାର ମାମଲା ପଡ଼ି ରହୁଥିବାରୁ ତାହାର ସମାଧାନ ଓ ନ୍ୟାୟ ମିଳିବାରେ ବିଳମ୍ବ ହୋଇଯାଇଛି। ନିର୍ଭୟା ମା'ଙ୍କ ଧୈର୍ଯ୍ୟକୁ ମୁଁ ସମ୍ମାନ ଦେଉଛି। ନିର୍ଭୟାଙ୍କ ଭଳି ବଳାତ୍କାରର ଶିକାର ହେଉଥିବା ଝିଅଙ୍କ ମା' ଓ ବାପାମାନେ ତାଙ୍କଭଳି ଦୃଢ଼ ମନା ହେବା ଦରକାର। ଝିଅ ଓ ପୁଅଙ୍କ ମଧ୍ୟରେ ଭେଦଭାବର ମାନସିକତା ବଦଳାଇବା ଦରକାର।

- ଧରିତ୍ରୀ ସାହୁ, ଛାତ୍ରୀ

### ନିର୍ଭୟାଙ୍କ ମା'ଙ୍କୁ ସାଲ୍ୟୁଟ, ଉଦାହରଣ ହୋଇଛନ୍ତି ସୀମା



ଶୁକ୍ରବାର ସକାଳେ ମୋତେ ଏମିତି ଲାଗିଲା ଯେମିତି ଆଜି ମହିଳା ଦିବସ। ୭ବର୍ଷ ୩ମାସ ପରେ ଶେଷରେ ଦେଶର ଝିଅଙ୍କୁ ନ୍ୟାୟ ମିଳିଲା। ସବୁଠାରୁ ଅଧିକ କ୍ରେଡିଟ୍ ମୁଁ ନିର୍ଭୟାଙ୍କ ମା' ଓ ତାଙ୍କ ପାଇଁ ଲଢ଼ିଥିବା ଓକିଲଙ୍କୁ ଦେବି। ଦୀର୍ଘବର୍ଷ ଧରି ନିଜ ଝିଅ ପାଇଁ ଲଢ଼ିବା, କୋର୍ଟ ଦୌଡ଼ିବା କୌଣସି ଭାରତୀୟ ମହିଳା ପାଇଁ ସହଜ ନୁହେଁ। ସେ ଏହାକୁ ପ୍ରମାଣିତ କରିଛନ୍ତି ଯେ, ଜଣେ ନାରୀ ଚାହିଁଲେ ସବୁକିଛି କରିପାରିବ। ତାଙ୍କୁ ଆଜି ସାରା ଦେଶ ସାଲ୍ୟୁଟ୍ କରୁଛି। ତାଙ୍କ ଓକିଲ ସୀମା ବିଶ୍ୱାସଙ୍କୁ ମୁଁ ବହୁତ ଧନ୍ୟବାଦ ଦେବି। ପ୍ରତି ଭାରତୀୟ ଓ ପ୍ରତି ନାରୀଙ୍କ ପାଇଁ ଆଜି ସେ ଉଦାହରଣ। ଜୀବନ ପ୍ରତି ବିପଦ ଥାଇ ମଧ ଟଙ୍କାଟିଏ ପାରିଶ୍ରମିକ ନନେଇ ସେ ଲଢ଼େଇ ଜାରି ରଖିଥିଲେ। ତେବେ ହାଇଦ୍ରାବାଦ ଘଟଣା ଭଳି ଯଦି ସଙ୍ଗେ ସଙ୍ଗେ ନ୍ୟାୟ ମିଳିଥାନ୍ତା ତା'ହେଲେ ଅଧିକ ଖୁସି ଲାଗିଥାନ୍ତି।

- ପୁନମ ମିଶ୍ର, ଅଭିନେତ୍ରୀ

### ନିର୍ଭୟାଙ୍କୁ ନ୍ୟାୟ ମିଳିଛି



ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ୭ ବର୍ଷ ପରେ ଫାଶୀ ଦିଆଯାଇଛି। ବିଳମ୍ବ ହେଲେ ବି ନିର୍ଭୟାଙ୍କୁ ନ୍ୟାୟ ମିଳିଛି। ଏହାଦ୍ୱାରା ଭାରତୀୟ ନ୍ୟାୟପାଳିକାର ସମ୍ମାନ ସର୍ବୋଚ୍ଚ ହୋଇଛି। ଆଇନରେ ସଂଶୋଧନ ଅଣାଯିବା ଆବଶ୍ୟକ, ଯାହାଦ୍ୱାରା ଶୀଘ୍ର ନ୍ୟାୟ ପ୍ରଦାନ କରାଯାଇପାରିବ।

- ବଂଶୀଧର ଶତପଥୀ, ଆଇନଜୀବୀ

### ବିଳମ୍ବ ହେଲେ ବି ଉପଯୁକ୍ତ ଦଣ୍ଡ



ନିର୍ଭୟା ଗଣବଳାତ୍କାର ମାମଲାର ୪ ଦୋଷୀଙ୍କୁ ଶୁକ୍ରବାର ଫାଶୀ ଦିଆଯାଇଛି। ନ୍ୟାୟିକ ବ୍ୟବସ୍ଥା ପାଇଁ ବିଳମ୍ବ ହୋଇଥିଲେ ମଧ ଦୋଷୀମାନେ ଉପଯୁକ୍ତ ଦଣ୍ଡ ପାଇଛନ୍ତି। ନିର୍ଭୟା ଆତ୍ମା ଶାନ୍ତି ପାଇଛି। ଏହିଭଳି ଅନ୍ୟ ବଳାତ୍କାର ମାମଲାର ଫଇସଲା ତୁରନ୍ତ କରାଯାଇ ଦୋଷୀଙ୍କୁ ଫାଶୀ ଦିଆଯିବା ଆବଶ୍ୟକ। ଦୋଷୀ ଦଣ୍ଡ ପାଇବା ଦରକାର। ଆଇନର ଫାଙ୍କ ଦେଇ ଏହି ୪ ଦୋଷୀଙ୍କୁ ଯେଉଁଭଳି ଦିନ ପରେ ଦିନ ଗଡ଼ାଗଲା ଅନ୍ୟ ମାମଲାରେ ପୁନରାବୃତ୍ତି ନ ହେଉ।

- ଅଞ୍ଜନା ମିଶ୍ର, ସାମାଜିକ କର୍ମୀ, ଭଦ୍ରକ



ନିମ୍ନ ଅଦାଲତଠାରୁ ଆରମ୍ଭ କରି ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ନିର୍ଭୟା ମାମଲାର ବିଚାର କରାଯାଇଛି। ଡେରିରେ ହେଉ ପଛେ ନିର୍ଭୟା ଦୋଷୀଙ୍କୁ ଦଣ୍ଡ ମିଳିଛି। ଏହି ଦଣ୍ଡ ବିଧାନ ଏଣିକି ବଳାତ୍କାର ଓ ଅସଦାଚରଣ ଭଳି ଅପରାଧକୁ ରୋକିପାରିବ ବୋଲି ଆଶା କରାଯାଉଛି।

- ନିର୍ମଳ ସାହୁ, ଆଇନଜୀବୀ, ବ୍ରହ୍ମପୁର



ନିର୍ଭୟା ଗଣବଳାତ୍କାର ଭଳି ଜଘନ୍ୟ ଅପରାଧ ପାଇଁ ମୃତ୍ୟୁଦଣ୍ଡ। ୪ ଦୋଷୀଙ୍କୁ ଭାରତୀୟ ନ୍ୟାୟିକ ବ୍ୟବସ୍ଥା ବହୁତ ଡ଼େରିରେ ଦଣ୍ଡ ଦେଇଛନ୍ତି। ଏହି ଦଣ୍ଡ ଦେଶରେ ନାରୀମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରକୁ ନିୟନ୍ତ୍ରଣ କରିବ ବୋଲି ଆଶା ରହିଛି।

-ମନୋଜ ପଟ୍ଟନାୟକ, ଆଇନଜୀବୀ, ବ୍ରହ୍ମପୁର



ତିହାର ଜେଲରେ ୪ ଜଣ ଦୋଶୀଙ୍କୁ ଫାଶୀଦଣ୍ଡ ଦିଆଯିବା ଭାରତ ବର୍ଷରେ ଏଭଳି ଘଟଣା ପ୍ରଥମ। ବଳତ୍କାରୀଙ୍କୁ ଏଭଳି ଦଣ୍ଡ ଦିଆଯିବା ଉଚିତ। ୭ ବର୍ଷ ପରେ ନିର୍ଭୟାଙ୍କ ମା' ଆଶା ଦେବୀଙ୍କୁ ନ୍ୟାୟ ମିଳିଛି।

- ରଘୁନାଥ ପାଣିଗ୍ରାହୀ, ଆଇନଜୀବୀ



ଦୀର୍ଘ ୭ ବର୍ଷ ପରେ ଭାରତୀୟ ନ୍ୟାୟିକ ବ୍ୟବସ୍ଥା ଉପରେ ମୋର ବିଶ୍ୱାସ ଆସିଲା। ନିର୍ଭୟା ଦୋଷୀଙ୍କୁ କେବେ ଫାଶୀ ଦିଆଯିବ, ସେହି ଦିନକୁ ମୁଁ ଅପେକ୍ଷା କରିଥିଲି। ଶେଷରେ ଧର୍ମର ବିଜୟ ହୋଇଛି ଓ ନିର୍ଭୟାଙ୍କୁ ନ୍ୟାୟ ମିଳିଛି। ଏହା ଅପରାଧ କମାଇବା ପାଇଁ ମଧ ସହାୟକ ହେବ।

-ରୁବି ଖେମଣି, ମାରୱାଡ଼ି ମହିଳା ସମିତି ସମ୍ପାଦିକା



ନିର୍ଭୟାଙ୍କ ମା'ଙ୍କୁ ନ୍ୟାୟ ମିଳିଥିବାରୁ ମୁଁ ବହୁତ ଖୁସି। ନିର୍ଭୟାଙ୍କ ଆତ୍ମାକୁ ଆଜି ଶାନ୍ତି ମିଳିଥିବ। ଏହିଭଳି ଜଘନ୍ୟ କାଣ୍ଡ ପାଇଁ ଫାଶୀ ଏକମାତ୍ର ଦଣ୍ଡ। ୪ ଦୋଷୀଙ୍କୁ କେବଳ ଦଣ୍ଡ ଦିଆଯାଇ ନାହିଁ ବରଂ ସମସ୍ତ ନାରୀଙ୍କୁ ନ୍ୟାୟ ମିଳିଛି। ଶେଷରେ ଧର୍ମର ଜୟ ହୋଇଛି।

-ମଙ୍ଗୁଳଚରଣ ପାଣିଗ୍ରାହୀ, ଶିକ୍ଷକ

# ମହିଳା ସଙ୍ଗଠନ ସହ ମିଶି ଲୋକଙ୍କୁ ସଚେତନ କଲେ ଏସ୍‌ପି

ପାରଳାଖେମୁଣ୍ଡି, ୨୦ା୩ (ସ୍ୱ.ପ୍ର.)

ମହିଳା ସଙ୍ଗଠନ ଆକାଂକ୍ଷାର ସଦସ୍ୟା ଓ ଗଜପତି ଏସ୍‌ପି ସାରା ଶର୍ମା ଲୋକମାନଙ୍କୁ କରୋନା ସମ୍ପର୍କରେ ସଚେତନ କରାଇଛନ୍ତି। ଏଥିରେ ଗଜପତି ପୋଲିସ ଓ ସ୍ୱାସ୍ଥ୍ୟ ସମିତି ସଦସ୍ୟମାନେ ସହଯୋଗ କରିଛନ୍ତି। ଶୁକ୍ରବାର ସେମାନେ ପାରଳାଖେମୁଣ୍ଡି ଦୈନିକ ବଜାର ଛକରେ ବୁଲି ବିଭିନ୍ନ ଦୋକାନରେ ଭିଡ଼ ଜମାଇଥିବା ଲୋକଙ୍କୁ କରୋନାର ଭୟାବହତା ସମ୍ପର୍କରେ ବୁଝାଇଥିଲେ। ବିନା କାରଣରେ ଗହଳି ନ ଜମାଇବାକୁ ପରାମର୍ଶ ଦିଆଯାଇଥିଲା। କରୋନାକୁ ନ ଡରି ସତର୍କ ଓ ସଚେତନ ହୋଇ ଏହାର ମୁକାବିଲା କରିବାକୁ ସେ ପରାମର୍ଶ ଦେଇଥିଲେ। ସର୍ବସାଧାରଣ ସ୍ଥାନରେ ଜଣେ ଜଣଙ୍କଠାରୁ ବ୍ୟବଧାନ ରଖିବା ଆବଶ୍ୟକ ବୋଲି ସେ ବୁଝାଇଥିଲେ। ଦୋକାନୀମାନେ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ନିଜ ଦୋକାନରେ ଆବଶ୍ୟକତାଠାରୁ ଅଧିକା ଗହଳି ନ ଜମାଇବା ପାଇଁ ଚେଷ୍ଟା କରିବା ଆବଶ୍ୟକ ବୋଲି ସଚେତନ କରାଯାଇଛି। ଥାନାଧିକାରୀ ବିବେକାନନ୍ଦ ସ୍ୱାଇଁ, ଆକାଂକ୍ଷା ମହିଳା ସଂଗଠନ ସଭାନେତ୍ରୀ ମୀନାକ୍ଷୀ ସାହୁ, ସମ୍ପାଦିକା ମୀନା କୁମାରୀ ଟହଲ ପ୍ରମୁଖ ଉପସ୍ଥିତ ଥିଲେ।



କରୋନା ଭାଇରସ୍‌କୁ ଦୃଷ୍ଟିରେ ରଖି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ 'ସେଫ୍ ହ୍ୟାଣ୍ଡସ୍' ଚ୍ୟାଲେଞ୍ଜ' ଆରମ୍ଭ କରିଛି। ନିକଟରେ ଏକତା କପୁର ମଧ ଏହି ଚ୍ୟାଲେଞ୍ଜ ନେଇଥିଲେ। ଏଥିପାଇଁ ସେ ହୋଇଛନ୍ତି ଟ୍ରୋଲ୍ । ସ୍ମୃତି ଇରାନୀ ଏକତାଙ୍କୁ ସେଫ୍ ହ୍ୟାଣ୍ଡସ୍ ଚ୍ୟାଲେଞ୍ଜ ପାଇଁ ମନୋନୀତ କରିଥିଲେ। ଏହାର ଏକ ଭିଡିଓ ଏକତା ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଶେୟାର କରିଛନ୍ତି। ରିଙ୍ଗ ଏବଂ ବ୍ରେସ୍‌ଲେଟ୍‌ରେ ଭର୍ତ୍ତି ଏହି ହାତକୁ ଧୋଇବା ପାଇଁ ମୋତେ ୧ ମିନିଟରୁ ଅଧିକ ସମୟ ଲାଗିଛି। ୨୦ ସେକେଣ୍ଡର ଏହି ଚ୍ୟାଲେଞ୍ଜକୁ କରିବା ପାଇଁ ଏକତାଙ୍କୁ ୧ ମିନିଟରୁ ଅଧିକ ସମୟ ଲାଗିଥିବାରୁ ହାତରୁ ଗହଣା ବାହାର କରି ଧୋଇବାକୁ ଲୋକେ ତାଙ୍କୁ ଉପଦେଶ ଦେଇଛନ୍ତି।

# ସତ ହେଲା ବାଇବେଲର କାହାଣୀ



**ତେଲଆଭିଭ୍:** ବାଇବେଲରେ ଥିବା ଏକ କାହାଣୀ ଅନୁସାରେ ଏବେ ପ୍ରତ୍ନତତ୍ତ୍ୱବିଦମାନେ ଏଭଳି ଏକ ସ୍ଥାନ ସମ୍ପର୍କରେ ସୂଚନା ପାଇଛନ୍ତି ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ପୁସ୍ତକରେ ଥିବା ଏକ ଗପ ଅନୁସାରେ ଏଭଳି ଏକ ସ୍ଥାନ ଥିଲା ଯାହା ସ୍ୱତନ୍ତ୍ରଭାବେ ପଥରରେ ବେଦି ଭଳି ତିଆରି ହୋଇଥିଲା। ଏଇ ବେଦି ଉପରେ ଇସଲାମ ଧର୍ମର ଲୋକେ ଶାନ୍ତିର ପ୍ରସାଦ ତିଆରି କରୁଥିଲେ ବୋଲି ଗପରେ ବର୍ଣ୍ଣନା ରହିଛି। ପ୍ରତ୍ନତତ୍ତ୍ୱବିଦ୍ ଏଡମ୍ ଜର୍ଣ୍ଣାଲଙ୍କ କହିବା ଅନୁସାରେ ମାଉଣ୍ଟ ଏବଲ ସହିତ ଇସ୍ରାଏଲର ମାନସେହ ଠାରେ ଭୂମି ସର୍ବେକ୍ଷଣ ସମୟରେ ଜଣାପଡ଼ିଛି କି ୧୫୦ ମିଟର ତଳେ ଏଭଳି ଏକ ସ୍ଥାନ ରହିଛି ଯାହା ଗପରେ ବର୍ଣ୍ଣିତ ସ୍ଥାନ ଭଳି ଜଣାପଡ଼ିଛି। ଇତିହାସରୁ ଜଣାପଡ଼ିଛି କି ଅତୀତରେ ଏହି ସ୍ଥାନ ଏକ ପବିତ୍ର ତଥା ଧାର୍ମିକ ସ୍ଥାନଭାବେ ପରିଚିତ ଥିଲା। ଇସ୍ରାଏଲର ଅଧିକାଂଶ ପ୍ରତ୍ନତତ୍ତ୍ୱବିଦ୍‌ଙ୍କ ଅନୁସାରେ ଲୌହ ଯୁଗରେ ମାନସେହର ଏହି କ୍ଷେତ୍ରରେ ଧାର୍ମିକ କାର୍ଯ୍ୟ ହେଉଥିଲା । ଏହି ସ୍ଥାନ ସମ୍ପର୍କରେ ଜଣାପଡ଼ିବା ପରେ ଏବେ ବାଇବେଲର କାହାଣୀରେ ବର୍ଣ୍ଣିତ ହୋଇଥିବା ସେହି ପବିତ୍ର ବେଦି ନେଇ ଚର୍ଚ୍ଚା ହେଉଛି।

# କମ୍ପ୍ୟୁଟର ଗର୍ଲ

**ହିସାର:** କମ୍ପ୍ୟୁଟର ଠାରୁ ବି ଶୀଘ୍ର ଉତ୍ତର ଦେଇପାରୁଛନ୍ତି ଦୁଇ ବର୍ଷର ବାଳିକା । ସେଥିପାଇଁ ଏବେ ଏହି ବାଳିକାଙ୍କୁ କମ୍ପ୍ୟୁଟର ଗର୍ଲ କୁହାଯାଉଛି। ଏଭଳି ବିଚକ୍ଷଣ ସ୍ମରଣ ଶକ୍ତି ଥିବା ବାଳିକା ଜଣକ ହେଉଛନ୍ତି ସନାୟା ହୁଡା। ତାଙ୍କ ଘର ହରିୟାଣାର ରୋହତକ ଜିଲ୍ଲାରେ। ସନାୟାଙ୍କର ଏଭଳି ଅଦ୍ଭୁତ ପ୍ରତିଭା ସମ୍ପର୍କରେ ଜାଣିବା ପରେ ଏବେ ସବୁ ଅଞ୍ଚଳରେ ତାଙ୍କୁ ନେଇ ଲୋକଙ୍କ ମନରେ କୌତୁହଳ ସୃଷ୍ଟି ହୋଇଛି । କୁହାଯାଏ ପ୍ରତିଭା ଲୋକଲୋଚନକୁ ଆସିବାକୁ ବେଶୀ ସମୟ ଲାଗେନି । ଏହାର ଏକ ବଡ଼ ପ୍ରମାଣ ହେଉଛନ୍ତି ସନାୟା । ମାତ୍ର ଦୁଇ ବର୍ଷ ବୟସରେ ସେ ଦେଶ ବିଦେଶର ନାଁ ସହ ସବୁ ଦେଶର ରାଜଧାନୀ ତଥା ଇତିହାସର ବିଭିନ୍ନ ତଥ୍ୟ ଏବଂ ରାଜନେତାଙ୍କ ସମ୍ପର୍କରେ ବହୁ ତଥ୍ୟ ଦେଇପାରୁଛନ୍ତି। ଖାଲି ସେତିକି ନୁହେଁ ବିଭିନ୍ନ ଦେଶର ରାଷ୍ଟ୍ରଧ୍ୱଜକୁ ମଧ ସେ ଦେଖିବା ମାତ୍ରେ କହିପାରନ୍ତି। ଏହା ସହିତ ଭାରତର ସବୁ ରାଜ୍ୟର ରାଜଧାନୀର ନାଁ ବି କେଇ କ୍ଷଣରେ କହିପାରନ୍ତି। ସନାୟାଙ୍କର ଏଇ ପ୍ରତିଭା ଜଣା ପଡ଼ିଥିଲା ମାତ୍ର ୬ ମାସରୁ ଯେତେବେଳେ ସେ କଥା କହିବା ଆରମ୍ଭ କରିଥିଲେ। ଏହା ପରଠାରୁ ସେ ଯାହା ଶୁଣିଥିଲେ ଖୁବଶୀଘ୍ର ସବୁ ମନେ ରଖି ଦେଉଥିଲେ। ଏବେ ସେ ଭାରତ ସମେତ ବିଭିନ୍ନ ଦେଶର ପ୍ରଧାନମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀଙ୍କ ନାଁ ସହିତ କେଉଁ ଜିନିଷକୁ କିଏ ଆବିଷ୍କାର କରିଛନ୍ତି, ବିଭିନ୍ନ ରାଜ୍ୟର ବିଧାନସଭା ସିଟ୍ ଆଦି ସମ୍ପର୍କରେ ଖୁବ୍ ସହଜରେ କହିପାରୁଛନ୍ତି। ସେଥିପାଇଁ ତାଙ୍କୁ ଲୋକେ କମ୍ପ୍ୟୁଟର ଗାର୍ଲ ବୋଲି କହୁଛନ୍ତି ।



# ହୃଦ୍‌ରୋଗୀଙ୍କୁ ସୁସ୍ଥ ରଖେ ସଙ୍ଗୀତ



**ଲଣ୍ଡନ:** ଦିନକୁ ୧ ଘଣ୍ଟା ସଙ୍ଗୀତ ଶୁଣିଲେ ହାର୍ଟ ପାଇଁ ବହୁତ ଭଲ। ସର୍ବିୟାର ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏକ ଗବେଷଣା କରି ଏହା କହିଛନ୍ତି। ସଙ୍ଗୀତ ଚିନ୍ତା ଏବଂ ଦୁଃଖ ଦୂର କରିବା ସହ ଯନ୍ତ୍ରଣା ମଧ ଦୂର କରିଥାଏ। ବିଶେଷଜ୍ଞମାନେ କୁହନ୍ତି, ହାର୍ଟ ଆଟାକ୍ ବା ହୃଦ୍‌ରୋଗ ହେଲେ ଛାତିରେ ଦରଜ ଅନୁଭବ ହୁଏ। ହୃଦ୍‌ରୋଗୀମାନେ ସଙ୍ଗୀତ ଶୁଣିଲେ ଏହି ଦରଜ କମିଥାଏ। ବେଲ୍‌ଗ୍ରେଡ୍ ୟୁନିଭର୍‌ସିଟିର ପ୍ରଫେସର ପ୍ରିଡ୍ରାଗ୍ ମାଇଟ୍ରୋଭିକ୍ କୁହନ୍ତି, ୩୫୦ ହୃଦ୍‌ରୋଗୀଙ୍କୁ ନେଇ ଏକ ଅଧ୍ୟୟନ କରାଯାଇଥିଲା। ଏହାକୁ ଆଧାର କରି ମ୍ୟୁଜିକ୍ ଥେରାପୀ ହୃଦ୍‌ରୋଗୀଙ୍କ ପାଇଁ ବହୁତ ଭଲ ବୋଲି କୁହାଯାଉଛି। ଏହି ଅଧ୍ୟୟନ ୭ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା। ଯେଉଁଥିରେ ଜଣାପଡ଼ିଥିଲା ମ୍ୟୁଜିକ୍ ଥେରାପୀରୁ ଅଧିକ ହୃଦରୋଗୀ ଭଲ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୧୮ ପ୍ରତିଶତ ରୋଗୀଙ୍କର ହାର୍ଟ ଫେଲ୍ ଥିଲା। ଦ୍ୱିତୀୟ ଆଟାକ୍‌ଙ୍କ ସଂଖ୍ୟା ୨୩ ପ୍ରତିଶତ କମ୍ ଥିଲା। କଲେଜ ଅଫ୍ କାର୍ଡିଓଲୋଜିର ଆନୁଆଲ ସାଇଣ୍ଟିଫିକ୍ ଏବଂ ୱାର୍ଲ୍ଡ କଗ୍ରାଡ୍ ଅଫ୍ କାର୍ଡିଓଲୋଜିର ମିଳିତ ଭାବେ ଏହି ଗବେଷଣା କରିଥିଲେ। ଅଧଘଣ୍ଟା ସଙ୍ଗୀତ ଶୁଣିଲେ ହାର୍ଟ ସୁସ୍ଥ ରହେ। କାରଣ ସଙ୍ଗୀତ ହୃଦ୍‌ରୋଗୀଙ୍କୁ ଆକର୍ଷିତ କରିବା ସହ ରୋଗୀ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ।

## ପ୍ରଥମ କେସ୍ ଜିତିଲେ ସୀମା କୁଶଓ୍ୱାହା

# ଆଇଏଏସ୍ ଅଫିସର ହେବାକୁ ଚାହୁଁଥିଲେ 'ନିର୍ଭୟା ନାୟିକା'

**ନୂଆଦିଲ୍ଲୀ:** ନିର୍ଭୟା ବଳାତ୍କାର ଘଟଣାରେ ୪ ଦୋଷୀଙ୍କୁ ଫାଶୀ ମିଳିବା ପରେ ଏବେ ଚର୍ଚ୍ଚାରେ ନିର୍ଭୟାଙ୍କ ଓକିଲ ସୀମା କୁଶଓ୍ୱାହ। ୨୦୧୨ର ଏହି ଘଟଣା ପରଠାରୁ ସେ ମାମଲାରେ ନିଜକୁ ଯୋଡିଥିଲେ। ରାଷ୍ଟ୍ରପତି ଭବନ, ଇଣ୍ଡିଆ ଗେଟ୍ ଆଦି ବିଭିନ୍ନ ସ୍ଥାନରେ ନିର୍ଭୟାଙ୍କୁ ନ୍ୟାୟ ଦାବିରେ ହେଉଥିବା ବିକ୍ଷୋଭରେ ସେ ନିଜକୁ ସାମିଲ କରିଥିଲେ। କିନ୍ତୁ ପରେ ସେ ନିଜେ ଏହି କେସ୍ ଲଢିବାକୁ ଚାହିଁଥିଲେ। ଏହା ତାଙ୍କ କ୍ୟାରିୟରର ପ୍ରଥମ କେସ୍ ବୋଲି କୁହାଯାଉଛି। ସାଢେ ୭ ବର୍ଷ ମଧ୍ୟରେ ସେ ବିନା ପାରିଶ୍ରମିକରେ କେସ୍ ଲଢିବା ସହ ନିର୍ଭୟା ଘଟଣାର ନାୟିକା ହୋଇ ସମସ୍ତଙ୍କ ହୃଦୟ ମଧ ଜିତିଛନ୍ତି।

ଦିଲ୍ଲୀ ୟୁନିଭର୍ସିଟିରେ ସୀମା ଆଇନ ପଢିଥିଲେ। ପ୍ରଥମରୁ ସେ ଆଇଏଏସ୍ ହେବାକୁ ଚାହୁଁଥିବା ନେଇ ଏକ ସାକ୍ଷାତକାରରେ କହିଥିଲେ। ପରବର୍ତ୍ତୀ ସମୟରେ ଓକିଲାତି ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ୨୦୧୨ରେ ସେ ଟ୍ରେନିଂ ନେଉଥିବା ସମୟରେ ନିର୍ଭୟା ଘଟଣା ତାଙ୍କୁ ବ୍ୟଥିତ କରିଥିଲା। ପୀଡିତାଙ୍କୁ ନ୍ୟାୟ ଦେବାକୁ ସେ ବିକ୍ଷୋଭ, ଆନ୍ଦୋଳନରେ ସାମିଲ ହୋଇଥିଲେ। ହେଲେ ଏଥିରେ ତାଙ୍କ ମନ ମାନି ନ ଥିଲା। ଶେଷରେ ନିଜେ ଏହି ମାମଲା ଲଢିବାକୁ ଆଗେଇ ଆସିଥିଲେ। କେସ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତିଟି ମୁହୂର୍ତ୍ତ ତାଙ୍କ ପାଇଁ ଚ୍ୟାଲେଞ୍ଜିଂ ଥିଲା ବୋଲି ସେ କହିଛନ୍ତି। କେବଳ କୋର୍ଟ କଚେରୀରେ ନୁହେଁ ବାହାରେ ମଧ ନିର୍ଭୟାଙ୍କ ପରିବାର ସହ ଛିଡା ହୋଇ ସେମାନଙ୍କୁ ମନୋବଳ ଯୋଗାଇଥିଲେ। ଦୋଷୀଙ୍କୁ ଫାଶୀ ହେବା ପରେ ସେ ଖୁସି ବ୍ୟକ୍ତ କରିଛନ୍ତି। ୭ ବର୍ଷ ପରେ ହେଉ ପଛେ ଶେଷରେ ନିର୍ଭୟାଙ୍କୁ ନ୍ୟାୟ ମିଳିଛି ବୋଲି ସେ କହିଛନ୍ତି। ଫାଶୀ ପରେ ନିର୍ଭୟାଙ୍କ ମା' ପ୍ରଥମେ କୁଶଓ୍ୱାହାଙ୍କୁ କୃତଜ୍ଞତା ଜଣାଇଥିଲେ।



ନିର୍ଭୟାଙ୍କ ଓକିଲ ସୀମା କୁଶଓ୍ୱାହଙ୍କ ସହ ମା' ଆଶାଦେବୀ

# ନିର୍ଭୟା ଦୋଷୀଙ୍କ ଆୟ ୧.୩୭ ଲକ୍ଷ

**ନୂଆଦିଲ୍ଲୀ:** ନିର୍ଭୟାଙ୍କୁ ମିଳିଛି ନ୍ୟାୟ। ତିହାର ଜେଲ୍‌ରେ ଫାଶୀରେ ଝୁଲିଛନ୍ତି ନିର୍ଭୟା ଗଣବଳାତ୍କାର ଏବଂ ହତ୍ୟା ମାମଲାର ୪ ଦୋଷୀ। ଆଉ ତା' ସହିତ ଶେଷ ହୋଇଛି ଦୀର୍ଘ ୭ବର୍ଷର ଆଇନଗତ ପ୍ରକ୍ରିୟା ଏବଂ ସବୁ ଦ୍ୱନ୍ଦ୍ୱରେ ପଡ଼ିଛି ଯବନିକା। ହେଲେ ତିହାର ଜେଲ୍‌ରେ ବନ୍ଦୀଜୀବନ କାଟୁଥିବାବେଳେ ଅପରାଧୀମାନେ ସଞ୍ଚିଛନ୍ତି ୧ ଲକ୍ଷ ୩୭ ହଜାର ଟଙ୍କା, ଯାହା ସେମାନଙ୍କ ପରିବାର ସଦସ୍ୟଙ୍କୁ ପ୍ରଦାନ କରାଯିବ।

ଜେଲରେ କାରାବାସ ସମୟରେ ଅଭିଯୁକ୍ତ ଚାହିଁଲେ କାମ କରିପାରିବେ। ଏଥିଲାଗି ସେମାନଙ୍କୁ ପାରିଶ୍ରମିକ ଦିଆଯିବା ବ୍ୟବସ୍ଥା ରହିଛି। ଏହିକ୍ରମରେ ନିର୍ଭୟା ମାମଲାର ଅନ୍ୟତମ ଦୋଷୀ ଅକ୍ଷୟ ୬୯ ହଜାର ଟଙ୍କା ଆୟ କରିଛନ୍ତି। ସେହିପରି ବିନୟ ଶର୍ମା ୩୯ ହଜାର, ପବନ ଗୁପ୍ତାଙ୍କୁ ୨୯ ହଜାର ଟଙ୍କା ପାରିଶ୍ରମିକ ବାବଦରେ ସଞ୍ଚୟ କରିଛନ୍ତି। ତେବେ ମୁକେଶ ସିଂ କାମ ପାଇଁ ଆବେଦନ କରି ନ ଥିବା ଜଣାପଡ଼ିଛି। ସେହିପରି ଜେଲରେ ଦଣ୍ଡ ଭୋଗୁଥିବା ସମୟରେ ୨୦୧୬ରେ ମୁକେଶ, ପବନ ଏବଂ ଅକ୍ଷୟ ୧୦ମ ଶ୍ରେଣୀରେ ନାମ ଲେଖାଇଥିଲେ। ହେଲେ ସେମାନେ କୃତକାର୍ଯ୍ୟ ହୋଇପାରି ନ ଥିଲେ। ସେହିପରି ୨୦୧୫ରେ ବିନୟ ବର୍ଷିକିଆ ସ୍ନାତକ ପାଠ୍ୟକ୍ରମରେ ନାମ ଲେଖାଇଥିଲେ। ହେଲେ ଆଇନଗତ ପ୍ରକ୍ରିୟା, ମାମଲାର ଶୁଣାଣି କାରଣରୁ ସେ ଏହାକୁ ସମ୍ପୂର୍ଣ୍ଣ କରିପାରି ନ ଥିଲେ।

ଜେଲ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଫାଶୀ ପାଇଥିବା ସମ୍ପୃକ୍ତ ୪ ଦୋଷୀ ଜେଲ୍‌ରେ ଥିବା ସମୟରେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିଛନ୍ତି। ଜେଲ୍ ନିୟମ ଭଙ୍ଗ କରି ଅକ୍ଷୟ ଥରେ ଦଣ୍ଡିତ ହୋଇଛନ୍ତି। ସେହିପରି ମୁକେଶଙ୍କୁ ୩ ଥର, ପବନଙ୍କୁ ୮ଥର ଏବଂ ବିନୟଙ୍କୁ ସର୍ବାଧିକ ୧୧ ଥର ଦଣ୍ଡ ଦିଆଯାଇଛି। ଅନ୍ୟ କଏଦୀଙ୍କୁ ଗାଳିଗୁଲଜ କରିବା, ଜେଲର ଆସିବା ସମୟରେ ଠିଆ ନ ହେବା, ତମାଖୁ ଖାଇବା, ମାର୍‌ପିଟ୍ କରିବା ଆଦି ଅଭିଯୋଗରେ ଏହି ଦଣ୍ଡ ବିଧାନ କରାଯାଇଥିଲା। ଦଣ୍ଡ ସ୍ୱରୂପ ସେମାନଙ୍କୁ ଜେଲରେ ଯୋଗାଇ ଦିଆଯାଉଥିବା ସୁବିଧାକୁ ହଟାଇ ନିଆଯାଇଥିଲା। ସୂଚନାଯୋଗ୍ୟ, ବନ୍ଦୀଙ୍କ ଆଚରଣକୁ ଜେଲରେ ଅନୁଧ୍ୟାନ କରାଯାଇଥାଏ। ଏ ନେଇ ଜେଲ୍ କର୍ତ୍ତୃପକ୍ଷ ସେସନ୍ସ କୋର୍ଟକୁ ଅବଗତ କରାଇଥାନ୍ତି। ଏହାର ସମୀକ୍ଷା କରାଯାଇ ଦଣ୍ଡକୁ ସାମାନ୍ୟ କୋହଳ କରାଯାଇପାରିବ।



# ଶୂନ୍ୟରେ ଲେଖିଲେ 'ଷ୍ଟେ-ହୋମ୍'

**ଭିଏନା:** କରୋନା ଭାଇରସ୍‌କୁ ନେଇ ଏବେ ବିଶ୍ୱବ୍ୟାପୀ ଦେଖାଦେଇଛି ଭୟ ଆତଙ୍କର ବାତାବରଣ। ଏହାର ପ୍ରଭାବରେ ହୋଟେଲ, ପର୍ଯ୍ୟଟନ ଶିଳ୍ପଠାରୁ ଆରମ୍ଭ କରି ଆର୍ଥିକ ବ୍ୟବସ୍ଥା ଯାଏ ସବୁକିଛି ପ୍ରଭାବିତ ହୋଇଛି। କହିବାକୁ ଗଲେ ଭୂତାଣୁ ସ୍ୱାଭାବିକ ଜୀବନଯାତ୍ରାକୁ ଅଟକାଇ ଦେଇଛି। ଏସବୁ ଭିତରେ ସଂଯମ, ସ୍ୱଚ୍ଛତା ଏବଂ ପ୍ରତିରୋଧ ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ବିଭିନ୍ନ ଦେଶର ସରକାର ଆହ୍ୱାନ ଦେଇଛନ୍ତି। ଏସବୁ ଭିତରେ ଅଷ୍ଟ୍ରିଆର ଜଣେ ପାଇଲଟ ନିଆରା ଉପାୟରେ ସୃଷ୍ଟି କରିଛନ୍ତି ଜନସଚେତନତା। ଏଥିଲାଗି ସେ ଆକାଶରେ ଏୟାରକ୍ରାଫ୍ଟ ଉଡ଼ାଇଥିଲେ। ଡିଜିଟାଲ ସ୍କାଏ ରାଇଡିଂ ଜରିଆରେ ଶୂନ୍ୟରେ ସୃଷ୍ଟି କରିଥିଲେ 'ଷ୍ଟେ-ହୋମ୍', ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ୱେବ୍‌ସାଇଟ୍ ଫ୍ଲାଇଟ୍‌ରାଡାର-୨୪ ଅନୁଯାୟୀ, ଷ୍ଟେ-ହୋମ ଲେଖିବା ଲାଗି ପାଇଲଟ ଜଣକ ଫ୍ଲାଇଟ୍ ରାଡାରର ସହାୟତା ନେଇଥିଲେ। ଭିଏନାଠାରୁ ୫୦ ମାଇଲ ଦୂର ୱିନର ନେଷ୍ଟାଇଡ୍ ଏୟାରପୋର୍ଟରୁ ସେ ଉଡ଼ାଣ ଆରମ୍ଭ କରିଥିଲେ। ଷ୍ଟେ ହୋମ୍ ଲେଖିବା ଲାଗି ତାଙ୍କୁ ୨୪ ମିନିଟ୍ ସମୟ ଲାଗିଥିଲା। ସୂଚନାଯୋଗ୍ୟ, ଅଷ୍ଟ୍ରିଆରେ ଅଦ୍ୟାବଧି ୧୮ଶହରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନିକଟରେ କରୋନା ଭାଇରସ୍ ଭୂତାଣୁ ଠାବ କରାଯାଇଛି। ପାଇଲଟ ଜଣକ ନିଜର ନାମ ଗୋପନ ରଖି କହିଛନ୍ତି, ଦେଶବାସୀଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସେ ଏଭଳି ପଦକ୍ଷେପ ନେଇଥିଲେ। ଏହାର ସକାରାତ୍ମକ ପ୍ରଭାବ ଲୋକଙ୍କ ଉପରେ ନିଶ୍ଚିତ ଭାବେ ପଡ଼ିବ। ଅଧିକରୁ ଅଧିକ ସମୟ ଘରେ ବିତାଇଲେ ମହାମାରୀ ପାଲଟିଥିବା ଏହି ଭୂତାଣୁକୁ ମଣିଷ ଜିତିପାରିବ।

## ପାଇଲଟଙ୍କ ଅଭିନବ କରୋନା ସଚେତନତା




# ହସ୍ପିଟାଲକୁ ୫୦ ହଜାର ମାସ୍କ ଦାନ

**ଷ୍ଟକ୍‌ହୋମ:** ସ୍ୱିଡେନ୍‌ର ସରକାରୀ ହସ୍ପିଟାଲ (ଗୋଥେନ୍‌ବର୍ଗସ୍ଥିତ ସାହଲଗ୍ରେନ୍‌ସ୍କା ବିଶ୍ୱବିଦ୍ୟାଳୟ)କୁ ଏକ ଆସବାବପତ୍ର କମ୍ପାନି ୫୦,୦୦୦ ମାସ୍କ ଦାନ କରିଛି। ବର୍ତ୍ତମାନ ସମୟରେ କରୋନା ଭାଇରସ୍ ଆତଙ୍କ ଖେଳାଇ ଚାଲିଥିବା ବେଳେ ମାସ୍କ ଦାନ କରିବା ବେଶ୍ ପ୍ରଶଂସାଯୋଗ୍ୟ। ଏହା ଲୋକଙ୍କ ଦରକାରରେ କାମରେ ଲାଗିବ। ଯେତେବେଳେ ବାର୍ଡ ଫ୍ଲୁ ହୋଇଥିଲା କମ୍ପାନି ପକ୍ଷରୁ ସେତେବେଳେ ମାସ୍କ କିଣାଯାଇଥିଲା। ଏହାକୁ ଗୋଦାମରେ ରଖି ପରବର୍ତ୍ତୀ ସମୟରେ କମ୍ପାନି କର୍ତ୍ତୃପକ୍ଷ ଭୁଲି ଯାଇଥିଲେ।

ସ୍ୱିଡେନ୍‌ରେ ବର୍ତ୍ତମାନ ସୁଦ୍ଧା ୧,୧୬୭ ଜଣ କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇଥିବା ବେଳେ ୭ ଜଣଙ୍କ ମୃତ୍ୟୁ ଘଟିଛି। ସ୍ୱିଡେନର ୱେଷ୍ଟ କୋଷ୍ଟର ବୃହତ୍ତମ ଷ୍ଟୋର୍ ବୋଲି ଆଇକେଏର ଲଜିଷ୍ଟିକ ମ୍ୟାନେଜର ଜୋହାନ ଆଣ୍ଡର୍‌ସନ କହିଛନ୍ତି, ବାର୍ଡ ଫ୍ଲୁ ସମୟରେ ହଜାର ହଜାର ମାସ୍କ କ୍ରୟ କରାଯାଇଥିଲା। ଆଜି ଗୋଦାମରେ ହଠାତ୍ କିଛି ଖୋଜୁଥିବା ବେଳେ ତାଙ୍କ ଟିମ୍ ଏହାକୁ ପାଇଛନ୍ତି। ହସ୍ପିଟାଲରେ ମାସ୍କ କମ୍ ରହିଥିବା ସେ ନ୍ୟୁଜ୍‌ରୁ ଜାଣିବାକୁ ପାଇଥିଲେ। ତେଣୁ ସେ ସଙ୍ଗେ ଗୋଥେନ୍ସବର୍ଗର ସାହଲଗ୍ରେନ୍‌ସ୍କା ହସ୍ପିଟାଲ ମ୍ୟାନେଜମେଣ୍ଟକୁ ଫୋନ୍ କରି ମାସ୍କ ଚାହୁଁଛ କି ନାହିଁ ପଚାରିଥିଲେ। ସେ ହଁ କହିବାରୁ ୫୦,୦୦୦ ମାସ୍କ ଦାନ କରିଛି କମ୍ପାନି।

# କନିକାଙ୍କୁ କରୋନା

**ମୁମ୍ବାଇ:** ବଲିଉଡ୍ ଗାୟିକା କନିକା କପୁର କରୋନା ଭାଇରସରେ ପୀଡ଼ିତ ଥିବା ଜଣାପଡିଛି। ଶୁକ୍ରବାର ତାଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ସେ କରୋନା ଭାଇରସରେ ସଂକ୍ରମିତ ହୋଇଥିବା ସୂଚନା ମିଳିଛି। କିଛିଦିନ ପୂର୍ବରୁ ସେ ଲଣ୍ଡନରୁ ଫେରିଥିବା ବେଳେ ଏବେ ତାଙ୍କୁ ଆଇସୋଲେଶନରେ ରଖାଯାଇଛି। ତାଙ୍କ ପରିବାର ଏବେ କ୍ୱାରାଣ୍ଟାଇନରେ ରହିଥିବା ସେ ଟୁଇଟ୍ କରି ଜଣାଇଛନ୍ତି। ସେ ୧୦ ଦିନ ତଳେ ଲଣ୍ଡନରୁ ଫେରିଥିବା ବେଳେ ବିମାନବନ୍ଦରରେ ଯାଞ୍ଚ ସମୟରେ ତାଙ୍କ ପାଖରେ କରୋନାର କୌଣସି ଲକ୍ଷଣ ଦେଖାଯାଇ ନ ଥିବାରୁ ସେ ସାଧାରଣ ଲୋକଙ୍କ ଭଳି ଚଳପ୍ରଚଳ ହୋଇଥିଲେ। ୪ ଦିନ ପୂର୍ବରୁ ତାଙ୍କ ପାଖରେ କରୋନା ଲକ୍ଷଣ ଦେଖାଯିବାରୁ ସେ ନମୁନା ପରୀକ୍ଷା ପାଇଁ ପଠାଇଥିବା କହିଛନ୍ତି। ବେବି ଡଲ ସିଙ୍ଗର କନିକା କରୋନାରେ ପୀଡ଼ିତ ହେବା ପରେ ଏବେ ତାଙ୍କ ଆଖପାଖର ଲୋକେ ଭୟଭୀତ ହୋଇଯାଇଥିବା କୁହାଯାଉଛି।



କନିକା କପୁର

# କରୋନା ଆକ୍ରାନ୍ତଙ୍କ ତଥ୍ୟ ଲୁଚାଇଥିଲେ ଏମ୍ସ ଡାକ୍ତର

**ଭୁବନେଶ୍ୱର, ୨୦।୩(ବ୍ୟୁରୋ)**

ରାଜ୍ୟରେ ଦ୍ୱିତୀୟ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ସେ ଏବେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଛନ୍ତି। ତେବେ ଆକ୍ରାନ୍ତ ୧୯ବର୍ଷୀୟ ଯୁବକଙ୍କ ବିଷୟରେ ତଥ୍ୟ ଲୁଚାଯାଇଥିବା ଭୁବନେଶ୍ୱର ଏମ୍ସ ରେସିଡେଣ୍ଟ ଡାକ୍ତରୀ ସଂଘ ଅଭିଯୋଗ ଆଣିଛି। ଏନେଇ ସଂଘ ପକ୍ଷରୁ ହସ୍ପିଟାଲ ନିର୍ଦ୍ଦେଶକଙ୍କୁ ଲେଖାଯାଇଥିବା ଚିଠିରେ ଉଲ୍ଲେଖ ରହିଛି ଯେ, ଗୁରୁବାର ଏମ୍ସର ଜଣେ ବରିଷ୍ଠ ଡାକ୍ତର ଓ ଆଇସୋଲେଶନ ୟୁନିଟ୍ ଦାୟିତ୍ୱରେ ଥିବା ଅନ୍ୟାଜଷର ଡାକ୍ତର ସମ୍ପୃକ୍ତ କରୋନା ଆକ୍ରାନ୍ତଙ୍କୁ ଏମ୍ସ ଆଣିବାଠାରୁ ଆରମ୍ଭ କରି ଚିକିତ୍ସା ପର୍ଯ୍ୟନ୍ତ ରହିଥିବା ଗାଇଡ୍‌ଲାଇନ ବା ନିୟମକୁ ପାଳନ କରିନାହାନ୍ତି। ସେ ଏମ୍ସର ଜଣେ ଡାକ୍ତରଙ୍କ ପୁଅ ହୋଇଥିବାରୁ ତାଙ୍କ କ୍ଷେତ୍ରରେ ଏଭଳି କରାଯାଇଛି। ୩ ଦିନ ପୂର୍ବରୁ ପୁଅ ବ୍ରିଟେନରୁ ଫେରିଥିଲେ ମଧ୍ୟ ଡାକ୍ତର ବାପା ଏହାକୁ ଲୁଚାଇଥିଲେ। ଫଳରେ ଏମ୍ସରେ ଅନ୍ୟ ଡାକ୍ତର ଓ କର୍ମଚାରୀମାନେ ବିପଦ ଘେରକୁ ଆସିଯାଇଛନ୍ତି ବୋଲି ଡାକ୍ତରୀ ସଂଘ ଆଶଙ୍କା ପ୍ରକାଶ କରିଛି। ଏପରି ଅଭିଯୋଗ ପରେ ରାଜ୍ୟ ସରକାର ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ଏନେଇ ସର୍ବୋଚ୍ଚ ସ୍ତରରେ ସମୀକ୍ଷା ଓ ଆଲୋଚନା ଚାଲିଥିବା କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି।

ପରସ୍ପର ସଂସ୍ପର୍ଶରେ ଆସିଥିବା ବା ପ୍ରଭାବିତ ସମସ୍ତ ବ୍ୟକ୍ତିଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଥିବା ସେ କହିଛନ୍ତି।

ସେପଟେ ଏହି ଘଟଣାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ଏମ୍ସରେ ଏକ ଜରୁରୀ ବୈଠକ ବସିଥିଲା। ଏମ୍ସ ନିର୍ଦ୍ଦେଶିକା ଗୀତାଞ୍ଜଳୀ ବାଟମାନବେନ ଏନେଇ ଆଲୋଚନା କରିଥିଲେ। ଭୁବନେଶ୍ୱର ଏମ୍ସ ଏ ଦିଗରେ ସବୁପ୍ରକାର ନିୟମକୁ

- **ନିୟମ ମାନି ନ ଥିବା ଅଭିଯୋଗ ଆଣିଲେ ଡାକ୍ତର ସଂଘ**
- **ଏହା ସମ୍ପୂର୍ଣ୍ଣ ଭୁଲ୍ ବୋଲି କହିଲେ ଏମ୍ସ ନିର୍ଦ୍ଦେଶିକା**
- **ଘଟଣାକୁ ଗୁରୁତ୍ୱର ସହ ନିଆଯାଇଛି : ସୁବ୍ରତୋ ବାଗ୍‌ଚୀ**

ମାନି କାର୍ଯ୍ୟ କରୁଛି ବୋଲି ନିର୍ଦ୍ଦେଶିକା କହିଛନ୍ତି। ସେ କହିଛନ୍ତି, ଉକ୍ତ ଯୁବକ ଜଣକ ବିମାନବନ୍ଦରରୁ ସିଧା ତାଙ୍କ ଘରକୁ ଯାଇଥିଲେ। ପରଦିନ ଅର୍ଥାତ୍ ୧୯ ତାରିଖ ସକାଳେ ତାଙ୍କର ସେଭଳି କିଛି ଲକ୍ଷଣ ଦେଖାଯିବାରୁ ସେ ହସ୍ପିଟାଲ ଆସିଥିଲେ। ତାଙ୍କୁ ଆମେ ଆଇସୋଲେଶନରେ ରଖି ନମୁନା ପରୀକ୍ଷା ପାଇଁ ପଠାଥିଲୁ। ରାତିରେ ଆସିଥିବା ରିପୋର୍ଟ କରୋନା ପଜିଟିଭ୍ ଜଣାପଡ଼ିଥିଲା। ବର୍ତ୍ତମାନ ତାଙ୍କର ଚିକିତ୍ସା ଚାଲିଛି। ତାଙ୍କର ଅତି ନିକଟତର ସଂସ୍ପର୍ଶରେ ଯେଉଁମାନେ ଆସିଛନ୍ତି ସେମାନଙ୍କୁ ମଧ୍ୟ ହୋମ୍ ଆଇସୋଲେଶନରେ ରଖାଯାଇଛି। ଶୁଣି ଦୁଃଖ ଲାଗୁଛି ଯେ, ଅନେକ ଡାକ୍ତରଙ୍କୁ ସେମାନଙ୍କ ଘର ଲୋକ ଘରକୁ ଯିବା ପାଇଁ ଅନୁମତି ଦେଉନାହାନ୍ତି। ଏମିତି ଭୟଭୀତ ହେବା ଉଚିତ ନୁହେଁ ବୋଲି ସେ ପରାମର୍ଶ ଦେଇଛନ୍ତି।

## ଆପାର୍ଟମେଣ୍ଟରେ ଭୟର ବାତାବରଣ

ଆକ୍ରାନ୍ତ ଜଣକ ଯେଉଁ ଆପାର୍ଟମେଣ୍ଟରେ ଆସି ରହିଥିଲେ ସେଠାରେ ଅନ୍ୟ ହସ୍ପିଟାଲର ଡାକ୍ତର ଓ କର୍ମଚାରୀ ରୁହନ୍ତି। ତେଣ ସେଠାରେ ରହୁଥିବା ସମସ୍ତଙ୍କୁ ୧୪ଦିନିଆ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବା ପାଇଁ ସେମାନଙ୍କ ହସ୍ପିଟାଲ ପକ୍ଷରୁ କୁହାଯାଇଥିବା ସୂଚନା ମିଳିଛି। ଏମ୍ସରେ କାର୍ଯ୍ୟରତ ଜଣେ ଅଧିକାରୀଙ୍କ ସୂଚନାନୁଯାୟୀ, ଆକ୍ରାନ୍ତ ଜଣକ ତାଙ୍କ ବାପାଙ୍କ ସହିତ ୧୮ ତାରିଖରେ ସେହି ଆପାର୍ଟମେଣ୍ଟରେ ହୋଇଥିବା ଏକ ଭୋଜିରେ ଯୋଗଦେଇଥିଲେ। ତେଣୁ ସେଠାକୁ ଆସିଥିବା ଲୋକଙ୍କୁ ମଧ୍ୟ ଟ୍ରେସ୍ କରାଯାଇ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଉ ବୋଲି ସେ ଦାବି କରିଛନ୍ତି। ଉକ୍ତ ଆପାର୍ଟମେଣ୍ଟରେ ରହୁଥିବା ସୁବ୍ରତ ପୃଷ୍ଟି କହିଛନ୍ତି, ଡାକ୍ତର ଜଣକ ତାଙ୍କ ପୁଅର ସେପରି ଲକ୍ଷଣ ଦେଖିଥିଲେ ମଧ୍ୟ ସେ କାହାକୁ ନ ଜଣାଇ ଘରେ ଚିକିତ୍ସା କରିଥିଲେ। ତେବେ ଆମେ ଶୁକ୍ରବାର ସକାଳେ ବିଭିନ୍ନ ଗଣମାଧ୍ୟମ ଜରିଆରେ ତାଙ୍କର କରୋନା ପଜିଟିଭ୍ ହୋଇଥିବା ଜାଣିବା ପରେ ଛାନିଆ ହୋଇପଡ଼ିଲୁ। ହୋମ୍ କ୍ୱାରାଣ୍ଟାଇନ୍ ପାଇଁ ଆମେ ନିଜେ ପଦକ୍ଷେପ ନେଲୁ। କିନ୍ତୁ ଜଣେ ଡାକ୍ତର ହୋଇ ବି ସରକାରଙ୍କ ନିୟମକୁ କିପରି ବେଖାତିର କଲେ? ତାଙ୍କ ପାଇଁ ବର୍ତ୍ତମାନ ଏଠାରେ ରହୁଥିବା ୨୬୧ ପରିବାର ବିପଦ ଆଶଙ୍କାରେ ରହିଛୁ।

# ଆଗ ଥଇଥାନ, ପରେ ଉଚ୍ଛେଦ

**ଚାନ୍ଦବାଲି, ୨୦।୩(ଡି.ଏନ.ଏ.)**



ବିସ୍ଥାପିତ ଉଠା ଦୋକାନୀମାନେ ତହସିଲଦାରଙ୍କ ସହିତ ଆଲୋଚନା କରୁଛନ୍ତି।

ଭଦ୍ରକ ଜିଲା ଚାନ୍ଦବାଲି ସହର ସନ୍ନିକଟ ବୈତରଣୀ ନଦୀକଡ଼ରୁ ପୋଲିସ ଓ ପ୍ରଶାସନ ଉପସ୍ଥିତିରେ ଉଠାଦୋକାନଗୁଡ଼ିକୁ ଗୁରୁବାର ଉଚ୍ଛେଦ କରାଯାଇଛି। ପ୍ରଥମ ଦିନରେ କ୍ରସ୍‌ଷ୍ଟାଣ୍ଡ ରୋଡ୍‌ର ବଡ଼ ବଜାରଠାରୁ ଲଞ୍ଚ ଘାଟ ପର୍ଯ୍ୟନ୍ତ ଜବରଦଖଲମୁକ୍ତ କରାଯାଇଛି। ମାତ୍ର ଆଗ ଥଇଥାନ ଓ ପରେ ଉଚ୍ଛେଦ ଦାବି କରି ଉଠାଦୋକାନୀମାନେ ଶୁକ୍ରବାର ଚାନ୍ଦବାଲି ତହସିଲ ଅଫିସ ପରିସରରେ ହୋହଲ୍ଲା କରିଥିଲେ। ସେମାନେ ଏ ନେଇ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିଛନ୍ତି। ଅନ୍ୟ ଦୋକାନୀଙ୍କୁ ଉଚ୍ଛେଦ ବନ୍ଦ କରିବା, ଉଚ୍ଛେଦ ଦୋକାନୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ସ୍ୱରୂପ ଅନ୍ୟତ୍ର ଥଇଥାନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ସପ୍ତାହକ ମଧ୍ୟରେ ବିସ୍ଥାପିତ ଦୋକାନୀଙ୍କୁ ଥଇଥାନ କରା ନ ଗଲେ ସେମାନେ ପୁନର୍ବାର ନଦୀକୂଳରେ ଦୋକାନ ଆରମ୍ଭ କରିବେ ବୋଲି ଚେତାବନୀ ଦେଇଥିଲେ। ତହସିଲ ନୁହେଁ ଚାନ୍ଦବାଲି ଏନ୍ଏସି ପକ୍ଷରୁ ଏହି ଜବରଦଖଲ ଉଚ୍ଛେଦ କରାଯାଉଥିବା ତହସିଲଦାର ସୁଶାନ୍ତ କୁମାର ସୂତାର କହିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଲୋକଙ୍କ ବିରୋଧ ଯୋଗୁ ଶୁକ୍ରବାର ଉଚ୍ଛେଦ କାମ ବନ୍ଦ ରହିଥିଲା। ଏନ୍ଏସି ପକ୍ଷରୁ ମାଇକ୍‌ରେ ପ୍ରଚାର କରାଯାଇ ଦୋକାନୀମାନଙ୍କୁ ଆଉ ୩ ଦିନ ସମୟ ଦିଆଯାଇଛି। ଏହାମଧ୍ୟରେ ଉଠାଦୋକାନୀମାନେ ନିଜ ଦୋକାନକୁ ସ୍ଥାନାନ୍ତର ନ କଲେ ଏନ୍ଏସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସୂଚନା ଦିଆଯାଇଛି।

# ୮ ବ୍ଲକର ୭୭୧୩ ଚାଷୀଙ୍କ ଟୋକନ୍ ଅଚଳ

## ଧାନର ଅଭାବୀ ବିକ୍ରି

**ଛତ୍ରପୁର, ୨୦।୩(ଡି.ଏନ.ଏ)**

ଗଞ୍ଜାମ ଜିଲାରେ ଧାନର ଅଭାବୀ ବିକ୍ରି ଚାଲିଛି। ଧାନ ବିକ୍ରି ପାଇଁ ଚାଷୀ ମାନଙ୍କୁ ଟୋକନ୍ ଆସିଥାଏ ଏବଂ ୭ ଦିନ ଏହାର ଅବଧି ଥାଏ। ଏହି ଅବଧି ମଧ୍ୟରେ ଧାନ ନ କିଣିଲେ ଟୋକନ୍ ଅଚଳ ହୋଇଯାଇଥାଏ। ମିଲର ଓ ପ୍ରାଥମିକ ସମବାୟ ସମିତିଗୁଡ଼ିକ ମଧ୍ୟରେ ସମନ୍ୱୟ ରହୁ ନ ଥିବାରୁ ଟୋକନ୍‌ର ଅବଧି ମଧ୍ୟରେ ଧାନ କିଣାଯାଉନି। ଫଳରେ ଟେକନ୍ ଅଚଳ ହେଉଛି ଏବଂ ଚାଷୀ ଧାନ ବିକ୍ରି କରିପାରୁନି। ଜିଲା ସାରା ଏହି ସମସ୍ୟା ଦେଖାଦେଇଛି। ଧାନକିଣା ପ୍ରକ୍ରିୟା ଚଳିତ ମାସ ୩୧ ତାରିଖରେ ସରିବ। ଆଉ ୧୦ ଦିନ ମଧ୍ୟରେ ପଞ୍ଜୀକୃତ ଚାଷୀ ମାନଙ୍କ ଧାନ କିଣିବା ଏକ ପ୍ରକାର ସମ୍ଭବ ନୁହେଁ। ଅନ୍ୟପକ୍ଷରେ ସମସ୍ତ ଚାଷୀଙ୍କର ଧାନ କିଣାଯାଉ ଏବଂ ନୂଆ ଟୋକନ୍ ପ୍ରଦାନ କରି ଏହି ବ୍ୟବସ୍ଥା ତ୍ୱରାନ୍ୱିତ ହେଉ ବୋଲି ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁସାରେ ଛତ୍ରପୁର ଆସିଷ୍ଟାଂଟ ରେଜିଷ୍ଟ୍ରାର (ସମବାୟ) ଅଧୀନ ୮ଟି ବ୍ଲକର ୭୭୧୩ ଜଣ ଚାଷୀଙ୍କ ଟୋକନ୍ ଅଚଳ ହୋଇଛି। ସେଥିମଧ୍ୟରେ ଛତ୍ରପୁର ବ୍ଲକର ୭୭୨ ଜଣ, ଗଞ୍ଜାମ ବ୍ଲକର ୫୭୩ ଜଣ, ଖଲ୍ଲିକୋଟ ବ୍ଲକର ୭୯୮ ଜଣ, ବେଗୁନିଆପଡା ବ୍ଲକର ୧୫୨୦ ଜଣ, ପୁରୁଷୋତ୍ତମପୁର ବ୍ଲକର ୧୨୩୬୪ ଜଣ, ହିଞ୍ଜିଳି ବ୍ଲକର ୧୨୯୦ଜଣ, ପୋଲସରା ବ୍ଲକର ୪୦୦ ଜଣ, କବିସୂର୍ଯ୍ୟନଗର ବ୍ଲକର ୧୦୮୬ଜଣ ଚାଷୀ ରହିଛନ୍ତି।

## ଘର ଉପରେ ବଜ୍ରପାତ: ଜଣେ ମୃତ, ୨ଗୁରୁତର

**ଠାକୁରମୁଣ୍ଡା, ୨୦।୩(ଡ଼ି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ନିକଟ ଜୁଡ଼ାମ୍ଧ ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ଏକ ଘର ଉପରେ ବଜ୍ରପାତ ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଦିଗଧର ପଞ୍ଚାୟତ ଅନ୍ତର୍ଗତ ସୁନିନ୍ଦା ଗ୍ରାମର ଦଶରା ସିଂଙ୍କୁ। ଗୁରୁତର ଆହତଙ୍କୁ ଚିକିତ୍ସା ପାଇଁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଦଶରା ଜୁଡ଼ାମ୍ଧ ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରକୁ ଦଶାହ କର୍ମରେ ଯୋଗ ଦେବାକୁ ଆସିଥିଲେ। ସନ୍ଧ୍ୟା ପ୍ରାୟ ୬.୩୦ ମି. ସମୟରେ ସେ ସାହିକୁ ବୁଲିବାକୁ ଆସିଥିଲେ। ଏହି ସମୟରେ ହଠାତ କାଳବୈଶାଖୀ ସହ ବର୍ଷା ପବନ ହେବାରୁ ଦଶରା ସାହିର ଫୁଲ ଚାମ୍ପିଆ ନାମ୍ନୀ ଜଣେ ମହିଳାଙ୍କ ଘରେ ଆଶ୍ରୟ ନେଇଥିଲେ। ଫୁଲ ବାହାରକୁ ଯାଇଥିବାରୁ ସେହିଦିନ ପଡ଼ୋଶୀ ରଥିଆ ପୂର୍ତ୍ତି ଓ ତାଙ୍କ ସ୍ତ୍ରୀ ବାଲମା ତାଙ୍କ ଘରକୁ ଜଗିଥିଲେ। ଘରର ଏକ କୋଠରି ଭିତରେ ଏହି ୩ ଜଣ ବସିଥିବା ବେଳେ ହଠାତ ସେହି ଘର ଉପରେ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ଘର ଭିତରେ ଆଶ୍ରୟ ନେଇଥିବା ଦଶରାଙ୍କ ମୃତ୍ୟୁ ଘଟିଥିଲା। ସେହି ଘରେ ଥିବା ରଥିଆ ଓ ତାଙ୍କ ସ୍ତ୍ରୀ ବାଲମା ସଂଜ୍ଞାହୀନ ହୋଇ ପଡ଼ିଥିଲେ। ସନ୍ଧ୍ୟାରେ ଏହି ଘଟଣା ଘଟିଥିଲେ ମଧ୍ୟ ପାଖ ପଡ଼ୋଶୀ ଜାଣିପାରି ନ ଥିଲେ। ଶୁକ୍ରବାର ସକାଳେ ଘଟଣା ଜଣା ପଡ଼ିବାରୁ ଗ୍ରାମବାସୀ ଗୁରୁତର ଅବସ୍ଥାରେ ଉକ୍ତ ଦମ୍ପତିଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ପଠାଇଥିଲେ। ଠାକୁରମୁଣ୍ଡା ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।

# ଅଟକିଥିବା ଟ୍ରେନ୍‌ରୁ କୋଇଲା ଲୁଟ୍

**ଟିହିଡ଼ି, ୨୦।୩(ଡି.ଏନ.ଏ.)**

ଭଦ୍ରକ-ଧାମରା ରେଳପଥରୁ ଶୁକ୍ରବାର ମଧ୍ୟାହ୍ନରେ ଅଟକିଥିବା ଟ୍ରେନ୍‌ରୁ ୩୦ମିନିଟ୍‌ରେ ବିପୁଳ ପରିମାଣର କୋଇଲା ଲୁଟ୍ ହୋଇଛି। ସୂଚନା ଅନୁଯାୟୀ, ଧାମରା ରେଳପଥର ଟିହିଡ଼ି ଥାନା ଅଧୀନ ଗୋଳାପୋଖରୀ ନିକଟରେ ସମସ୍ୟା ଥିବା ଯୋଗୁ ଟ୍ରେନ୍ ଅଟକି ରହିଥିଲା। ଗୋଳାପୋଖରୀ ଓ ମଙ୍ଗଳପୁର ମଧ୍ୟରେ ଅଟକି ରହିଥିବା ଏହି ଟ୍ରେନ୍‌ରୁ କୋଇଲା ଲୁଟ୍ ଆରମ୍ଭ ହୋଇଯାଇଥିଲା। ଏପରି ଭାବେ ଲୁଟ୍ କରାଯାଉଥିଲା ଯେ ଗୋଟିଏ ଗୋଟିଏ ବଗିରୁ କୋଇଲା ଅଧା ହୋଇ ଯାଇଥିବା ଲୋକେ ଦେଖିବାକୁ ପାଇଥିଲେ। ଏହି ଲୁଟ୍‌ରେ ଅଧିକାଂଶ ବାଳକ ଓ ଯୁବକ ନିୟୋଜିତ ଥିଲେ ବୋଲି ଜଣାପଡ଼ିଛି। ଟ୍ରେନ୍‌ରେ ସିକ୍ୟୁରିଟି ଥିଲେ ମଧ୍ୟ ଆକ୍ରମଣ ଭୟରେ ସେମାନେ ଚୁପ୍ ରହିଥିବା କୁହାଯାଉଛି।

ପ୍ରକାଶ ଯେ, ଧାମରା ରେଳପଥରେ ଏଭଳି କୋଇଲା ଲୁଟ୍ ନିତିଦିନିଆ ଘଟଣା ହୋଇଛି। ଗୁରୁଦାସପୁରଠାରୁ ନୂଆନନ୍ଦ ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳର ବାଳକ ଓ ଯୁବକ ଲୁଟ୍‌ରେ ସମ୍ପୃକ୍ତ ରହୁଥିବା ଜାଣିବାକୁ ମିଳିଛି। ଏପରିକି ଚଳନ୍ତା ଟ୍ରେନ୍‌ରୁ ମଧ୍ୟ ଅଭିନବ ଉପାୟରେ କୋଇଲା ଲୁଟ୍ ହେଉଛି। ରିଜର୍ଭ ପୋଲିସ ଏବଂ ସ୍ଥାନୀୟ ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରାଯାଇ କୋଇଲା ଜବତ କରାଯିବା ସହ ସମ୍ପୃକ୍ତ ଯୁବକମାନଙ୍କୁ ଗିରଫ କରାଯାଉଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ପଡୁ ନ ଥିବା ଅଭିଯୋଗ ହେଉଛି। ଧାମରା ରେଳପଥରୁ କୋଇଲା ଚୋରିକୁ କେତେଜଣ ଯୁବକ ଏକପ୍ରକାର ରୋଜଗାର ପନ୍ଥା ଧରି ନେଇଛନ୍ତି। ରେଳପଥର ବିଭିନ୍ନ ସ୍ଥାନରେ ଧାମରା ବନ୍ଦର ପକ୍ଷରୁ ଜଗୁଆଳି ବ୍ୟବସ୍ଥା କରାଗଲେ କୋଇଲା ଲୁଟ୍ କମି ଯାଇପାରନ୍ତା ବୋଲି ସାଧାରଣରେ ମତପ୍ରକାଶ ପାଇଛି।

# ଗାଁକୁ ଫେରୁଥିବା ଲୋକଙ୍କୁ ସଚେତନ କରାଇବାକୁ ଗୁରୁତ୍ୱ

**ବଡ଼ଲା, ୨୦। ୩ (ଡି.ଏନ.ଏ.):** କରୋନା ଭୂତାଣୁ ସମ୍ପର୍କିତ ସଚେତନତା ସୃଷ୍ଟି ଲାଗି କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ସଭାଗୃହରେ ବିଡିଓ ଜୟଦେବ ଦାସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ରାଜ୍ୟରୁ ଗାଁକୁ ଫେରୁଥିବା ଲୋକଙ୍କୁ ସଚେତନତା କରାଇବା ସହ ୧୪ ଦିନ ପର୍ଯ୍ୟନ୍ତ ସେମାନଙ୍କଠାରୁ ଦୂରେଇ ରହିବା ଲାଗି ପରାମର୍ଶ ଦିଆଯାଇଥିଲା। ସେମାନଙ୍କ ସମ୍ପର୍କରେ ପ୍ରଶାସନକୁ ତୁରନ୍ତ ଜଣାଇବାକୁ ଲୋକଙ୍କୁ ନିବେଦନ କରାଯାଇଥିଲା। ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ପିଇଓ, ଅଙ୍ଗନୱାଡି ସୁପରଭାଇଜର, କୃଷି ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷା ସଞ୍ଜୁଲତା ବିଶ୍ୱାଳ, ଶାଳଣିଆଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ପ୍ରଭାତ ନାୟକ, ଉପାଧ୍ୟକ୍ଷ ନରେନ୍ଦ୍ର ନାୟକ, ହଦଗଡ଼ ବନଖଣ୍ଡ ଅଧିକାରୀ ସୁମିତ ମହାନ୍ତି, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ଜେନା, ସିଡିପିଓ ସରସ୍ୱତୀ ସେଠୀ, ବିପିଓ ନବୀନ ଚନ୍ଦ୍ର ନାୟକ, ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ଉତ୍ସବ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ସଚେତନା କାର୍ଯ୍ୟକ୍ରମ ସମ୍ପର୍କରେ ବିଡିଓ ସୂଚନା ଦେଇଥିଲେ।

## 'ପରିବା ବିକିଲେ ଆମ ଘର ଚଳିବ'

**କେନ୍ଦୁଝର, ୨୦।୩ (ସ୍ୱ.ପ୍ର.):** କରୋନା ଭାଇରସ୍ ସଂକ୍ରମଣ ରୋକିବା ଲାଗି ସରକାର ବ୍ୟାପକ ସଚେତନତା ପଦକ୍ଷେପ ନେଉଥିବା ବେଳେ କେନ୍ଦୁଝର ଜିଲାର ଅନେକ ଗ୍ରାମାଞ୍ଚଳ ଲୋକେ ଏଥିରେ ଭୟଭୀତ ନ ହୋଇ କେନ୍ଦୁଝର ସହରକୁ ଆସି ପନିପରିବା ଓ ଜଙ୍ଗଲଜାତ ଦ୍ରବ୍ୟ ଆଦି ବିକ୍ରିବଟା କରୁଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ସହରକୁ ପନିପରିବା ବିକିବାକୁ ଆସିଥିବା ବାଂଶପାଳ ବ୍ଲକ ଭୂୟାଁ ବୈତରଣୀ ଗ୍ରାମର ଚାଷୀ ସଂକୁନ୍ତଳା କଟେଇ କହିଛନ୍ତି, ପରିବା ବିକିଲେ ଆମ ଘର ଚଳିବ। ଏଣୁ ଆମେ କାମରେ ଆମେ ବ୍ୟସ୍ତ। ହରିଚନ୍ଦନପୁର ବ୍ଲକର ବଡକମଣ୍ଡରା ଗ୍ରାମର ଚାଷୀ ରମେଶ ଚନ୍ଦ୍ର ନାୟକ ମଧ୍ୟ ଅନୁରୂପ ମତ ବ୍ୟକ୍ତ କରିଛନ୍ତି। ହାରିଚନ୍ଦନପୁର ବ୍ଲକର ସାନକମଣ୍ଡରା ଗ୍ରାମର ଚାଷୀ ତାରା ମହାକୁଡ କହିଛନ୍ତି, ଆମେ ଶୋଲା ବିକିବାକୁ ଆସିଛୁ। ବିକି ସାରି ଘରକୁ ଫେରିବୁ। କରୋନା ଭାଇରସ୍ ସମ୍ପର୍କରେ ଆମକୁ ବେଶି କଥା ଜଣା ନାହିଁ। ସଦର ବ୍ଲକ କାଦଗଡର ଚାଷୀ କବି ପାତ୍ର କହିଛନ୍ତି, ପେପର ପଢି ଓ ଟିଭି ଦେଖି କରୋନା ବିଷୟରେ ଜାଣିଛୁ। କିନ୍ତୁ ସଚେତନତା ବାର୍ତ୍ତା ପ୍ରଚାର ଲାଗି ଏଯାଏ କେହି ଆମ ଗାଁ କୁ ଆସି ନାହାନ୍ତି।

# ଖୋଲା ରହିବ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ

**ଭଦ୍ରକ ଅଫିସ, ୨୦।୩**

କରୋନା ସଂକ୍ରମଣ ରୋକିବା ପାଇଁ ଭଦ୍ରକ ପୌରପାଳିକା ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ନିର୍ଦ୍ଦେଶନାମା ଜାରି କରାଯାଇଛି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅତ୍ୟାବଶ୍ୟକ, ଖାଉଟି ସାମଗ୍ରୀକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିବ ବୋଲି ପ୍ରଶାସନ ପକ୍ଷରୁ ଫତୁଆ ଜାରି କରାଯାଇଛି। କରୋନା ସଂକ୍ରମଣ ସତର୍କତା ପାଇଁ ଜିଲାର ସମସ୍ତ ହୋଟେଲ, ବାର୍, କଫି ଶପ୍, କ୍ୟାଣ୍ଟିନକୁ ତୁରନ୍ତ ବନ୍ଦ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ହୋଟେଲ ଡାଇନିଂ ଟେବୁଲରେ ବସିବା ସମୟରେ ଅତିକମ୍‌ରେ ୨ ମିଟର ସାମାଜିକ ଦୂରତା ଅବଲମ୍ବନ କରିବା, ଗ୍ରାହକମାନଙ୍କୁ ପାର୍ସଲ ଖାଦ୍ୟ ନେଇ ଚାଲିଯିବାକୁ ପ୍ରୋତ୍ସାହିତ କରିବା ପାଇଁ କଡ଼ା ନିର୍ଦ୍ଦେଶ ରହିଛି। ସହର ମଧ୍ୟରେ ଚଳାଚଳ କରୁଥିବା ସମସ୍ତ ଭଡ଼ା ଟ୍ୟାକ୍ସି ଓ ଅଟୋରିକ୍ସାକୁ ଦିନେ ଛାଡ଼ି ଦିନେ ଚଳାଇବା ପାଇଁ ଅନୁମତି ଦେବାକୁ ପ୍ରଶାସନ ପକ୍ଷରୁ ଆର୍‌ଟିଓଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କେବଳ ଖାଦ୍ୟ ଜିନିଷ ବିକ୍ରୟ ନିମନ୍ତେ ତେଜରାତି, ପନିପରିବା, ମାଂସ, ମାଛ, ଅଣ୍ଡା ଏବଂ ନିତାନ୍ତ ଦରକାରୀ ଦୋକାନ ବଜାର ଖୋଲା ରହିବ ବୋଲି କୁହାଯାଇଛି। ପୌରପାଳିକା ପକ୍ଷରୁ ଏ ନେଇ ପ୍ରଚାର ମାଧ୍ୟମରେ ସୂଚନା ଦିଆଯାଇଛି। ଲୋକଙ୍କ ମଧ୍ୟରେ ସାମାଜିକ ଦୂରତା ରଖିବା ଲାଗି କୌଣସି ସ୍ଥାନରେ ୭ ଜଣରୁ ଅଧିକ ଲୋକ ଏକାଠି ନ ହେବାକୁ ପରାମର୍ଶ ଦିଆଯାଉଛି। ଏ ସମସ୍ତ ନୀତି ନିୟମକୁ ତଦାରଖ କରିବା ପାଇଁ ପୌରପାଳିକାରେ ୬ଟି ସ୍କ୍ୱାର୍ଡ ଗଠନ କରାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ମନୋରମା ଭୂୟାଁ ସୂଚନା ଦେଇଛନ୍ତି।



ପ୍ରଶାସନ ପକ୍ଷରୁ ପ୍ରଚାର କରାଯାଉଛି।


## ଓଡ଼ିଶା ସରକାର
# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

RDM-LAB-BOUDH-0042-2017/27141 ତା 10 Sept. 2019

No.: XXXI-43: ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନ୍‌ର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳ, ବୌଦ୍ଧଙ୍କ ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ମୌଜା- ଖଜୁରିପଡ଼ା, ଥାନା- ବୌଦ୍ଧ, ନଂ.-୩୪୬, ତହସିଲ୍- ହରଭଙ୍ଗା, ଜିଲ୍ଲା- ବୌଦ୍ଧରେ ନିମ୍ନସୂଚିତ 'କ' ତଫସିଲ ଜମି ଏହି ଆଇନ୍‌ର ଧାରା ୨(୧) ପ୍ରକାରେ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବୌଦ୍ଧ ଜିଲ୍ଲାର ଖୋର୍ଦ୍ଧା ରୋଡ଼ - ବଲାଙ୍ଗୀର ନୂତନ ଓସାରିଆ ରେଳପଥ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି। ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ୍, ୨୦୧୩ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୫୮୯୬ ତା୩୦।୧୦।୨୦୧୭ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ଖଜୁରିପଡ଼ା, ଥାନା- ବୌଦ୍ଧ, ଜିଲ୍ଲା- ବୌଦ୍ଧ ନିମନ୍ତେ, ବିସ୍ଥାପିତ ପରିବାର ଥିବାରୁ, କମିଶନର- ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ସାରମର୍ମ ଏଥି ସହିତ ସଂଲଗ୍ନ କରାଗଲା। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.boudh.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଗଲା। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧାରୋଡ଼-ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ - କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: ବୌଦ୍ଧ, ତହସିଲ: ହରଭଙ୍ଗା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଖଜୁରିପଡ଼ା | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏଥି ସହ ସଂଲଗ୍ନ କରାଗଲା | ଏ.୨୧.୧୩୦ | ଏ.୧୧.୮୫୦ | ଏଥି ସହ ସଂଲଗ୍ନ କରାଗଲା |

**ତଫସିଲ - ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: ବୌଦ୍ଧ, ତହସିଲ: ହରଭଙ୍ଗା**

| ଗ୍ରାମର ନାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ଅଟେ | | | | | | | |

- ଧାରା ୧୯ର ଉପଧାରା (୭) ଅଧୀନରେ ଧାରା ୧୧(୧)ର ଘୋଷିତ ଅଧିସୂଚନାର ବୈଧ ତାରିଖ: ୦୮।୧୦।୨୦୧୯।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଅତିରିକ୍ତ ଶାସନ ସଚିବ**

**ଜମିର ତାଲିକା**
**ଖୋର୍ଦ୍ଧା ରୋଡ଼ - ବଲାଙ୍ଗୀର ନୂତନ ଓସାରିଆ ରେଳପଥ ପ୍ରକଳ୍ପ ପାଇଁ ବୌଦ୍ଧ ଜିଲ୍ଲାରେ ପ୍ରସ୍ତାବିତ ଭୂ-ଅଧିଗ୍ରହଣର ବିବରଣୀ**
**ଗ୍ରାମ- ଖଜୁରିପଡ଼ା, ତହସିଲ୍- ହରଭଙ୍ଗା, ଥାନା- ବୌଦ୍ଧ, ନଂ.-୩୪୬, ଜିଲ୍ଲା- ବୌଦ୍ଧ**

ଏ ବ୍ୟକ୍ତିଗତ ଜମି

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ରକବା | ୪ ଅଧିଗ୍ରହଣ ରକବା | ୫ କିସମ | ୬ ଅଭିଲିଖିତ ରୟତ ନାମ |
|---|---|---|---|---|---|---|
| ୧ | ୫ | ୨୮୦ | ୦.୨୭୦ | ୦.୦୫୦ | ଶାରଦ ଜଳ-୨ | ଆର୍ତ୍ତ ପ୍ରଧାନ, ପି.- କାର୍ତ୍ତିକ ପ୍ରଧାନ, ବା: ଖଜୁରିପଡ଼ା |
| ୨ | | ୧୪୫ | ୧.୧୨୦ | ୦.୦୭୦ | N/A | |
| ୩ | ୧୧ | ୩୧୮ | ୦.୧୪୦ | ୦.୦୭୦ | N/A | କୂର୍ତ୍ତି ପ୍ରଧାନ, ପି.- ମମାରୁ ପ୍ରଧାନ, ବା: ଖଜୁରିପଡ଼ା |
| ୪ | | ୩୧୭ | ୦.୨୯୦ | ୦.୧୫୦ | N/A | |
| ୫ | | ୩୧୬ | ୦.୨୧୦ | ୦.୨୧୦ | ଘରବାରି | |
| ୬ | | ୩୧୫ | ୦.୧୦୦ | ୦.୧୦୦ | ଘରବାରି | |
| ୭ | | ୨୮୮ | ୦.୬୧୦ | ୦.୬୧୦ | ଶାରଦ ଜଳ-୨ | |
| ୮ | | ୩୧୯ | ୦.୭୪୦ | ୦.୭୪୦ | ଆଟ | |
| ୯ | ୧୩ | ୧୫୮ | ୦.୮୯୦ | ୦.୬୩୦ | ଶାରଦ ଜଳ-୧ | କୃଷ୍ଣଚନ୍ଦ୍ର ମିଶ୍ର, ପି.- ଲଳିତ ମୋହନ ମିଶ୍ର, ବା: ଖଜୁରିପଡ଼ା |
| ୧୦ | ୧୫ | ୧୫୪ | ୦.୪୯୦ | ୦.୨୦୦ | N/A | ଖତକୁରୀ ମାଝୀ, ପି.- ସୁଦର୍ଶନ ଦନାୟକ, ବା: ଖଜୁରିପଡ଼ା |
| ୧୧ | ୨୬ | ୧୪୩ | ୦.୬୮୦ | ୦.୨୫୦ | N/A | ତରଣୀ ପ୍ରଧାନ, ପି.- ଭରତ ପ୍ରଧାନ, ମୁରୁବାଲି ପ୍ରଧାନ, ସ୍ୱା- ଭରତ ପ୍ରଧାନ, ବା: ଖଜୁରିପଡ଼ା |
| ୧୨ | ୪୦ | ୧୪୨ | ୦.୮୯୦ | ୦.୬୩୦ | ଶାରଦ ଜଳ-୧ | ନାରାୟଣ ମିଶ୍ର, ପି.- ଲଳିତ ମୋହନ ମିଶ୍ର, ବା: ଖଜୁରିପଡ଼ା |
| ୧୩ | ୪୧ | ୨୬୯ | ୦.୧୨୦ | ୦.୧୨୦ | ଶାରଦ ଜଳ-୨ | ନିତ୍ୟାନନ୍ଦ ପ୍ରଧାନ, ପି.- କାର୍ତ୍ତିକ ପ୍ରଧାନ, ବା: ଖଜୁରିପଡ଼ା |
| ୧୪ | ୪୨ | ୨୮୬ | ୦.୧୬୦ | ୦.୦୯୦ | ଆଟ | ନିତ୍ୟାନନ୍ଦ ପ୍ରଧାନ, ଭାଗବତ ପ୍ରଧାନ, ଆର୍ତ୍ତ ପ୍ରଧାନ, ପି.- କାର୍ତ୍ତିକ ପ୍ରଧାନ, ତରଣୀ ପ୍ରଧାନ, ପି.- ଭରତ ପ୍ରଧାନ, ବା: ଖଜୁରିପଡ଼ା |
| ୧୫ | ୪୭ | ୬ | ୩.୬୩୦ | ୨.୩୩୦ | N/A | ପ୍ରଭାସ ଚନ୍ଦ୍ର ମିଶ୍ର, ପି.- ହିମାଂଶୁ ଶେଖର ମିଶ୍ର, ବା: ଖଜୁରିପଡ଼ା |
| ୧୬ | ୪୮ | ୫ | ୨.୮୨୦ | ୨.୪୦୦ | N/A | ପ୍ରଭାସ ଚନ୍ଦ୍ର ମିଶ୍ର, ପ୍ରକାଶ ଚନ୍ଦ୍ର ମିଶ୍ର, ପ୍ରମଥ କୁମାର ମିଶ୍ର, ପ୍ରଦୀପ କୁମାର ମିଶ୍ର, ପ୍ରତିଭା ନନ୍ଦ, ପ୍ରଣିତା ମିଶ୍ର, ପି.- ହିମାଂଶୁ ଶେଖର ମିଶ୍ର, ଲକ୍ଷ୍ମୀପ୍ରିୟା ମିଶ୍ର, ସ୍ୱା.- ହିମାଂଶୁ ଶେଖର ମିଶ୍ର, ବା: ଖଜୁରିପଡ଼ା |
| ୧୭ | | ୧୫୨ | ୧.୪୩୦ | ୦.୭୨୦ | N/A | |
| ୧୮ | ୬୦ | ୧୫୩ | ୦.୧୦୦ | ୦.୦୯୦ | N/A | ବିଶ୍ୱକେଶନ ଦନାୟକ, ପି.- ବୀର ଦନାୟକ, ବା: ଖଜୁରିପଡ଼ା |
| ୧୯ | ୬୧ | ୩୩୬ | ୧.୨୭୦ | ୦.୦୪୦ | N/A | ବିଶିକେଶନ ନାଏକ, ପି.- ଅଇଁଠା ନାଏକ, ବା: ଖଜୁରିପଡ଼ା |
| ୨୦ | | ୩୨୩ | ୦.୪୫୦ | ୦.୩୫୦ | N/A | |
| ୨୧ | | ୩୨୪ | ୧.୦୫୦ | ୦.୦୮୦ | N/A | |
| ୨୨ | ୬୬ | ୨୮୬ | ୦.୦୮୦ | ୦.୦୧୦ | ଶାରଦ ଜଳ-୨ | ଭାଗବତ ପ୍ରଧାନ, ପି.- କାର୍ତ୍ତିକ ପ୍ରଧାନ, ବା: ଖଜୁରିପଡ଼ା |
| ୨୩ | ୬୭ | ୧୫୫ | ୦.୪୨୦ | ୦.୪୨୦ | N/A | ଭାଙ୍ଗାଧର ଦନାୟକ, ପି.- ବିଶ୍ୱକେଶନ ଦନାୟକ, ବା: ଖଜୁରିପଡ଼ା |
| ୨୪ | ୮୯ | ୧୫୬ | ୦.୨୦୦ | ୦.୨୦୦ | N/A | ସୁମେଧା ମିଶ୍ର, ସ୍ୱା.- ସୁଧାଂଶୁ ଶେଖର ମିଶ୍ର, ବା: ଖଜୁରିପଡ଼ା |
| ୨୫ | ୯୧ | ୧୦ | ୦.୭୧୦ | ୦.୦୦୩୦ | N/A | ସୁରେଶ କୁମାର ମିଶ୍ର, ସ୍ୱା.- ସୁଧାଂଶ ଶେଖର ମିଶ୍ର, ବା: ଖଜୁରିପଡ଼ା |
| ୨୬ | ୧୨୫/୧୮ | ୩/୪୪୨ | ୦.୯୦୦ | ୦.୦୫୦ | N/A | କଷ୍ଟ ରଣା, ପି.- ବିଭୀଷଣ ରଣା, ହୃଦା ରଣା, ପି.- କାଳିଆ ରଣା, ବା: ଖଜୁରିପଡ଼ା |
| ୨୭ | ୧୨୫/୩୧ | ୨୭୬ | ୦.୪୧୦ | ୦.୩୪୦ | ଶାରଦ ଜଳ-୨ | ମାଗୁଣି ପ୍ରଧାନ, ପବିତ୍ର ପ୍ରଧାନ, ପି.- କୁର୍ତ୍ତି ପ୍ରଧାନ, ବା: ଖଜୁରିପଡ଼ା |
| ୨୮ | ୧୨୫/୩୨ | ୨୮୯/୪୬୦ | ୦.୦୪୦ | ୦.୦୪୦ | ଘରବାରି | ନରେନ୍ଦ୍ର ନାଏକ, ପି.- ବଂଶୀ ନାଏକ, ବିନୋଦିନୀ ନାଏକ, ସ୍ୱା.- ନରେନ୍ଦ୍ର ନାଏକ, ବା: ଖଜୁରିପଡ଼ା |
| ୨୯ | ୧୨୫/୩୩ | ୨୮୯/୪୬୧ | ୦.୦୪୦ | ୦.୦୪୦ | ଘରବାରି | ବସନ୍ତ ମୁଖୀ, ପି.- ଯୁଧେଷ୍ଠି ମୁଖୀ, ଯୋସ୍ନା ମୁଖୀ, ସ୍ୱା.- ବସନ୍ତ ମୁଖୀ, ବା: ଖଜୁରିପଡ଼ା |
| ୩୦ | ୧୨୫/୩୪ | ୨୮୯/୪୬୨ | ୦.୦୪୦ | ୦.୦୪୦ | ଘରବାରି | ଲବ ମୁଖୀ, ପି.- ଯୁଦେଷ୍ଟି ମୁଖୀ, ସବିତା ମୁଖୀ, ସ୍ୱା.- ଲବ ମୁଖୀ, ବା: ଖଜୁରିପଡ଼ା |
| ୩୧ | ୧୨୫/୩୫ | ୨୮୯/୪୬୩ | ୦.୦୪୦ | ୦.୦୧୦ | ଘରବାରି | କଇରା ମୁଖୀ, ପି.- ଯୁଦେଷ୍ଟି ମୁଖୀ, ରାଈ ମୁଖୀ, ସ୍ୱା.- କଇରା ମୁଖୀ, ବା: ଖଜୁରିପଡ଼ା |
| ୩୨ | ୧୨୫/୩୬ | ୨୮୯/୪୫୯ | ୦.୦୪୦ | ୦.୦୪୦ | ଘରବାରି | ବିରଞ୍ଚି ଭର୍ମା, ପି.- ଭାଗ୍ୟ ଭର୍ମା, କପୁର ଭର୍ମା, ସ୍ୱା.- ବିରଞ୍ଚି ଭର୍ମା, ବା: ଖଜୁରିପଡ଼ା |
| ୩୩ | ୧୨୫/୪୦ | ୩୨୦ | ୦.୩୪୦ | ୦.୩୪୦ | ଆଟ | ତ୍ରିଭଙ୍ଗ ନାଏକ, ପି.- କେଦାର ନାଏକ, ବା: ଖଜୁରିପଡ଼ା |
| ୩୪ | ୧୨୫/୭ | ୨୭୭ | ୦.୪୧୦ | ୦.୦୧୦ | ଶାରଦ ଜଳ-୨ | ମାଗୁଣି ପ୍ରଧାନ, ପବିତ୍ର ପ୍ରଧାନ, ପି.- କୂର୍ତ୍ତି ପ୍ରଧାନ, ବା: ଖଜୁରିପଡ଼ା |
| ମୋଟ | | | ୨୧.୧୩୦ | ୧୧.୮୫୦ | | |

**ସ୍ୱା./- ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ**
**ଖୋର୍ଦ୍ଧା ରୋଡ଼-ବଲାଙ୍ଗିର ନୂତନ ଓସାରିଆ ରେଳପଥ ପ୍ରକଳ୍ପ, ବୌଦ୍ଧ**
OIPR-24001/14/0328/1920

# ଏଥର ହୋଇପାରେ ସ୍ୱତନ୍ତ୍ର ରଥଯାତ୍ରା

**କରୋନା ପାଇଁ ୬ ମାସ ସତର୍କ ପରାମର୍ଶ**

**ପୁରୀ ଅଫିସ୍, ୨୦।୩:** ନିୟନ୍ତ୍ରଣକୁ ଆସୁନି କରୋନା। ବରଂ ଦିନକୁ ଦିନ ଏହା ଅଧିକ ଉଗ୍ରରୂପ ଧାରଣ କରୁଛି। ଭାରତରେ ବି ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିଛି। ଓଡ଼ିଶାରେ ଦୁଇଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟବାସୀ ଏହି ମହାମାରୀକୁ ନେଇ ବେଶ ଚିନ୍ତିତ ହୋଇପଡ଼ିଛନ୍ତି। ଏହାକୁ କିପରି ମୁକାବିଲା କରାଯାଇପାରିବ ସେ ନେଇ ପରିସ୍ଥିତିକୁ ଦେଖି ରାଜ୍ୟ ସରକାର ନୂଆ ନୂଆ ନିର୍ଦ୍ଦେଶନାମା ଜାରି କରୁଛନ୍ତି। କରୋନା ସଂକ୍ରମଣ ବିପକ୍ଷରେ ଏହି ଲଢେଇ ପାଇଁ ଆମକୁ ୬ ମାସ ସତର୍କ ରହିବାକୁ ପଡ଼ିବ ବୋଲି ରାଜ୍ୟ ସରକାରଙ୍କ ମୁଖ୍ୟ ମୁଖପାତ୍ର ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ଏହାକୁ ଲକ୍ଷ୍ୟ କଲେ ଆସନ୍ତା ଜୁନ୍ ଶେଷରେ ହେବାକୁ ଥିବା ରଥଯାତ୍ରା କିପରି ଅନୁଷ୍ଠିତ ହେବ ତାହାକୁ ନେଇ ନାନା ଚର୍ଚ୍ଚା ଚାଲିଛି। ଏଥର ସ୍ୱତନ୍ତ୍ର ରଥଯାତ୍ରା ହୋଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି।

ରଥଯାତ୍ରାରୁ ପୁନାଭେଶ ପର୍ଯ୍ୟନ୍ତ ପୁରୀରେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ। ଅନେକ ଶ୍ରଦ୍ଧାଳୁ ରଥଯାତ୍ରା ପୂର୍ବରୁ ଆସି ନୀଳାଦ୍ରି ବିଜେ ପରେ ଯାଇଥାନ୍ତି। ସହରର ବିଭିନ୍ନ ହୋଟେଲ, ଲଜ୍, ଧର୍ମଶାଳା ଆଦି ପ୍ୟାକ୍ ହୋଇଯାଏ। ଏଥର ରଥଯାତ୍ରା ଜୁନ୍ ଶେଷ ଆଡ଼କୁ ପଡୁଛି। ଏହି ସମୟରେ ବର୍ଷାର ସମ୍ଭାବନା ବି ରହିଛି। ଅନ୍ୟପକ୍ଷରେ ରଥଯାତ୍ରାକୁ ଆଉ ପ୍ରାୟ ୩ ମାସ ରହିଲା। ତେଣୁ ଏହି ସମୟକୁ ଯଦି କରୋନା ନିୟନ୍ତ୍ରଣକୁ ଆସି ନ ଥାଏ ତେବେ ଏହାର ପ୍ରଭାବ ରଥଯାତ୍ରା ଉପରେ ପଡ଼ିବ। ରାଜ୍ୟ ସରକାର ରଥଯାତ୍ରା ପାଇଁ କୌଣସି ବଡ଼ ନିଷ୍ପତ୍ତି ନେଇପାରନ୍ତି ଏବଂ ସ୍ୱତନ୍ତ୍ର ରଥଯାତ୍ରା ହୋଇପାରେ ବୋଲି ଅନେକଙ୍କ ମଧ୍ୟରେ ଏବେ ଚର୍ଚ୍ଚା ହେଉଛି। କେହି କେହି ଚଳିତବର୍ଷ ରଥଯାତ୍ରା ନିରାଡ଼ମ୍ବର ଭାବେ ପାଳନ କରିବା ଲାଗି ରାଜ୍ୟ ସରକାରଙ୍କୁ ଚିଠି ଲେଖୁଛନ୍ତି। ରଥଯାତ୍ରାରେ ଦେଶ, ବିଦେଶର ଶ୍ରଦ୍ଧାଳୁ ଯୋଗଦେଇଥାନ୍ତି। ବର୍ଷାଋତୁରେ ରଥଯାତ୍ରା ହେବାକୁ ଥିବାରୁ କରୋନା ଭୂତାଣୁ ବ୍ୟାପିବା ଆଶଙ୍କା ଅଧିକ ରହୁଛି। ତେଣୁ ଚଳିତବର୍ଷ ରଥଯାତ୍ରା ନିରାଡ଼ମ୍ବର ଭାବେ ପାଳନ କରିବା ଦରକାର ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି। କରୋନା ବିପତ୍ତି ଯୋଗୁ ଏଥର ନିରାଡ଼ମ୍ବର ଭାବେ ରଥଯାତ୍ରା ପାଳନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ପ୍ରସ୍ତାବ ଦେଇଛନ୍ତି ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଙ୍ଗଠନ କର୍ମକର୍ତ୍ତା। ଏପରିକି ଅନେକ ବୁଦ୍ଧିଜୀବୀ ରଥଯାତ୍ରା ଆୟୋଜନକୁ ନେଇ ଆଶଙ୍କାରେ ରହିଛନ୍ତି। ଚଳିତବର୍ଷ ସ୍ୱତନ୍ତ୍ର ରଥଯାତ୍ରା ହେବା ସମ୍ଭାବନା ସୃଷ୍ଟି ହୋଇଛି ବୋଲି ପୁରୀ ସହରର ମହେନ୍ଦ୍ର କୁମାର ବେହେରା କହିଛନ୍ତି।

# ୨୫୯୦ ଘରୋଇ ସୁଲଭ ମୂଲ୍ୟ ଦୋକାନର ଲାଇସେନ୍ସ ୪ ମାସ ପାଇଁ ନବୀକରଣ

**କରୋନା ମୁକାବିଲା**

**ଭୁବନେଶ୍ୱର, ୨୦।୩(ବ୍ୟୁରୋ):** କରୋନା (କୋଭିଡ୍-୧୯)କୁ ଦୃଷ୍ଟିରେ ରଖାଯାଇ ହିତାଧିକାରୀମାନେ ଯେପରି ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଉପଯୋଗ କରିପାରିବେ, ସେଥିପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଛି। ବିଶେଷ କରି ହିତାଧିକାରୀଙ୍କୁ ଖାଦ୍ୟଶସ୍ୟ ସୁବିଧାରେ ଯୋଗାଇବା ପାଇଁ ୨୫୯୦ ଘରୋଇ ସୁଲଭ ମୂଲ୍ୟ ଦୋକାନର ଚଳିତ ବର୍ଷ ଏପ୍ରିଲରୁ ଜୁଲାଇ ପର୍ଯ୍ୟନ୍ତ ଲାଇସେନ୍ସ ନବୀକରଣ କରିବା ପାଇଁ ରାଜ୍ୟ ସରକାର ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ଏହି ଖୁଚୁରା ଦୋକାନୀ (ରିଟେଲର) ମାନଙ୍କର ଲାଇସେନ୍ସ ନବୀକରଣ ୪ ମାସ ପାଇଁ କରାଯାଇଛି। ଏହି ମର୍ମରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ କମିଶନର ତଥା ଶାସନ ସଚିବ ବୀରବିକ୍ରମ ଯାଦବ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଲାଇସେନ୍ସ ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ନିର୍ଦ୍ଦେଶ ଦେବା ପାଇଁ ଜିଲାପାଳମାନଙ୍କୁ କୁହାଯାଇଛି, ଯେପରି ସେମାନେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଉକ୍ତ ଖୁଚୁରା ଦୋକାନୀମାନଙ୍କୁ ଲାଇସେନ୍ସ ପ୍ରଦାନ କରିବେ ସେଥିପ୍ରତି ଦୃଷ୍ଟି ଦିଆଯିବ।



# ପ୍ରଧାନମନ୍ତ୍ରୀଙ୍କ ଜନତା କର୍ଫ୍ୟୁ ନିବେଦନ: 'ପ୍ରହସନ ପରି ଲାଗୁଛି'

ମହାମାରୀ କରୋନା ଭୂତାଣୁ ସଂକ୍ରମଣ ଯୋଗୁ ସାରା ବିଶ୍ୱ ସଂକଟରେ। ଏଥିରୁ ରକ୍ଷା ପାଇବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ଏକମାତ୍ର ଉପାୟ। ଗହଳିଠାରୁ ଯଥାସମ୍ଭବ ଦୂରେଇ ରହିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଆସନ୍ତା ୨୨ ତାରିଖ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ 'ଜନତା କର୍ଫ୍ୟୁ' ପାଳନ କରିବାକୁ ନିବେଦନ କରିଛନ୍ତି। ହେଲେ ଦେଶର ସ୍ୱାସ୍ଥ୍ୟକ୍ଷେତ୍ରରେ ଅବ୍ୟବସ୍ଥା ଥିବାବେଳେ ଗୋଟିଏ ଦିନ ଜନତା କର୍ଫ୍ୟୁ ଦ୍ୱାରା ଲୋକେ ଘରେ ରହିଗଲେ କରୋନା ଭୂତାଣୁ ଦେଶ ଛାଡ଼ି ଚାଲିଯିବନି ବୋଲି ଲୋକେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଅନେକେ ମୋଦିଙ୍କ ନିବେଦନକୁ ପ୍ରହସନ ବୋଲି କହିଥିବାବେଳେ ସଚେତନତା ସୃଷ୍ଟି ହେବା ଦୃଷ୍ଟିରୁ ଆଉ କେତେକ ମହଲରେ ସ୍ୱାଗତ କରାଯାଉଛି।

## ଗରିବ ଲୋକ ରୋଜଗାରରୁ ବଞ୍ଚିତ ହେବେ



ପ୍ରଧାନମନ୍ତ୍ରୀଙ୍କ ଜନତା କର୍ଫ୍ୟୁ ଏକ ପ୍ରହସନ ପରି ଲାଗୁଛି। ଗୋଟିଏ ଦିନ ଘରେ ରହିଗଲେ କରୋନା ମହାମାରୀ ଦେଶରୁ ପଳାଇବ ନାହିଁ। ଦିନଟିଏ ଘରୁ ପଦାକୁ ନ ବାହାରିଲେ ଜଣେ ସାଧାରଣ ଗରିବ ଖଟିଖିଆ ଲୋକର ପରିବାର ରୋଜଗାରରୁ ବଞ୍ଚିତ ହେବ। ମେଳି ଦ୍ୱାରା କରୋନା ସଂକ୍ରମଣ ଅଧିକ ହେଉଥିବା ସୂଚନା ମିଳିଛି। ତେବେ ନିଜ ଘର ଓ ବାୟୁ ମଣ୍ଡଳରେ ସଂକ୍ରମଣ ରୋକିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ସାରା ଦେଶରେ ଏବେ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡିଛି। ଚିକିତ୍ସାଳୟର ଭିତ୍ତିଭୂମିକୁ ସୁଦୃଢ଼ ନ କରି ଜନତାଙ୍କୁ ଗୋଟିଏ ଦିନ ଘର ମଧ୍ୟରେ ରହିବାକୁ କୁହାଯାଉଛି। ଏଥିରେ ଦେଶର କେଉଁ ପ୍ରକାର ଲାଭ ହେବ, ତାହା ପ୍ରଧାନମନ୍ତ୍ରୀ ହିଁ ଜାଣନ୍ତି।

**–ଦିଲୀପ କୁମାର ମହାନ୍ତି, ଚାନ୍ଦୋଳ, କେନ୍ଦ୍ରାପଡ଼ା**

## ସାଧାରଣ କଥା, ସ୍ୱାଗତ କରୁଛି



ପ୍ରତିମୁହୂର୍ତ୍ତରେ ମେଳି ହେବା ଆମ ପରମ୍ପରା। ତେବେ ମେଳିରୁ ଦୂରେଇ ରହିବା ଦ୍ୱାରା ସଂକ୍ରମଣକୁ ରୋକିହେବ। ପ୍ରଧାନମନ୍ତ୍ରୀଙ୍କ ଜନତା କର୍ଫ୍ୟୁ ସାଧାରଣ କଥା ମନେ ହେଉଥିଲେ ମଧ୍ୟ କରୋନା ମହାମାରୀରୁ ବର୍ତ୍ତିବା ପାଇଁ ଏହା ଏକ ସଚେତନତା କାର୍ଯ୍ୟକ୍ରମ। ଏହାକୁ ମୁଁ ସ୍ୱାଗତ କରୁଛି। ରାଷ୍ଟ୍ରର ହିତ ପାଇଁ ମାର୍ଚ୍ଚ ୨୨ରେ ସମସ୍ତେ ଘର ମଧ୍ୟରେ ରହି ସଂକ୍ରମଣରୁ ବର୍ତ୍ତିବା ସହିତ ଯେଉଁମାନେ ଏହି ରୋଗ ପାଇଁ ଗୃହ ନଜରବନ୍ଦୀରେ ଅଛନ୍ତି ସେମାନଙ୍କ ମନୋବଳକୁ ସୁଦୃଢ଼ କରିବି।

**– ଜଗଦୀଶ ପତି, ବୁଦ୍ଧିଜୀବୀ, ଦେପୁରା, କେନ୍ଦ୍ରାପଡ଼ା**

## ସଂକଳ୍ପ ଓ ସଂଯମ ୨ଟି ଅସ୍ତ୍ର



କରୋନା ଏକ ବିଶ୍ୱ ମହାମାରୀ। ଚାଇନା, ଇଟାଲି, ଆମେରିକା ଭଳି ଦେଶକୁ ଏହା ଯେଉଁଭଳି ଆକ୍ରାନ୍ତ କରିଛି, ଆଗକୁ ଭାରତରେ ଅବସ୍ଥା ସଙ୍କଟାପନ୍ନ ହୋଇପାରେ। ଏହି ରୋଗରୁ ରକ୍ଷା ପାଇବା ପାଇଁ କୌଣସି ନିର୍ଦ୍ଦିଷ୍ଟ ଉପାୟ କିମ୍ବା ଔଷଧ ବାହାରିନାହିଁ। ତେଣୁ ଏହି ସଂକ୍ରମଣ ସହ ଲଢ଼ିବା ପାଇଁ ସଂକଳ୍ପ ଓ ସଂଯମ ହେଉଛି ୨ଟି ଅସ୍ତ୍ର। ଏହି ଦୁଇଟି ଅସ୍ତ୍ରକୁ ବ୍ୟବହାର କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଜନତା କର୍ଫ୍ୟୁ ନିମନ୍ତେ ଯେଉଁ ଆହ୍ୱାନ ଦେଇଛନ୍ତି, ତାକୁ ଗ୍ରହଣ କରି ଆସନ୍ତା ୨୨ ତାରିଖରେ ନିଜ ଉପରେ ନିଜେ କର୍ଫ୍ୟୁ ପ୍ରୟୋଗ କରି ଆମକୁ କରୋନା ସହିତ ସଂଘର୍ଷ କରିବାକୁ ପ୍ରସ୍ତୁତ ହେବାକୁ ପଡ଼ିବ।

**–ସଂଯୁକ୍ତା ମହାପାତ୍ର, ଶିକ୍ଷୟିତ୍ରୀ, ଯାଜପୁରରୋଡ**

## ମିଳାମିଶା ନ କରିବା ସବୁଠୁ ଭଲ



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନତା କର୍ଫ୍ୟୁ ଆହ୍ୱାନକୁ ପୂର୍ଣ୍ଣ ଭାବେ ସହଯୋଗ କରିବା ଉଚିତ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସମୟ। କରୋନା ବିଶ୍ୱରେ ଆତଙ୍କ ଖେଳାଇଛି। ଏବେ ଭୟଙ୍କର ରୂପେ ଆଗେଇ ଚାଲିଛି। ଏହାପାଇଁ ଠିକ୍ ଔଷଧ ଆବିଷ୍କାର ହୋଇନାହିଁ। ତେଣୁ ଆମ୍ଭେ ବାହାରକୁ ନ ବାହାରିବା ଏବଂ ମିଳାମିଶା ନ କରିବା ସବୁଠାରୁ ଭଲ। ଏହି ପରିପ୍ରେକ୍ଷୀରେ ଜନତା କର୍ଫ୍ୟୁ ସ୍ୱାଗତଯୋଗ୍ୟ ପଦକ୍ଷେପ।

**–ମାନସରଞ୍ଜନ ସାମଲ, ଆଡଭୋକେଟ, ଯାଜପୁରରୋଡ**

## ଗୋଟିଏ ଦିନରେ ମହାମାରୀ ଦେଶ ଛାଡ଼ି ଚାଲିଯିବନି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ କ୍ରମେ ୨୨ ମାର୍ଚ୍ଚକୁ ସାରା ଦେଶରେ ଜନତା କର୍ଫ୍ୟୁ ଭାବେ ବିବେଚନା କରାଯିବ ବୋଲି ବ୍ୟାପକ ପ୍ରଚାର ଓ ପ୍ରସାର ହେଉଛି। ମୋ ମତରେ ଖାଲି ଗୋଟିଏ ଦିନ ଘରୁ ବାହାରକୁ ନ ବାହାରିଲେ କରୋନା ଭଳି ମହାମାରୀ ଦେଶ ଛାଡ଼ି ଚାଲିଯିବନି। ବରଂ ଏହାର ମୁକାବିଲା ପାଇଁ ସରକାର ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ପାଇଁ ଅଧିକ କିଛି ଚିନ୍ତା କରିବା ଉଚିତ। ଏହାଦ୍ୱାରା ଗାଁଠାରୁ ସହର ଯାଏ ଲୋକେ ଖୁବ୍‌ଶୀଘ୍ର ସଚେତନ ହୋଇପାରିବେ। ଓଡ଼ିଶା ଭଳି ରାଜ୍ୟରେ ଏବେ ବି ଅନେକ ଲୋକ ଦିନକୁ ଦୁଇ ଓଳି ଖାଇବାକୁ ପାଉନାହାନ୍ତି। ଗୋଟିଏ ଦିନ ଘରୁ ବାହାରକୁ ନ ବାହାରିଲେ ଏହି ପରିବାର ସବୁ ହୁଏତ ଉପବାସ ରହିବାକୁ ପଡ଼ିବ। ସେ ଦିଗ ପ୍ରତି ସରକାର ଗୁରୁତ୍ୱର ସହ ଚିନ୍ତା କରିବା ଜରୁରୀ। ଅନ୍ୟପଟେ ଏହାଦ୍ୱାରା ଭାରତର ଅର୍ଥନୀତି ଉପରେ କି ପ୍ରଭାବ ପଡ଼ିବ ସେ ସଂକ୍ରାନ୍ତରେ ଦୃଷ୍ଟିଦେବା ଦରକାର।

**–ଅଧିକାରୀ ବିଭୁରଞ୍ଜନ ଦାଶ, ଆଇନଜୀବୀ, ଜଗତ୍‌ସିଂହପୁର କୋର୍ଟ**

## ଅର୍ଥନୀତି ଉପରେ ପ୍ରଭାବ ପକାଇବ



୨୨ ତାରିଖରେ ଲୋକେ ଘରୁ ନ ବାହାରିଲେ କି ଦୋକାନ, ବଜାର ବନ୍ଦ ହୋଇଗଲେ କରୋନା ଭଳି ମହାମାରୀକୁ ପ୍ରତିହତ କରିବା ସମ୍ଭବ ନୁହେଁ। ଏହା ଅର୍ଥନୀତି ଉପରେ ପ୍ରଭାବ ପକାଇବ। ଏ ପରିସ୍ଥିତିରେ ସରକାର ଅନ୍ୟ କିଛି ପନ୍ଥା ବାହାର କରିବା ଦରକାର। ବିଶେଷକରି ଲୋକଙ୍କ ଭିତରେ ସଚେତନତା ସୃଷ୍ଟି ପାଇଁ ଅନ୍ୟ କିଛି ବିକଳ୍ପ ଚିନ୍ତା କରିବା ଜରୁରୀ। ମୋ ମତରେ ଗୋଟିଏ ଦିନ ସବୁ ବନ୍ଦବାନ୍ଦ କରିଦେବା ଅପେକ୍ଷା ପ୍ରତ୍ୟହ କିଛି ଦିନ ପାଇଁ ନିର୍ଦ୍ଦିଷ୍ଟ ସମୟରେ ଜନତା କର୍ଫ୍ୟୁ କରାଗଲେ ଭଲ ହୁଅନ୍ତା।

**–ବିଶ୍ୱଜିତ୍ ପଟ୍ଟନାୟକ, ବ୍ୟବସାୟୀ, ଜଗତ୍‌ସିଂହପୁର**

## ବିଜ୍ଞାନ ସମ୍ମତ ପଦକ୍ଷେପ



କରୋନା ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀଙ୍କ ନିବେଦନ ଜନତା କର୍ଫ୍ୟୁ ବିଜ୍ଞାନସମ୍ମତ। ରବିବାର ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଲୋକେ ଘରୁ ନ ବାହାରିବା ରୋଗକୁ ନିୟନ୍ତ୍ରଣ କରିବାରେ ସଫଳ ହେବ। ସଙ୍କଟକୁ ଏଡାଇବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପ ସ୍ୱାଗତଯୋଗ୍ୟ ପଦକ୍ଷେପ। ପ୍ରଧାନମନ୍ତ୍ରୀଙ୍କ ଏହି ପଦକ୍ଷେପକୁ ଦଳମତ ନିର୍ବିଶେଷରେ ସମସ୍ତେ ଗ୍ରହଣ କରୁଛନ୍ତି ।

**–ମନୋଜ ମିଶ୍ର, ବରିଷ୍ଠ ପାଲା ଗାୟକ, ଗୋଡିପଡ଼ା, ନୟାଗଡ଼**

## ରୋଗକୁ ପ୍ରତିରୋଧ କରିବ



କରୋନା ଭୂତାଣୁ ବିଶ୍ୱର ଅନେକ ଦେଶକୁ ବ୍ୟାପି ଚାଲିଛି। ଏଥିରୁ ମୁକ୍ତି ପାଇଁ ଔଷଧ ନାହିଁ କି ଉପାୟ ମିଳୁନି। ସଂକ୍ରମଣଠାରୁ ଦୂରେଇ ରହିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଅତି ଜରୁରୀ। ଆରୋଗ୍ୟ ହେବା ଅପେକ୍ଷା ରୋଗକୁ ପ୍ରତିରୋଧ କରିବା ବୁଦ୍ଧିମାନର କାର୍ଯ୍ୟ, ଯାହାକି ପ୍ରଧାନମନ୍ତ୍ରୀଙ୍କ ଜନତା କର୍ଫ୍ୟୁ ବାର୍ତ୍ତା ରଖିଛି। ଏଣୁ ଦେଶର ୧୩୦ କୋଟି ଲୋକ ଗୋଟିଏ ଦିନର ୧୪ ଘଣ୍ଟା ପାଇଁ ବିଶ୍ରାମ ନେଲେ କିଛି ଅସୁବିଧା ନାହିଁ।

**–ସବିତା ପାଇକରାୟ, ମୁକ୍ତାପୁର, ନୟାଗଡ଼**

## ଥାଳି ବଜାଇବା ପାଣିଚିଆ ପରି ଲାଗୁଛି



କରୋନା ସଂକ୍ରମଣକୁ ରୋକିବା ଲାଗି ପ୍ରଧାନମନ୍ତ୍ରୀଙ୍କ ଜନତା କର୍ଫ୍ୟୁ ଏକ ସମୟୋପଯୋଗୀ ଆହ୍ୱାନ। ଏହାଦ୍ୱାରା ବାହ୍ୟ ପରିବେଶ ବିଶୋଧନ ହୋଇ ରୋଗକୁ ଆଗକୁ ବଢ଼ାଇବାକୁ ଦେବନି। ପ୍ରତ୍ୟେକ ଜୀବନ ଦେଶ ପାଇଁ ମୂଲ୍ୟବାନ ହେତୁ କର୍ଫ୍ୟୁକୁ ସମସ୍ତେ ମାନିବାର ଆବଶ୍ୟକତା ରହିଛି। ଏହି ଆହ୍ୱାନକୁ ଦେଖିଲେ ଘଣ୍ଟି ବଜାଇବା, ତାଳି ମାରିବା ଓ ଥାଳି ବଜାଇବା ପାଣିଚିଆ ପରି ମନେହୁଏ।

**– ବିରଞ୍ଚି ନାରାୟଣ ତ୍ରିପାଠୀ, ସାହିତ୍ୟିକ ରଣପୁର, ନୟାଗଡ଼**

## ସ୍ୱାଗତଯୋଗ୍ୟ ପଦକ୍ଷେପ



କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଜନତା କର୍ଫ୍ୟୁ ଆହ୍ୱାନ ସ୍ୱାଗତଯୋଗ୍ୟ ପଦକ୍ଷେପ। ସମସ୍ତେ ନିଜର ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ସଚେତନ ହେବା ଜରୁରୀ। କିନ୍ତୁ ଏଥିରେ କୌଣସି ରାଜନୈତିକ ଉଦ୍ଦେଶ୍ୟ ରହିବା ଉଚିତ ନୁହେଁ। କାରଣ ଦେଶ ଓ ଦେଶବାସୀଙ୍କ ସୁରକ୍ଷା ସମସ୍ତଙ୍କ ପାଇଁ ଅତ୍ୟାବଶ୍ୟକ।

**–ଚନ୍ଦ୍ରକାନ୍ତ ମିଶ୍ର, ଅମଲାପଡ଼ା ବସଷ୍ଟାଣ୍ଡ, ଢେଙ୍କାନାଳ**



## ଜିଲା ଚିଠି
## ଭଦ୍ରକ

# ଭାଗ୍ୟରେ ଥିଲେ ଭଦ୍ରକ

କାର୍ଯ୍ୟରେ ସ୍ୱଚ୍ଛତା ଆଣି ପ୍ରଶାସନକୁ ଲୋକଙ୍କ ନିକଟତର କରିବା ପାଇଁ ଉଦ୍ୟମ ହେଉଥିବାବେଳେ ଭଦ୍ରକ ଜିଲାରେ ଏହାର ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଏପରି କି କେତେଜଣ ଅଧିକାରୀ ଠିକ୍ ଭାବେ ଦାୟିତ୍ୱ ନ ତୁଲାଇ ନିଜ ପରିବାରର ସଦସ୍ୟଙ୍କୁ ସରକାରୀ ଯୋଜନାରେ ସାମିଲ କରି ସୁବିଧା ସୁଯୋଗ ଦେବାରେ ଲାଗିଛନ୍ତି। ପୂର୍ବରୁ ପ୍ରଶାସନ ଓ ସାଧାରଣ ଲୋକଙ୍କ ମଧ୍ୟରେ ଥିବା ଦୂରତା ଏଯାଏ ଅପରିବର୍ତ୍ତିତ ରହିଛି। କେହି କେହି କହନ୍ତି, ଭାଗ୍ୟରେ ଥିଲେ ଭଦ୍ରକ ଭଳି ଜାଗାରେ ଚାକିରି କରିବାକୁ ସୁଯୋଗ ମିଳିଥାଏ। ଏଭଳି ଏକ ଧାରଣା ବହୁଦିନରୁ ଜନମାନସରେ ସ୍ଥାନ ପାଇଆସିଛି। କେତେଜଣ ଅଧିକାରୀ ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବିଭିନ୍ନ ବିଭାଗର ଗାଦି ମାଡ଼ି ବସିଥିବା ଏଥିରୁ ପ୍ରମାଣିତ କରୁଛି। ସରକାରୀ ନିୟମ ଅନୁସାରେ କୌଣସି ସ୍ଥାନରେ କେହି ଅଧିକ ଦିନ ଥିଲେ ସେମାନଙ୍କୁ ବଦଳି କରାଯିବା ବ୍ୟବସ୍ଥା ରହିଛି। ଏଠାରେ ବଦଳି ଆଦେଶ ଆସୁଥିଲେ ମଧ୍ୟ ତାହା ପରେ କେଉଁଠି ଲୁଚିଯାଉଛି। ଏପରି କି କେତେକ ଅଧିକାରୀ ଭଦ୍ରକ ଛାଡ଼ିବାକୁ ଯେମିତି ନାରାଜ ପ୍ରତୀତ ହେଉଛି। ବର୍ତ୍ତମାନ ସରକାର ଗ୍ରାମାଭିମୁଖୀ ଯୋଜନା କାର୍ଯ୍ୟକାରୀ କରୁଥିବାବେଳେ ବିଭିନ୍ନ ଉନ୍ନୟନ ଯୋଜନାରେ ଆବଶ୍ୟକ ଅର୍ଥ ମଞ୍ଜୁର ହୋଇଆସୁଛି। ଏସବୁ ଯୋଜନା କାର୍ଯ୍ୟ ନାଁରେ ଅନିୟମିତତା କରାଯାଇ ସରକାରୀ ଅର୍ଥ ହଡ଼ପ କରାଯିବା ଅଭିଯୋଗ ଏହି ଜିଲା ପାଇଁ କିଛି ନୂଆ କଥା ନୁହେଁ। ସରକାରୀ କାଗଜପତ୍ରରେ ଏଠି ସବୁକିଛି ସମ୍ଭବ ହେଉଥିବା ସାଧାରଣ ଲୋକେ ମତବ୍ୟକ୍ତ କରୁଛନ୍ତି। ଏପରି କି ସଧବାମାନେ ବିଧବା ଭତ୍ତା ପାଇବା ନଜିର ରହିଛି। ସେହିପରି ପୁରୁଣା ପାଇଖାନାରେ ରଙ୍ଗଦେଇ ନୂଆ ପାଇଖାନା ନାମରେ ଅନୁଦାନ ହାତେଇବା, ଅନୁସୂଚିତ ଜାତି ଛାତ୍ରୀଛାତ୍ର ନାଁରେ ଲକ୍ଷାଧିକ ଟଙ୍କା ହଡ଼ପ, ଅଯୋଗ୍ୟଙ୍କୁ ଆବାସ ଯୋଜନାରେ ସାମିଲ କରାଯିବା ଭଳି ଅନିୟମିତତା ପଛରେ କେତେକ ଅଧିକାରୀଙ୍କ ପ୍ରଚ୍ଛନ୍ନ ହାତ ରହୁଥିବା ଚର୍ଚ୍ଚା ହେଉଛି। ଏଭଳି ଅନିୟମିତତା ନେଇ କେତେଜଣ ଅଧିକାରୀଙ୍କୁ ଭିଜିଲାନ୍ସ ଓ ପ୍ରଶାସନିକ ତଦନ୍ତର ସମ୍ମୁଖୀନ ହେବାକୁ ପଡ଼ିଛି। ଜିଲାରେ ଜଣେ ଜିଆର୍‌ଏସ୍‌ଙ୍କ ପରିବାରର ୩ ଜଣଙ୍କ ନାଁରେ ଇନ୍ଦିରା ଆବାସ ମିଳିଥିବା ଭଳି ଅଭିଯୋଗ ହୋଇଛି। ବର୍ଷ ବର୍ଷ ଧରି ରାସ୍ତା କାମ ଚାଲିଥିଲେ ବି ସରୁନି। ପିଚୁ କରାଯିବାର ୧୦ ଦିନ ପରେ ରାସ୍ତା ଅବସ୍ଥା ବେହାଲ ହୋଇପଡୁଛି। ସ୍ୱଚ୍ଛ ଭାରତ ଯୋଜନାରେ ଜଣେ ମୋଟିଭେଟରଙ୍କ ପରିବାରର ୩ ସଦସ୍ୟ ଗାଁ ସାରା ପାଇଖାନା ଟଙ୍କା ଲୁଟି ନେବା ଭଳି ଅନେକ ଦୁର୍ନୀତି ଏହି ଜିଲାରେ ଲୋକଲୋଚନକୁ ଆସିଛି। ଏ ନେଇ କେଉଁଠି ଜିଆର୍‌ଏସ୍‌ଙ୍କ ନାଁରେ ମାମଲା ରୁଜୁ ହୋଇଛି ତ ଅନ୍ୟ କେଉଁଠି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନାଁରେ ଚାଲିଛି ଫୌଜଦାରି ମାମଲା। ଜିଲାରେ ଜେଲର ଚେକ୍‌ରେ ଲାଞ୍ଚ ନେଇ ଜେଲ ଯିବା ଏବଂ ଜଣେ ଜେଲର ବଳାତ୍କାର ମାମଲାରେ ଛନ୍ଦିହୋଇ ଫେରାର ହେବା ଘଟଣା ରାଜ୍ୟରେ ଚହଳ ସୃଷ୍ଟି କରିଛି। ସମିତିସଭ୍ୟ ପଦବୀରେ ଥାଇ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରିବା, ଗ୍ରାମ୍ୟ ଉନ୍ନୟନ ବିଭାଗର ଜଣେ ବରିଷ୍ଠ ଅଧିକାରୀ ଓ ଜଣେ କିରାଣି ଭିଜିଲାନ୍ସ ଦ୍ୱାରା ଗିରଫ ହେବା ଘଟଣା ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସରକାରୀ ଅଧିକାରୀମାନେ ଥରେ ଏଠି କାର୍ଯ୍ୟରେ ଯୋଗଦେଲେ ଜିଲା ଛାଡ଼ି ଯିବାକୁ କାହିଁକି ନାରାଜ ତାହାର କାରଣ ଜଳ ଜଳ ହୋଇ ଦିଶୁଛି।

**–ବିଭୁପ୍ରସାଦ ବେହେରା**

# ୬ କରୋନା ସନ୍ଦିଗ୍ଧଙ୍କୁ ଏସ୍‌ସିବି ପଠାଗଲା

**ନିଶ୍ଚିନ୍ତକୋଇଲି, ୨୦।୩(ସ୍ୱ.ପ୍ର.)**

କରୋନା ସନ୍ଦେହରେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ୬ ସନ୍ଦିଗ୍ଧଙ୍କୁ ଶୁକ୍ରବାର ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ ଡାକ୍ତରଖାନା(ଏସ୍‌ସିବି ମେଡିକାଲ) ପଠାଯାଇଛି। ଏହାପୂର୍ବରୁ ସେମାନଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ପ୍ରାଥମିକ ଚିକିତ୍ସା କରାଯାଇଥଲା । ସେମାନଙ୍କ ମଧ୍ୟରୁ ବାହାରବନ୍ଧ ଗ୍ରାମରୁ ୨, ଦୁଦୁରା, ଘଣ୍ଟାଳ,ବନ୍ଧୁପୁର ଓ କୁଦ ଗ୍ରାମରୁ ଜଣେ ଲେଖାଏ ସନ୍ଦିଗ୍ଧ ଥିବା ଜଣାପଡିଛି। ସମସ୍ତ ସନ୍ଦିଗ୍ଧ ବିଦେଶରୁ କିଛି ଦିନ ପୂର୍ବେ ଗ୍ରାମକୁ ଫେରିଥିଲେ। ସ୍ୱାସ୍ଥ୍ୟକର୍ମୀ ଏହାଜାଣିବା ପରେ ସେମାନଙ୍କୁ ସ୍ୱାସ୍ଥ୍ୟପରୀକ୍ଷା କରିବା ପାଇଁ ପରାମର୍ଶ ଦେଇଥିଲେ।

# ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ମାନିବାକୁ ଧର୍ମେନ୍ଦ୍ରଙ୍କ ଆହ୍ୱାନ

**ଭୁବନେଶ୍ୱର, ୨୦।୩ (ବ୍ୟୁରୋ):** କରୋନା ଭୂତାଣୁ ବିଶ୍ୱ ମହମାରୀର ରୂପ ନେଇଥିବା ବେଳେ ଆମ ସମସ୍ତଙ୍କୁ ମିଳିମିଶି ଏଭଳି ପ୍ରାକୃତିକ ସଙ୍କଟକୁ ସାମ୍ନା କରିବାକୁ ପଡିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ରାଜ୍ୟ ତଥା ଦେଶବାସୀ କୌଣସି ପ୍ରକାର ଭୟଭୀତ ନ ହୋଇ ଧୈର୍ଯ୍ୟ ଓ ସାହସର ସହ କରୋନା ଭାଇରସ୍ ବିରୋଧରେ ମୁକାବିଲା କରନ୍ତୁ ବୋଲି ସାମାଜିକ ଗଣମାଧ୍ୟମରେ ଭିଡିଓ ଜାରି କରି ଧର୍ମେନ୍ଦ୍ର ଆହ୍ୱାନ କରିଛନ୍ତି। ସେ କହିଛନ୍ତି ଯେ, ଭୟଭୀତ ହେବା ବଦଳରେ ପ୍ରତିଷେଧକ ଓ ସୁରକ୍ଷାଗତ ପଦକ୍ଷେପ ନେବା ଏହି ସମୟରେ ନିତାନ୍ତ ଜରୁରୀ। ସମଗ୍ର ବିଶ୍ୱ ଏକ ଅଭାବନୀୟ ପରିସ୍ଥିତିରେ ପହଞ୍ଚିଛି। କରୋନା ଭୂତାଣୁ ସମଗ୍ର ମାନବ ଜାତିକୁ ସଙ୍କଟରେ ପକାଇଛି। ଏହା ବିଶ୍ୱଯୁଦ୍ଧ ଠାରୁ ବି ଭୟଙ୍କର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଲୋକମାନେ ଧାର୍ମିକ, ବିବାହ ଉତ୍ସବ ସମେତ ଭିଡ ଅଞ୍ଚଳରେ ସାମାଜିକ ଦୂରତା ଅବଲମ୍ବନ କରିବା ଜରୁରୀ । ଏଥିସମେତ ଗରିବ ଲୋକଙ୍କ ବିଶେଷ ଯତ୍ନ ନେବା ସମସ୍ତଙ୍କର ଦାୟିତ୍ୱ । ମୋଦିଙ୍କ ଆହ୍ୱାନକ୍ରମେ ରବିବାର ଦେଶବାସୀ ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଘରେ ରହି 'ଜନତା କର୍ଫ୍ୟୁ'କୁ ସଫଳ କରିବାକୁ ଧର୍ମେନ୍ଦ୍ର କହିଛନ୍ତି ।

# ପୀଡ଼ିତାଙ୍କ ଲାଗି ଭାଜପା ଓକିଲ ସାଜିବ: ପ୍ରଭାତୀ

**ଭୁବନେଶ୍ୱର, ୧୯।୩ (ବ୍ୟୁରୋ):** ଆଜି ଦିନଟି ଆମ ସମସ୍ତଙ୍କ ପାଇଁ ଏକ ଖୁସିର ଦିନ। ବିଳମ୍ବ ହେଲେ ମଧ୍ୟ ନ୍ୟାୟିକ ପ୍ରକ୍ରିୟାରେ ବିଶ୍ୱାସ ରଖିଥିବା ଆମ ସମସ୍ତଙ୍କୁ ନ୍ୟାୟ ମିଳିଛି ଏବଂ ନିର୍ଭୟା ଦୋଷୀମାନଙ୍କୁ ଫାଶୀ ମିଳିଛି। ଗଣତନ୍ତ୍ରର ନ୍ୟାୟିକ ବ୍ୟବସ୍ଥା ଉପରେ ଲୋକଙ୍କ ବିଶ୍ୱାସ ବଢିଛି ବୋଲି ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ପ୍ରଭାତୀ କହିଛନ୍ତି ଯେ, ଯେଉଁପରି ନିର୍ଭୟା ମାମଲାରେ ଅଭିଯୁକ୍ତମାନଙ୍କୁ ଫାଶୀ ମିଳିଛି, ଠିକ୍ ସେହିପରି ନାବାଳିକା ବଳାତ୍କାରୀଙ୍କୁ ପୋକ୍ସୋ ଆକ୍ଟ ଆଧାରରେ ଫାଶୀ ଦିଆଯାଉ। ଆଇନର ଗଳାବାଟ ବନ୍ଦ ହେଲେ ନିର୍ଭୟା ପରି ରାଜ୍ୟର ଅନ୍ୟ ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ। ରାଜ୍ୟରେ ଯେଉଁ ପୀଡ଼ିତାମାନେ ନିଜ ମାମଲା ଲଢିବା ପାଇଁ ସମର୍ଥ ହେବେ ନାହିଁ ସେମାନଙ୍କୁ ନ୍ୟାୟ ଦେବା ପାଇଁ ଭାଜପା ମହିଳା ମୋର୍ଚ୍ଚା ବିନା ପାରିଶ୍ରମିକରେ ଓକିଲ ସାଜିବ। ନିର୍ଭୟା ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ । ନିର୍ଭୟାଙ୍କ ମାତା, ପିତା ଏବଂ ପରିବାର ଲୋକଙ୍କୁ ଆଜି ନ୍ୟାୟ ମିଳିଛି । ନିର୍ଭୟା ପରିବାର ୭ବର୍ଷ ଧରି ନ୍ୟାୟ ପାଇବା ପାଇଁ ଯେପରି ଲଢେଇ କରିଥିଲେ ତାହା ସମସ୍ତଙ୍କୁ ଏକ ପ୍ରେରଣା ଯୋଗାଇବ । ସତ୍ୟର ବିଜୟ ହୋଇଛି, ଏହି ଦଣ୍ଡବିଧାନ ଯୋଗୁ ଅନ୍ୟ ବଳାତ୍କାରୀମାନେ ସତର୍କ ହେବେ ଏବଂ ଏପରି ହୀନ କାର୍ଯ୍ୟ କରିବାରୁ ଦୂରେଇ ରହିବେ । ପୋଲିସ ଏବଂ ଆଇନ ବ୍ୟବସ୍ଥାରେ କିଛି ତ୍ରୁଟି ଅବା ଗଳାବାଟ ଥିବାରୁ ଅପରାଧୀମାନଙ୍କୁ ଫାଶୀରେ ଝୁଲାଇବା ପାଇଁ ୭ବର୍ଷ ସମୟ ଲାଗିଗଲା। ଅପରାଧୀମାନଙ୍କୁ ତୁରନ୍ତ ସଜା ଶୁଣାଇବା ପାଇଁ ନୂଆ ନିୟମ ଆଣିବା ଦରକାର ବୋଲି ପ୍ରଭାତୀ କହିଛନ୍ତି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

URGENTLY REQUIRED
1. Import & Export Manager - 1 No. (Experienced)
2. Data Entry Operator - 2 Nos. (Tally & MS office)
Mobile = 9338554697
Email : kukumina_bbsr@rediffmail.com

ଟାଟା ଏସି ପାଇଁ ଲାଇସେନ୍ସ ଥିବା ଡ୍ରାଇଭର -୨ଜଣ, ଅଭିଜ୍ଞତା ଇଲେକ୍ଟ୍ରି ଆର୍କ ଓଲ୍ଡର - ୧, । ଦରମା–୧୦୦୦୦/୧୨୦୦୦, ରହିବା ସୁବିଧା ଅଛି। ଶୀଘ୍ର ଯୋଗାଯୋଗ
ଓଡ଼ିଶା ଆଗ୍ରୋ ମେସିନାରି, ସାକ୍ଷିଗୋପାଳ, ପୁରୀ
9437048854
9238579309

Experienced and well behaved Driver with valid license and experience certificate needed for private cars.
Contact : 9437180218

URGENT REQUIRED
(1) Diploma Civil - 10 Nos.
(2) Graduate - 20 Nos.
Salary (5000 to 50,000)
Contact : 7873563668
9556880775

OFFICIALLY JOB
ଯୋଗ୍ୟତା : ଦଶମ ପାସ୍/ଫେଲ୍,
ବୟସ : (18-40)yrs.
Monthly salary upto Rs. 25,000/-
Contact : Immediately
Mob : 8763257042

ଚେନ୍ନାଇରେ ଚାକିରି। ହିନ୍ଦୀ କହିପାରୁଥିବା ଜରୁରୀ। ବେତନ ୧୪୦୦୦ - ୧୭୦୦୦ + ରୁମ୍। ଘର ରୋଷେୟା / ଘରୋଇ ଚାକର/ ହେଲ୍‌ପର/ ଅଫିସ୍ ଆସିଷ୍ଟାଣ୍ଟ।
ଏଫ୍‌ଏଫ୍‌ଏଫ୍ ଲିଃ
9884761210

URGENTLY REQUIRED
Receptionist
Accountant
Administrative Officer
Graduate with Adequate knowledge in the same field.
Interested Candidates may Contact
Mob.: 7381030715
Or send their updated Resume to srikantapattanaik35@gmail.com

Urgent requirement of a DTP Operator cum Graphics Designer (Photoshop, Pagemaker, Coreldraw).
Salary: 12000+ pm.
Contact No:-
9437529732, 9861040318
Kalinga Vihar, BBSR

WANTED
DRIVER FOR ASHOK LEYLAND DOST PLUS
SALARY : Negotiable
CONTACT
Mobile : 9438820370
Mobile : 9437027670
Mobile : 9437047010

COLOR CLASSIFIED DISPLAY
on Every
Tuesday and Friday

ବ୍ଲକସ୍ତରୀୟ ନିଯୁକ୍ତି
ନିଜ ନିଜ ବ୍ଲକ୍ ରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ 10th / +2 & above Qualification ଥିବା candidate ଆବଶ୍ୟକ ।
ଦରମା - 7000/- ରୁ 40000/-
9777639313

नालको NALCO
National Aluminium Company Limited
(A Government of India Enterprise)
Nalco Bhawan, Nayapalli, Bhubaneswar - 751 013, Odisha
CIN : L27203OR1981GOI000920
A NAVRATNA COMPANY

RECRUITMENT OF GRADUATE ENGINEERS THROUGH GATE-2020

National Aluminium Company Limited(NALCO), a Navratna Company is looking for recruitment of committed, promising and competent young Graduate Engineers with brilliant academic career in the disciplines of Mechanical, Electrical, Metallurgy, Instrumentation, Cvil, Chemical & Mining from Graduate Aptitude Test in Engineering - 2020 scores(GATE-2020).

- Candidates willing to apply in NALCO may visit career section of NALCO website www.nalcoindia.com or Employment News dated 21st March,2020 for further details.

Important Dates :

| | | |
|---|---|---|
| 1 | Opening of online submission of application | 20/03/2020 (11:30 AM) |
| 2 | Last date of submission of online application | 09/04/2020 (05:30 PM) |

Advt. No.10200207
NALCO Recruitment-2020

URGENTLY REQUIRED
Required one women/girl Graduate or Post Graduate with Psychology subject to work at Bhadrak, apply to President NUHASS, Plot No.773, Jayadev Vihar, Bhubaneswar-751013.
Salary negotiable.
M-9437041228
9040268680

ଭୁବନେଶ୍ୱର ନୟାପଲ୍ଲୀ ସ୍ଥିତ କଲେଜ ନିମନ୍ତେ Clerk, Peon, ବସ୍ ଡ୍ରାଇଭର, କାର ଡ୍ରାଇଭର, ହାଉସକିପିଂ Staff ଆବଶ୍ୟକ । ରହିବା ବ୍ୟବସ୍ଥା ଅଛି ।
BIMSR-1480, IRC Village
9040009727
8456845313

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

“ ଜୋର୍ଡାନରୁ ଫେରିବାପରେ ମୁଁ ଆଇସୋଲେଶନରେ ରହିଛି । ଏହାଦ୍ୱାରା କିଛିଟା ଭିନ୍ନ ଅନୁଭବ କରିପାରୁଛି ।

–ଏମ୍.ସି. ମେରୀକମ୍, ଭେଟେରାନ ମହିଳା ବକ୍ସର



“ ପି.କେ. ବାନାର୍ଜୀଙ୍କ ଭଳି ଫୁଟ୍‌ବଲ କିମ୍ବଦନ୍ତୀ ଅଧୀନରେ ଖେଳିପାରିଥିଲେ ମୁଁ ନିଜକୁ ଭାଗ୍ୟବାନ ମନେ କରିଥାନ୍ତି।

–ବାଇଚୁଙ୍ଗ ଭୂଟିଆ, ପୂର୍ବତନ ଭାରତ ଅଧିନାୟକ



## ପ୍ରତିକ୍ରିୟା

ପି.କେ. ବାନାର୍ଜୀ ତାଙ୍କ ସମୟରେ ଏସିଆ ମହାଦେଶର ଅନ୍ୟତମ ଶ୍ରେଷ୍ଠ ଖେଳାଳି ଥିଲେ-**ଏସିଆନ୍ ଫୁଟ୍‌ବଲ କନଫେଡେରେଶନ**



ଭାରତୀୟ ଫୁଟ୍‌ବଲର ସୁବର୍ଣ୍ଣ ଯୁଗ କଥା ଉଠିଲେ ସର୍ବଦା ବାନାର୍ଜୀଙ୍କ କଥା ମନେ ପଡ଼ିବ **ପ୍ରଫୁଲ୍ଲ ପଟେଲ, ଏଆଇଏଫ୍‌ଏଫ୍ ସଭାପତି**

ପି.କେ. ବାନାର୍ଜୀଙ୍କୁ ମୁଁ କେତେଥର ଭେଟିଛି। ତାଙ୍କ ବ୍ୟକ୍ତିତ୍ୱ ମୋତେ ପ୍ରଭାବିତ କରିଛି।-**ସଚିନ ତେନ୍ଦୁଲକର, କ୍ରିକେଟ ଆଇକନ୍**

ମୁଁ ଯେତେବେଳେ ୧୮ ବର୍ଷର ବାଳକ ହୋଇଥିଲି ସେତେବେଳେ ବାନାର୍ଜୀ ମୋ କ୍ରିକେଟ କ୍ୟାରିୟରକୁ ବିଶେଷ ଭାବେ ପ୍ରଭାବିତ କରିଥିଲେ।-**ସୌରଭ ଗାଙ୍ଗୁଲି, ବିସିସିଆଇ ସଭାପତି**

ନଭେମ୍ବରରେ କୋଲକାତାଠାରେ ଫୁଟ୍‌ବଲ କିମ୍ବଦନ୍ତୀ ପି.କେ. ବାନାର୍ଜୀଙ୍କ ସହିତ ମୋର ଦେଖାହେବାର ସୁଯୋଗ ମିଳିଥିଲା। ତାଙ୍କ ଦେହାନ୍ତ ଖବରରେ ମୁଁ ମର୍ମାହତ-**ଅଜୟ ଦେବଗନ, ବଲିଉଡ୍ ଅଭିନେତା**



ପି.କେ. ବାନାର୍ଜୀ ଭବିଷ୍ୟତ ପିଢ଼ିର ଫୁଟ୍‌ବଲ ଖେଳାଳିଙ୍କ ଲାଗି ପ୍ରେରଣାର ଉତ୍ସ ହୋଇ ରହିବେ-**ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

# ଫୁଟ୍‌ବଲ କିମ୍ବଦନ୍ତୀ

# ବାନାର୍ଜୀଙ୍କ ପରଲୋକ

**କୋଲକାତା, ୨୦।୩(ପି.ଟି.)**

ଭାରତୀୟ ଫୁଟ୍‌ବଲର ଏକ ଯୁଗର ଅନ୍ତ ହୋଇଛି। ଦେଶର ଅନ୍ୟତମ ଶ୍ରେଷ୍ଠ ଫୁଟ୍‌ବଲ ଖେଳାଳି ୮୩ ବର୍ଷୀୟ ପି.କେ. ବାନାର୍ଜୀଙ୍କ ଶୁକ୍ରବାର ପରଲୋକ ଘଟିଛି। ନିମୋନିଆ କାରଣରୁ ତାଙ୍କର ବିଭିନ୍ନ ଅଙ୍ଗ ଅଚଳ ହୋଇପଡ଼ିଥିଲା। ଚଳିତ ମାସ ୨ତାରିଖଠାରୁ ସେ ମେଡିକାଲରେ ଲାଇଫ୍ ସପୋର୍ଟରେ ଥିଲେ। ପାର୍କିନସନ ଓ ଡିମେନ୍ସିଆରେ ପୀଡ଼ିତ ହେବା ସହ ତାଙ୍କର ହୃଦ୍‌ରୋଗ ସମସ୍ୟା ମଧ୍ୟ ଥିଲା। ସେ ଶୁକ୍ରବାର ମଧ୍ୟାହ୍ନ ୧୨.୪୦ରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ୧୯୩୬ ଜୁନ୍ ୨୩ ତାରିଖରେ ପି.କେ. ୱେଷ୍ଟ ବେଙ୍ଗଲର ଜଲପାଇଗୁଡ଼ିରେ ଜନ୍ମ ନେଇଥିଲେ। ଦେଶ ବିଭାଜନ ପୂର୍ବରୁ ତାଙ୍କ ପରିବାର ଜାମସେଦପୁର ଚାଲିଯାଇଥିଲା। ୧୯୫୨ରେ ବିହାର ପକ୍ଷରୁ ସନ୍ତୋଷ କପ୍‌ରେ ପଦାର୍ପଣ କରିଥିଲେ। ଏହାର ୧୦ ବର୍ଷ ମଧ୍ୟରେ ସେ ଜାତୀୟ ଦଳର ପ୍ରତିଷ୍ଠିତ ଖେଳାଳି ହୋଇସାରିଥିଲେ। ୧୯୬୨ ଏସିଆନ ଗେମ୍ସ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏହା ଭାରତୀୟ ଫୁଟ୍‌ବଲର ଜାଜ୍ୱଲ୍ୟମୟ ସମୟ ଥିଲା। ଦେଶ ପକ୍ଷରୁ ୮୪ ମ୍ୟାଚ୍ ଖେଳି ୬୫ ଗୋଲ ସ୍କୋର କରିଥିଲେ। ଭାରତୀୟ ଫୁଟବଲ ପ୍ରତି ତାଙ୍କ ଯୋଗଦାନକୁ ଫିଫା ମଧ୍ୟ ପ୍ରଶଂସା କରିଥିଲା। ଏଥିସହ ବାନାର୍ଜୀଙ୍କୁ ୨୦ ଦଶକର ଶ୍ରେଷ୍ଠ ଭାରତୀୟ ଖେଳାଳି ବିବେଚିତ କରିଥିଲା। ଦୁଇଥର ଅଲିମ୍ପିଆନ ୧୯୬୨ ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତର ଏକମାତ୍ର ଗୋଲସ୍କୋରର ଭାବେ ଜୀବିତ ଥିଲେ। ଏହି ମ୍ୟାଚରେ ବାନାର୍ଜୀ ଭାରତୀୟ ଦଳ ପାଇଁ ଖାତା ଖୋଲିଥିଲେ। ସେ ଅଧିନାୟକ ଭାବେ ୧୯୬୦ ରୋମ ଅଲିମ୍ପିକ୍ସରେ ଖେଳିଥିଲେ। ତାଙ୍କ କ୍ୟାରିୟରର ଆଉ ଏକ ଉଲ୍ଲେଖନୀୟ ଘଟଣା ହେଉଛି ୧୯୫୬ ମେଲବୋର୍ନ ଅଲିମ୍ପିକ୍ସ। ଅଲିମ୍ପିକ୍ସର ସେହି ସଂସ୍କରଣରେ ଭାରତ ଚତୁର୍ଥ ସ୍ଥାନରେ ରହିଥିଲା। ସେଥର ଭାରତ ୪-୧ରେ ଅଷ୍ଟ୍ରେଲିଆକୁ ହରାଇଥିଲା। ୧୯୬୭ରେ ପେସାଦାର ଫୁଟ୍‌ବଲରୁ ଅବସର ନେବା ପରେ କୋଚ୍ ଭାବେ ୫୪ ଟ୍ରଫି ହାସଲ କରିଥିଲେ। ୧୯୭୭ ସେ କୋଚ୍ ଥିବାବେଳେ ନ୍ୟୁୟର୍କ କସ୍‌ମସ୍ ବିପକ୍ଷ ଏକ ପ୍ରଦର୍ଶନୀ ମ୍ୟାଚ୍‌କୁ ମୋହନ ବାଗାନ ୨-୨ ଗୋଲରେ ବରାବର ରଖିଥିଲା। ଏହି ମ୍ୟାଚ୍‌ରେ କିମ୍ବଦନ୍ତୀ ଫୁଟବଲ ଖେଳାଳି ପେଲେ ଖେଳିଥିଲେ। ୧୯୭୦ରେ ସେ ଜାତୀୟ ଦଳର କୋଚ୍ ଦାୟିତ୍ୱରେ ଥିଲେ। ସେହିବର୍ଷ ଏସିଆଡ୍‌ରେ ଭାରତ ବ୍ରୋଞ୍ଜ ଜିତିଥିଲା।





ପୂର୍ବତନ ଭାରତୀୟ ଷ୍ଟ୍ରାଇକର ଚୁନି ଗୋସ୍ୱାମୀ(ବାମ) ଓ ତୁଳସୀଦାସ ବଳରାମ(ଡାହାଣ)ଙ୍କ ସହ ପି.କେ. ବାନାର୍ଜୀ।



ସୌରଭ ଗାଙ୍ଗୁଲି ଓ ସଚିନ ତେନ୍ଦୁଲକରଙ୍କ ସହ।



ବାନାର୍ଜୀଙ୍କ ସହ ଦୁଇ ଝିଅ ପୂର୍ଣ୍ଣା ଓ ପୌଲା।

## ସଂକ୍ଷେପରେ...

- ନାମ: ପ୍ରଦୀପ କୁମାର ବାନାର୍ଜୀ
- ଜନ୍ମ: ୧୯୩୬ ଜୁନ ୨୩
- ଜନ୍ମସ୍ଥାନ: ଜଲପାଇଗୁଡ଼ି, ବେଙ୍ଗଲ ରେସିଡେନ୍ସି, ବ୍ରିଟିଶ୍ ଇଣ୍ଡିଆ
- ପରଲୋକ: ୨୦୨୦ ମାର୍ଚ୍ଚ ୨୦
- ଉଚ୍ଚତା: ୫ ଫୁଟ ୮.୫ ଇଞ୍ଚ
- ପ୍ଲେଇଂ ପୋଜିଶନ: ଷ୍ଟ୍ରାଇକର
- ଯୁଥ୍ କ୍ୟାରିୟର: ବିହାର
- ସିନିୟର କ୍ୟାରିୟର: ୧୯୫୪-ଆର୍ଯ୍ୟନ ଏଫସି, ୧୯୫୫-୧୯୬୭ ଇଷ୍ଟର୍ନ ରେଲୱେ ଏଫସି
- ଜାତୀୟ ଦଳ: ଭାରତ, ୮୪ ମ୍ୟାଚ, ୬୫ ଗୋଲ
- ଫିଫା ‘ଏ’ ଗ୍ରେଡ୍: ୪୫ ମ୍ୟାଚ, ୧୪ ଗୋଲ
- ଟିମ୍ ମ୍ୟାନେଜର: ୧୯୭୧-୧୯୮୧ ଭାରତ, ୧୯୮୫-ଭାରତ

### ପୁରସ୍କାର

- ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ: ୧୯୬୨ ଏସିଆନ ଗେମ୍ସ
- ମେର୍ଡେକା ଟୁର୍ନାମେଣ୍ଟ ରୌପ୍ୟ ପଦକ: ୧୯୫୯, ୧୯୬୪
- ଭାରତ ନିର୍ମାଣ ପୁରସ୍କାର: ଲାଇଫ୍ ଟାଇମ୍ ଆଚିଭମେଣ୍ଟ ୨୦୧୧
- ଅର୍ଜୁନ: ୧୯୬୧
- ପଦ୍ମଶ୍ରୀ: ୧୯୯୦
- ଆଇଏଫଏଫଏଚଏସ ପକ୍ଷରୁ ଇଣ୍ଡିଆନ ଫୁଟବଲର ଅଫ୍ ଟ୍ୱେଣ୍ଟିଥ୍ ସେଞ୍ଚୁରି
- ଫିଫା ଅର୍ଡର ଅଫ୍ ମେରିଟ(ସେଣ୍ଟେନିଆଲ), ଫିଫାର ସର୍ବୋଚ୍ଚ ପୁରସ୍କାର ୨୦୦୪
- ଏସିଆର ଏକମାତ୍ର ଫୁଟବଲର ଭାବେ ଫେୟାର ପ୍ଲେ ପୁରସ୍କାର ବିଜେତା

### ଫିଫା ‘ଏ’ ମ୍ୟାଚରେ ବାନାର୍ଜୀ

| ବର୍ଷ | ମ୍ୟାଚ | ଗୋଲ |
|---|---|---|
| ୧୯୫୫ | ୩ | ୪ |
| ୧୯୫୬ | ୪ | ୨ |
| ୧୯୫୮ | ୫ | ୦ |
| ୧୯୫୯ | ୫ | ୧ |
| ୧୯୬୦ | ୩ | ୧ |
| ୧୯୬୧ | ୩ | ୧ |
| ୧୯୬୨ | ୫ | ୪ |
| ୧୯୬୪ | ୮ | ୧ |
| ୧୯୬୫ | ୬ | ୦ |
| ୧୯୬୬ | ୩ | ୦ |
| ମୋଟ | ୪୫ | ୧୪ |

### ଅନ୍ତର୍ଜାତୀୟ ଗୋଲ (ଫିଫା ‘ଏ’ ଅନ୍ତର୍ଜାତୀୟ ମ୍ୟାଚ)

| ତାରିଖ | ଭେନ୍ୟୁ | ବିପକ୍ଷ | ଫଳାଫଳ | ପ୍ରତିଯୋଗିତା | ଗୋଲ |
|---|---|---|---|---|---|
| ୧୯୫୫ ଡିସେମ୍ବର ୧୮ | ଡାକ୍କା, ଇଷ୍ଟ ପାକିସ୍ତାନ | ସିଲନ | ୪-୩ | ୧୯୫୫ କଲମ୍ବୋ କପ୍ | ୨ |
| ୧୯୫୫ ଡିସେମ୍ବର ୨୨ | ଡାକ୍କା, ଇଷ୍ଟ ପାକିସ୍ତାନ | ବର୍ମା | ୨-୧ | ୧୯୫୫ କଲମ୍ବୋ କପ | ୧ |
| ୧୯୫୫ ଡିସେମ୍ବର ୨୬ | ଡାକ୍କା, ଇଷ୍ଟ ପାକିସ୍ତାନ | ପାକିସ୍ତାନ | ୨-୧ | ୧୯୫୫ କଲମ୍ବୋ କପ | ୧ |
| ୧୯୫୬ ଡିସେମ୍ବର ୧୨ | ସିଡ୍‌ନୀ ସ୍ପୋର୍ଟ୍ସ ଗ୍ରାଉଣ୍ଡ | ଅଷ୍ଟ୍ରେଲିଆ | ୭-୧ | ଇଣ୍ଟରନ୍ୟାଶନାଲ ଫ୍ରେଣ୍ଡଲି | ୨ |
| ୧୯୫୯ ସେପ୍ଟେମ୍ବର ୮ | ସିଟି ଷ୍ଟାଡିୟମ, ପେନାଙ୍ଗ | ଦ.କୋରିଆ | ୧-୧ | | ୧ |
| ୧୯୬୦ ଅଗଷ୍ଟ ୨୯ | ଷ୍ଟାଡିଓ ଅଲିମ୍ପିଓ, ଗ୍ରସେଟୋ | ଫ୍ରାନ୍ସ | ୧-୧ | ୧୯୬୦ ଅଲିମ୍ପିକ୍ସ | ୧ |
| ୧୯୬୧ ଅଗଷ୍ଟ ୯ | କୁଆଲାଲମ୍ପୁର, ମାଲେସିଆ | ମାଲେସିଆ | ୨-୧ | ୧୯୬୧ ମେର୍ଡେକା | ୧ |
| ୧୯୬୨ ଅଗଷ୍ଟ ୨୭ | ସେନାୟନ ଷ୍ଟାଡିୟମ, ଜାକର୍ତ୍ତା | ଜାପାନ | ୨-୦ | ୧୯୬୨ ଏସିଆନ ଗେମ୍ସ | ୧ |
| ୧୯୬୨ ଅଗଷ୍ଟ ୩୦ | ସେନାୟନ ଷ୍ଟାଡିୟମ, ଜାକର୍ତ୍ତା | ଥାଇଲାଣ୍ଡ | ୪-୧ | ୧୯୬୨ ଏସିଆନ ଗେମ୍ସ | ୨ |
| ୧୯୬୨ ସେପ୍ଟେମ୍ବର ୪ | ସେନାୟନ ଷ୍ଟାଡିୟମ, ଜାକର୍ତ୍ତା | ଦ.କୋରିଆ | ୨-୧ | ୧୯୬୨ ଏସିଆନ ଗେମ୍ସ | ୧ |
| ୧୯୬୪ ସେପ୍ଟେମ୍ବର ୧ | କୁଆଲାଲମ୍ପୁର | ଦ.କୋରିଆ | ୨-୧ | ୧୯୬୪ ମେର୍ଡେକା | ୧ |

## ସେଲ୍‌ଫ ଆଇସୋଲେଶନ ନିୟମ ଭଙ୍ଗ ଲାଗି କ୍ଷମା ପ୍ରାର୍ଥନା କଲେ ଜୋଭିକ୍

**ମାଡ୍ରିଡ୍, ୨୦।୩(ଏଏଫ୍‌ପି)**

ରିୟଲ ମାଡ୍ରିଡ୍ ଷ୍ଟ୍ରାଇକର ଲୁକା ଜୋଭିକ୍ ସେଲଫ ଆଇସୋଲେଶନ ନିୟମ ଭଙ୍ଗ କରି ସର୍ବିୟା ଯାତ୍ରା କରିଛନ୍ତି। ତାଙ୍କୁ ସ୍ୱଦେଶ ଫେରିବା ଲାଗି ଅନୁମତି ମିଳିଥିଲା ବୋଲି ସେ ଦାବି କରିଛନ୍ତି। କ୍ଲବର ଜଣେ ବାସ୍କେଟବଲ ଖେଳାଳିଙ୍କ ରିପୋର୍ଟ ପଜିଟିଭ୍ ଆସିବା ପରେ ରିୟଲ ମାଡ୍ରିଡ୍ ଦଳର ସମସ୍ତ ଖେଳାଳିଙ୍କୁ ଗତ ସପ୍ତାହରେ କ୍ୱାରାଣ୍ଟାଇନ କରାଯାଇଥିଲା। କିନ୍ତୁ ଏକ ସ୍ଥାନିୟ ଖବରକାଗଜ ଅନୁଯାୟୀ, ବେଲଗ୍ରେଡଠାରେ ପହଞ୍ଚିବା ପରେ ୨୨ ବର୍ଷୀୟ ଫରୱାର୍ଡ ରାଜଧାନୀ ରାସ୍ତାରେ ନିଜ ମହିଳା ବାନ୍ଧବୀଙ୍କ ଜନ୍ମଦିନ ପାଳନ କରିଥିବା ଦେଖିବାକୁ ମିଳିଥିଲା। ଏ ନେଇ ପୋଲିସ ତାଙ୍କ ବିରୋଧରେ କୌଣସି ମାମଲା ରୁଜୁ କରିଛି କି ନାହିଁ ସ୍ପଷ୍ଟ ହୋଇନାହିଁ। ମୁଁ ନିଜ ତ୍ରୁଟି ପାଇଁ କ୍ଷମା ପ୍ରାର୍ଥନା କରୁଛି। ମାଡ୍ରିଡ୍‌ରେ ଥିବାବେଳେ ମୋର ଟେଷ୍ଟ ହୋଇଥିଲା ଓ ଏହା ନେଗେଟିଭ୍ ଆସିଥିଲା। ଏଣୁ ମୁଁ ଆମ ଲୋକଙ୍କୁ ସାହାଯ୍ୟ ଓ ସମର୍ଥନ କରିବା ପାଇଁ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲି। ଏଥିନେଇ କ୍ଲବ ମୋତେ ଅନୁମତି ଦେଇଥିଲା। ମୁଁ ସର୍ବିୟାରେ ପହଞ୍ଚିବା ପରେ ମୋର ଟେଷ୍ଟ ହୋଇଥିଲା। ଆଉ ଏହା ମଧ୍ୟ ନେଗେଟିଭ୍ ଆସିଥିଲା। ଯାତ୍ରା କରିବା ଉପରେ କୌଣସି କଟକଣା ଲଗାଯାଇ ନ ଥିଲା, ମୋତେ କେହି ଏ ସମ୍ପର୍କରେ ଜଣାଇ ନ ଥିଲେ। ମୋ କାର୍ଯ୍ୟ କାହାକୁ କଷ୍ଟ ଦେଇଥିଲେ, ସେଥିନେଇ ମୁଁ କ୍ଷମା ପ୍ରାର୍ଥନା କରୁଛି।

## ମା’ଙ୍କ ପାଇଁ କ୍ୱାରାଣ୍ଟାଇନ ନିୟମ ଭାଙ୍ଗିଲେ ହିଗୁଏନ୍

ବୁଏନସ୍ ଏୟାର୍ସ, ୨୦।୩– ଜୁଭେଣ୍ଟସ ଆଟାକର ହିଗୁଏନ୍ ଇଟାଲୀରେ କ୍ୱାରାଣ୍ଟାଇନ ନିୟମ ଭଙ୍ଗ କରିଛନ୍ତି। ତାଙ୍କ ମା’ଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେ ଆର୍ଜେଣ୍ଟିନା ଗସ୍ତ କରିଛନ୍ତି। ତେବେ ତାଙ୍କ କୋଭିଡ୍-୧୯ ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଛି। ନର୍ଦର୍ନ ଇଟାଲୀରେ କରୋନା ଯୋଗୁ ସ୍ଥିତି ଅତ୍ୟନ୍ତ ଭୟଙ୍କର ହୋଇପଡ଼ିଛି। ଇଟାଲୀରେ କରୋନା ଜନିତ ମୃତ୍ୟୁସଂଖ୍ୟା ଚାଇନାକୁ ଅତିକ୍ରମ କରିଯାଇଛି। ଏପର୍ଯ୍ୟନ୍ତ ଦେଶରେ ୩ ହଜାରରୁ ଉର୍ଦ୍ଧ୍ୱ ମୁଣ୍ଡ ନେଲାଣି କରୋନା। ଏଥିଯୋଗୁ ଇଟାଲି ସମେତ ବହୁ ଦେଶ ବିଦେଶୀ ଯାତ୍ରୀଙ୍କ ଯାତ୍ରା ଉପରେ କଟକଣା ଜାରି କରିଛନ୍ତି। ଏଭଳି ସ୍ଥିତିରେ ହିଗୁଏନ୍ ଆର୍ଜେଣ୍ଟିନା ଫେରିବାକୁ ନିଷ୍ପତ୍ତି ନେଇଛନ୍ତି।

## ଘରୁ ନ ବାହାରିବାକୁ ବିରୁଷ୍କାଙ୍କ ନିବେଦନ

**ନୂଆଦିଲ୍ଲୀ, ୨୦।୩**

ପୂରା ବିଶ୍ୱକୁ କରୋନା ଭାଇରସ ଧୀରେ ଧୀରେ ଗ୍ରାସ କରିବାରେ ଲାଗିଛି। ଏହାକୁ ପ୍ରତିହତ କରିବା ଲାଗି କୌଣସି ଔଷଧ ନାହିଁ। ଏଥିରୁ ବଞ୍ଚିବା ପାଇଁ ଏକମାତ୍ର ବାଟ ସେଲ୍‌ଫ ଆଇସୋଲେଶନ ଅର୍ଥାତ ଘରୁ ନ ବାହାରିବା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଆସନ୍ତା ରବିବାର ଘରୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି। ଏହାର ଗୋଟିଏ ଦିନ ପରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ତାଙ୍କ ପତ୍ନୀ ତଥା ବଲିଉଡ ଅଭିନେତ୍ରୀ ଅନୁଷ୍କା ଶର୍ମା (ବିରୁଷ୍କା) ସୋସିଆଲ ମିଡିଆ ଜରିଆରେ ଏକ ଭିଡିଓ ଶେୟାର କରି ନିବେଦନ କରିଛନ୍ତି। ଆମ ସଭିଙ୍କୁ ଜଣାଅଛି କେଉଁ ପରିସ୍ଥିତି ଦେଇ ଗତି କରୁଛୁ। ଆଉ ମାରାତ୍ମକ କରୋନା ଭାଇରସକୁ ରୋକିବା ଲାଗି କେବଳ ଗୋଟିଏ ଉପାୟ ରହିଛି। ନିଜ ସୁରକ୍ଷା ପାଇଁ ଆମେ ଘରେ ରହୁଛୁ। ତୁମେମାନେ ମଧ୍ୟ ଏଭଳି କରିବା ଦରକାର। ଘରେ ରୁହନ୍ତୁ ଓ ସୁରକ୍ଷିତ ରୁହନ୍ତୁ ବୋଲି ବିରୁଷ୍କା ଉକ୍ତ ଭିଡିଓରେ କହିଛନ୍ତି। ଉଲ୍ଲେଖଯୋଗ୍ୟ, ପ୍ରଧାନମନ୍ତ୍ରୀ ମୋଦି ମାର୍ଚ୍ଚ ୨୨ ତାରିଖରେ ସକାଳ ୭ରୁ ରାତି ୯ଟା ପର୍ଯ୍ୟନ୍ତ ଜନତା କର୍ଫ୍ୟୁ ଲଗାଇବାକୁ କହିଛନ୍ତି।



## ସଂକ୍ଷେପରେ

### ଅନିର୍ଦ୍ଦିଷ୍ଟ କାଳପାଇଁ ଅଷ୍ଟ୍ରେଲିଆରେ ରହିବ ନ୍ୟୁଜିଲାଣ୍ଡ ରଗ୍‌ବୀ ଟିମ୍

ୱେଲିଂଟନ, ୨୦।୩ (ଏପି)- କରୋନାଭାଇରସ ସଙ୍କଟ ଜାରି ରହିଥିବାରୁ ନ୍ୟୁଜିଲାଣ୍ଡ ୱାରିୟର୍ସ ରଗ୍‌ବୀ ଲିଗ୍ ଟିମ୍ ଅଷ୍ଟ୍ରେଲିଆରେ ଅନିର୍ଦ୍ଦିଷ୍ଟ କାଳପାଇଁ ଅଟକି ରହିବେ। ସେମାନେ ଅଷ୍ଟ୍ରେଲିଆର ନ୍ୟାଶନାଲ ରଗ୍‌ବୀ ଲିଗ୍ (ଏନଆର୍‌ଏଲ୍) ରେ ଖେଳ ଜାରି ରଖିବେ। କୋଭିଡ୍-୧୯ ଯୋଗୁ ଉଭୟ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ସେମାନଙ୍କ ସୀମାକୁ ସିଲ୍ କରିଦେଇଛନ୍ତି। ନାଗରିକ ଏବଂ ସ୍ଥାୟୀ ବାସିନ୍ଦାଙ୍କ ବ୍ୟତୀତ ଅନ୍ୟମାନଙ୍କୁ ଦେଶରେ ପ୍ରବେଶ ମନା। ଅଷ୍ଟ୍ରେଲିଆରେ ଗତ ସପ୍ତାହନ୍ତରେ ଲିଗ୍‌ର ଓପନିଂ ରାଉଣ୍ଡରେ ୱାରିୟର୍ସ ନ୍ୟୁକ୍ୟାସେଲ ବିପକ୍ଷରେ ଖେଳିଥିଲା। ଶନିବାର ଅକ୍‌ଲାଣ୍ଡଠାରେ କାନ୍‌ବେରା ବିପକ୍ଷ ମ୍ୟାଚ ଖେଳିବାକୁ ହୋଇଥାନ୍ତା। ଏହି ମ୍ୟାଚ ବର୍ତ୍ତମାନ ୱାରିୟର୍ସ ଦଳର ସାମୟିକ ହୋମ୍ ଗ୍ରାଉଣ୍ଡ ଗୋଲ୍ଡ କୋଷ୍ଟଠାରେ ଖେଳାଯିବ।

### ଅଷ୍ଟ୍ରେଲିଆ ଟି୨୦ ଦଳର ଜର୍ସି ଚୟନ କରିବେ ଫ୍ୟାନ୍

ମେଲବୋର୍ନ, ୨୦।୩- ଅଷ୍ଟ୍ରେଲିଆନ ପ୍ରଶଂସକ ଏବେ ଜାତୀୟ ଦଳର ଟି୨୦ ଜର୍ସି ଚୟନ କରିପାରିବେ। 'ଡିଜାଇନ ଦି କିଟ୍' ଅନ୍‌ଲାଇନ ପ୍ରୋଗ୍ରାମରେ ଫ୍ୟାନ୍‌ଙ୍କ ଦ୍ୱାରା ପ୍ରସ୍ତୁତ ୧୨୦ ଷ୍ଟାଇଲର ଜର୍ସି ସ୍ଥାନ ପାଇଥିଲା। ଏଥିରୁ ୫ଟି ଜର୍ସିକୁ ଶର୍ଟଲିଷ୍ଟ କରାଯାଇଛି। ଆଗାମୀ ୪ ଦିନ ପର୍ଯ୍ୟନ୍ତ ଅର୍ଥାତ୍ ମଙ୍ଗଳବାର ମଧରାତି ପର୍ଯ୍ୟନ୍ତ ପ୍ରଶଂସକ ଭୋଟ କରିପାରିବେ। ବିଜୟୀ କିଟ୍‌କୁ ଏଏସ୍‌ଆଇସିଏସ୍ ପ୍ରସ୍ତୁତ କରିବ। ଏହି ଜର୍ସିକୁ ଉଭୟ ପୁରୁଷ ଓ ମହିଳା କ୍ରିକେଟ ଦଳ ୨୦୨୧-୨୨ରେ ପରିଧାନ କରିବ। ପ୍ରଶଂସକ ବାଛିଥିବା ଜର୍ସିରେ କେବଳ ପ୍ରାୟୋଜକଙ୍କ ଲୋଗୋ ରହିବ। ଗତବର୍ଷ ମଧ 'ପିକ୍ ଦ କିଟ୍' ଅନ୍‌ଲାଇନ ପ୍ରତିଯୋଗିତା ମାଧମରେ ପ୍ରଶଂସକ ୧୯୯୦ ବେଳର ଅଷ୍ଟ୍ରେଲିଆ ଜର୍ସି ବାଛିଥିଲେ, ଯାହାକୁ ପରିଧାନକରି ଅଷ୍ଟ୍ରେଲିଆ ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଖେଳିଥିଲା। କିନ୍ତୁ କରୋନା ଭାଇରସ୍ ଯୋଗୁ ପ୍ରଥମ ମ୍ୟାଚ୍ ଖାଲି ଷ୍ଟାଡିୟମରେ ଖେଳାଯିବା ପରେ ବଳକା ଦୁଇ ମ୍ୟାଚ୍ ବାତିଲ କରାଯାଇଥିଲା।

# ଅଲିମ୍ପିକ୍ ଜ୍ୟୋତିକୁ ନୀରବ ସ୍ୱାଗତ

ହିଗାଶିମାତ୍ସୁଶିମା, ୨୦।୩ (ଏଏଫ୍‌ପି)

କରୋନା ଭାଇରସ ସାର ବିଶ୍ୱକ୍ରୀଡ଼ାକୁ ପ୍ରଭାବିତ କରିଥିବା ବେଳେ ଏବେ ଟୋକିଓରେ ଅଲିମ୍ପିକ୍ସ ଆୟୋଜନ ନେଇ ଆଶଙ୍କ ବୃଦ୍ଧିପାଇଛି। ତେବେ ଇତିମଧ୍ୟରେ ଶୁକ୍ରବାର ଜାପାନରେ ଅଲିମ୍ପିକ୍ ଜ୍ୟୋତିକୁ ସ୍ୱାଗତ କରାଯାଇଛି। ଏହି ସ୍ୱାଗତ ଉତ୍ସବ ସମ୍ପୂର୍ଣ୍ଣ ରୂପେ ଫିକା ପଡିଥିଲା। ନୀରବରେ ମଶାଲକୁ ସ୍ୱାଗତ କରାଯାଇଥିଲା। ଫଳରେ ନିର୍ଦ୍ଧାରିତ ସମୟରେ ଟୋକିଓ ଅଲିମ୍ପିକ୍ସ ଆୟୋଜନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଲିମ୍ପିକ୍ସ ଜ୍ୟୋତିର ସ୍ୱାଗତ ପାଇଁ ୨୦୦ ସ୍କୁଲ ପିଲାଙ୍କୁ ନିମନ୍ତ୍ରଣ କରିବାକୁ ଯୋଜନା କରାଯାଇଥିଲେ ମଧ ଶେଷରେ ଏହାକୁ ବାଧ ହୋଇ ବାତିଲ କରିବାକୁ ପଡିଥିଲା।

ଏକ ସ୍ୱତନ୍ତ୍ର ଲଣ୍ଡନରେ ଏହି ଜ୍ୟୋତି ଏକ ଚାର୍ଟାଡ ବିମାନରେ ଏଠାରେ ଆସି ପହଞ୍ଚିଥିଲା। ଜଣେ ଜାପାନ ଅଲିମ୍ପିକ୍ କମିଟି ସଦସ୍ୟ ଏହି କ୍ରୀଡ଼ା ମହାକୁମ୍ଭକୁ ସ୍ଥଗିତ ରଖିବାକୁ ମତ ଦେଇଛନ୍ତି। ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ମୁଖ୍ୟ ଥୋମାସ ବାକ ମଧ ବିଭିନ୍ନ ପରିସ୍ଥିତି ନେଇ ଅନୁଧାନ କରାଯାଉଥିବା କହିଛନ୍ତି। ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆହୁରି ୪ ମାସ ବାକିଥିବାରୁ ସବୁ ପ୍ରକାର ପରିସ୍ଥିତି ଉପରେ ଆମେ ନଜର ରଖିଛୁ ବୋଲି ବାକ କହିଛନ୍ତି। ଏବେ କିଛି ଅନୁମାନ କରିବା କିମ୍ବା ଅନ୍ତିମ ନିଷ୍ପତ୍ତି ନେବା ଠିକ୍ ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।



ଜାପାନ ଏୟାର ସେଲ୍ଫ-ଡିଫେନ୍ସ ଫୋର୍ସ ମାତ୍ସୁଶୀମା ବେସ୍‌ରେ ପୂର୍ବତନ ଅଲିମ୍ପିକ ଜୁଡୋ ଚାମ୍ପିୟନ ସାଓରି ୟୋସିଡା ଓ ତାଡାହିରୋ ନୋମୁରା ଅଲିମ୍ପିକ୍ ଜ୍ୟୋତି ପ୍ରଜ୍ୱଳନ କରୁଛନ୍ତି।

ପୂର୍ବତନ ଅଲିମ୍ପିକ ଜୁଡୋ ଚାମ୍ପିୟନ ସାଓରି ୟୋଶିଡା ଓ ତାଡାହିରୋ ନେମୁରା ହାତ ଗଣିତ କେତେଜଣ ଅଧିକାରୀ ଓ ଅତିଥିଙ୍କ ସମ୍ମୁଖରେ ଆନୁଷ୍ଠାନିକ ଭାବେ କଲଡ୍ରୋନ ବା ହଣ୍ଡ ପ୍ରଜ୍ୱଳନ କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଓ ନିରାପତ୍ତା ଦୃଷ୍ଟିକୋଣରୁ ସ୍କୁଲ ପିଲାମାନଙ୍କୁ ନିମନ୍ତ୍ରଣ କରିବାର ଯୋଜାନକୁ ବାତିଲ କରାଗଲା ବୋଲି ଟୋକିଓ ଅଲିମ୍ପିକ୍ସ ମୁଖ୍ୟ ୟୋଶିରେ ମୋରି କହିଛନ୍ତି। ମାର୍ଚ୍ଚ ୨୬ରେ ଦେଶବ୍ୟାପୀ ମଶାଲ ରିଲେ ଆରମ୍ଭ ହୋଇଛି। ଏହା ଫୁକୁଶିମାର ଜେ- ଭିଲେ ସ୍ପୋର୍ଟ୍ସ କମ୍ପ୍ଲେକ୍ସରୁ ଆରମ୍ଭ ହୋଇଛି। କରୋନା ଭାଇରସ କାରଣରୁ ଏହି ମିଶାଲ ରିଲେ ଫିକା ପଡିଛି।

ବିନା ଦର୍ଶକରେ ଗୀସ୍‌ରେ ମଶାଲ ରିଲେ ପ୍ରାରମ୍ଭିକ ପର୍ଯ୍ୟାୟକୁ ମଧ କାଟଛାଣ୍ଟ କରାଯାଇଥିଲା। ବର୍ତ୍ତମାନ ଯେଭଳି ପରିସ୍ଥିତ ସୃଷ୍ଟି ହୋଇଛି ଅଲିମ୍ପିକ୍ସକୁ ସ୍ଥଗିତ ରଖିବାକୁ ଜାପାନିଜ ଅଲିମ୍ପିକ କମିଟି କାର୍ଯ୍ୟକାରୀ ନିର୍ଦ୍ଦେଶକ କାଓରି ୟାମାଗୁଚି କହିଛନ୍ତି। ଅନ୍ୟପଟେ ଆଇଓସି ନିଜ ଟ୍ୟାକ୍ସ ଫୋର୍ସ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପରାମର୍ଶ ନେଇ କାର୍ଯ୍ୟକରିବ। ଅଲିମ୍ପିକ୍ସ ଠିକ୍ ସମୟରେ ଆୟୋଜନ କରିବ ଓ ଏହାକୁ ବାତିଲ କରିବାର ପ୍ରଶ୍ନ ଉଠୁନାହିଁ ବୋଲି ଆଇଓସି ମୁଖ୍ୟ ଥୋମାସ ବାକ କହିଛନ୍ତି।

**Birthday Wish**



**DEEPA**
Wishing you Health, Love, Wealth, Happiness and just everything your heart desires.
Happy Birthday!
-:With Best Compliments From:-
Tom, Jerry & Dipty
D-17222

୯ମ ବାର୍ଷିକ ଜନ୍ମଦିନ ଶୁଭେଚ୍ଛା



**ସୌମ୍ୟା ଶୁପ୍ରଭା (ଶିୟା)**
ଗାଡ଼କଣ, ଭୁବନେଶ୍ୱର
ତୁମକୁ ପ୍ରଭୁ ଶ୍ରୀଜଗନ୍ନାଥ ଦୀର୍ଘାୟୁ କରିବା ସହିତ ଜଣେ ସୁନାଗରିକ କରନ୍ତୁ ଏତିକି କାମନା।
-:ଶୁଭେଚ୍ଛା ସହ:-
ଜେଜେ, ବାପା, ମାମା, ଅଜା, ଆଇ, ମାମୁ ଓ ମାଉସୀମାନେ।
ଧ-୧୭୨୨୬

## ମହିଳା ରେସ୍‌ଲିଂ କୋଚ୍ ସ୍ୱଦେଶ ଫେରିଲେ

ନୂଆଦିଲ୍ଲୀ, ୨୦।୩ (ପି.ଟି.)



କୋଭିଡ୍-୧୯ ଆଶଙ୍କା ଯୋଗୁ ଲକ୍ଷ୍ନୌ ଓ ସୋନେପତ୍‌ଠାରେ ଚାଲିଥିବା ଜାତୀୟ କ୍ୟାମ୍ପକୁ ବର୍ତ୍ତମାନ ପାଇଁ ବନ୍ଦ କରିଦେବା ଲାଗି ଜାତୀୟ ମହାସଂଘ ନିଷ୍ପତ୍ତି ନେଇଛି। ଫଳସ୍ୱରୂପ ଭାରତୀୟ ମହିଳା ରେସ୍‌ଲିଂ ଟିମ୍‌ର ବିଦେଶୀ କୋଚ୍ ଆଣ୍ଡ୍ରୁ କୁକ୍ ନିଜ ଦେଶ ଯୁକ୍ତରାଷ୍ଟ୍ର ଆମେରିକାକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। କୁକ୍ ଲକ୍ଷ୍ନୌସ୍ଥିତ ସାଇ ସେଣ୍ଟର ସହିତ ଜଡ଼ିତ ଥିଲେ। ହୋଲି ପରେ ଅଧିକାଂଶ ରେସ୍‌ଲର ରିପୋର୍ଟ କରି ନ ଥିଲେ। ୪ରୁ ୫ ରେସ୍‌ଲର ସେଠାରେ ତାଲିମ ନେଉଥିଲେ। ଜ୍ୱରରେ ପୀଡ଼ିତ ଥିବାରୁ ସେଠାରେ ନିଯୁକ୍ତ ଭାରତୀୟ କୋଚ୍ କୁଲଦୀପ ମଲିକ ହରିୟାଣାସ୍ଥିତ ନିଜ ବାସସ୍ଥାନକୁ ଫେରି ଯାଇଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ କାରଣରୁ ଇରାନର ହୋସେନ କରିମି ତାଙ୍କ କାର୍ଯ୍ୟକାଳ ଅଧାରୁ ପଦତ୍ୟାଗ କରି ଚାଲିଯିବା ପରଠାରୁ ଭାରତୀୟ ପୁରୁଷ ଦଳ ପାଇଁ ଜଣେ ହେଲେ ବିଦେଶୀ କୋଚ୍ ନିଯୁକ୍ତ ହୋଇ ପାରିନାହିଁ। କରୋନା ଭାଇରସ୍ ଆତଙ୍କ ଯୋଗୁ କ୍ୟାମ୍ପକୁ ବନ୍ଦ କରି ଦିଆଯାଇଥିବାରୁ ମୁଁ ବର୍ତ୍ତମାନ ନିଜକୁ ଏକା ଅନୁଭବ କରୁଛି। ତେଣୁ ନିଜ ଦେଶକୁ ଫେରିଯାଉଛି ବୋଲି କୁକ୍ କହିଛନ୍ତି।

# ସେଲ୍‌ଫ ଆଇସୋଲେଶନରେ ରହିବେ ନୀରଜ ଚୋପ୍ରା

ନୂଆଦିଲ୍ଲୀ, ୨୦।୩

ଷ୍ଟାର ଜାଭେଲିନ ଥ୍ରୋୟର ନୀରଜ ଚୋପ୍ରାଙ୍କୁ ଏନ୍‌ଆଇଏସ୍ ପଟିଆଲାଠାରେ ୧୪ ଦିନ ପାଇଁ ସେଲ୍‌ଫ ଆଇସୋଲେଶନରେ ରହିବାକୁ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ନିର୍ଦ୍ଦେଶ ଦେଇଛି। ସେ ତୁର୍କୀରେ ଟ୍ରେନିଂ ସାରି ଫେରିଛନ୍ତି। ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲ କରିସାରିଥିବା ଚୋପ୍ରା ଓ ରୋହିତ ଯାଦବଙ୍କୁ ସମସ୍ତ ପ୍ରକାର ସୁବିଧା ଥିବା ହଷ୍ଟେଲରେ ରହିବାକୁ ହେଲେ ଅନ୍ୟ କୌଣସି ଆଥ୍‌ଲେଟଙ୍କ ସହ ୧୪ ଦିନ ପର୍ଯ୍ୟନ୍ତ ମିଶିପାରିବେ ନାହିଁ। ସେମାନଙ୍କୁ ରୁମ୍ ଆଲର୍ଟ ହୋଇସାରିଛି। ସେମାନେ ହଷ୍ଟେଲ ନିକଟରେ ଥିବା ପୁରୁଣା ଜିମ୍ ବ୍ୟବହାର କରିପାରିବେ ବୋଲି ସୂତ୍ରରୁ କୁହାଯାଇଛି। ଦକ୍ଷିଣ ଆଫ୍ରିକାରୁ ଫେରିଥିବା ଶିବମାଲ ଓ ବିପିନ ଛୁଟି ନେଇ ଘରକୁ ଫେରିଛନ୍ତି। ବିଦେଶରୁ ଫେରିଥିବା ପ୍ରତ୍ୟେକ ଆଥ୍‌ଲେଟଙ୍କ ଇନ୍ଦୀରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ସ୍କ୍ରିନଡ କରାଯାଇଥିଲା। ସେଠାରେ କୌଣସି ଲକ୍ଷଣ ନ ଥିବା ଜଣାପଡ଼ିଥିଲା। ମାତ୍ର ଏନ୍‌ଆଇଏସ୍‌ରେ ପହଞ୍ଚିବା ପରେ ସାଇ ୧୪ ଦିନ ସେଲ୍‌ଫ ଆଇସୋଲେଶନରେ ରହିବାକୁ ନିର୍ଦ୍ଦେଶ ଦେଇଥିଲା।



## ଦୁଇ ଏଲ୍‌ଏ ଲେକର୍ସ ଖେଳାଳି କୋଭିଡ୍-୧୯ରେ ପୀଡ଼ିତ

ଲସ ଏଞ୍ଜେଲ୍ସ, ୨୦।୩

ବହୁବାର ଏନ୍‌ବିଏ ଚାମ୍ପିୟନ ଲସ ଏଞ୍ଜେଲ୍ସ ଲେକର୍ସ ଦଳର ଦୁଇ ଜଣ ଖେଳାଳି ମାରାତ୍ମକ କୋଭିଡ୍-୧୯ରେ ପୀଡ଼ିତ। ସେମାନଙ୍କୁ ଡାକ୍ତରଙ୍କ ତତ୍ତ୍ୱାବଧାନରେ କ୍ୱାରାଣ୍ଟାଇନରେ ରଖାଯାଇଥିବା ବାସ୍କେଟବଲ ଦଳ ପକ୍ଷରୁ କୁହାଯାଇଛି। କିନ୍ତୁ ଫ୍ରାଞ୍ଚାଇଜ ପକ୍ଷରୁ ଦୁଇ ଖେଳାଳିଙ୍କ ପରିଚୟ ଦିଆଯାଇ ନାହିଁ। ମାତ୍ର ସେମାନଙ୍କ ଟେଷ୍ଟ ଦଳର ଅନ୍ୟ ଖେଳାଳିଙ୍କ ସହ କରାଯାଇଥିଲା। ମାର୍ଚ୍ଚ ୧୦ ତାରିଖରେ ବ୍ରୁକଲିନ ନେଟ୍ସ ଦଳ ବିପକ୍ଷ ମ୍ୟାଚ୍ ପରେ ଟେଷ୍ଟ କରାଯାଇଥିଲା। ନେଟ୍ସ ଦଳର ୪ ଖେଳାଳିଙ୍କ ରିପୋର୍ଟ ପଜିଟିଭ ଆସିଛି। ଲେକର୍ସ ଦଳର ଦୁଇ ଖେଳାଳିଙ୍କ ରିପୋର୍ଟ ପଜଟିଭ ଆସିଛି। ସେମାନଙ୍କ ନିକଟରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥିଲା। ଏଣୁ ଅନ୍ୟଙ୍କଠାରୁ ସେମାନଙ୍କୁ ଏହି ମାରାତ୍ମକ ଭାଇରସ ବ୍ୟାପିଛି। ଦଳୀୟ ଡାକ୍ତରଙ୍କ ପରାମର୍ଶରେ ସେମାନଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି ବୋଲି ଲେକର୍ସ ପକ୍ଷରୁ ସୂଚନା ଦିଆଯାଇଛି। ଦଳର ଅନ୍ୟ ଖେଳାଳି ଓ ଷ୍ଟାଫଙ୍କୁ ସେଲ୍‌ଫ କ୍ୱାରାଣ୍ଟାଇନରେ ରହିବାକୁ କୁହାଯାଇଛି। ସେମାନଙ୍କ ସହ ନିୟମିତ ଯୋଗାଯୋଗରେ ଅଛୁ ବୋଲି ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ନୁକର ବିଶ୍ୱକପ୍ ଘୁଞ୍ଚିଲା

ଲଣ୍ଡନ, ୨୦।୩ (ଏଏଫ୍‌ପି)

କରୋନାଭାଇରସ ଜନିତ ସଂକଟ ଯୋଗୁ ବିଶ୍ୱ ସ୍ନୁକର ଚାମ୍ପିୟନଶିପ୍‌କୁ ସ୍ଥଗିତ ରଖାଯାଇଛି। ୱାର୍ଲ୍ଡ ସ୍ନୁକର ଟୁର୍ (ଡବ୍ଲ୍ୟୁଏସ୍‌ଟି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଟୁର୍ନାମେଣ୍ଟ ଏପ୍ରିଲ ୧୮ରୁ ମେ ୪ ତାରିଖ ପର୍ଯ୍ୟନ୍ତ ଶିଫିଲ୍ଡସ୍ଥିତ କ୍ରୁସିବଲ ଥିଏଟର ଖେଳାଯିବା କାର୍ଯ୍ୟକ୍ରମ ଥିଲା। ଡବ୍ଲ୍ୟୁଏସ୍‌ଟି ଚେୟାରମ୍ୟାନ ବ୍ୟାରି ହିଅର୍ନ୍ ବର୍ତ୍ତମାନ ଆମେ ସମସ୍ତେ ଏକ କଠିନ ପରିସ୍ଥିତି ଦେଇ ଗତି କରୁଛେ। ଏଥିରୁ ଯାଥଶୀଘ୍ର ମୁକୁଳିବା ଲାଗି ସମସ୍ତଙ୍କ ଉଦ୍ୟମ ଆବଶ୍ୟକ। ଟୁର୍ନାମେଣ୍ଟ ପୁଣି କେବେ ହେବ ସେ ସମ୍ପର୍କରେ ବ୍ରଡକାଷ୍ଟର, ଅନ୍ୟ ପାର୍ଟନର ଏବଂ ଏଥି ସହିତ ସଂଶ୍ଲିଷ୍ଟ ଭେନ୍ୟୁକୁ ଖୁବ୍ ଶୀଘ୍ର ଜଣାଇ ଦିଆଯିବ ବୋଲି ସେ କହିଛନ୍ତି।

# ବ୍ରିଟିଶ ଅଲିମ୍ପିକ୍ ଆସୋସିଏଶନ ଚିନ୍ତିତ

ଲଣ୍ଡନ,୨୦।୩ (ଏଏଫ୍‌ପି)

**କରୋନା ଭାଇରସ ସଂକ୍ରମଣ**

BRITISH OLYMPIC ASSOCIATION

କରୋନା ଭାଇରସ ସଂକ୍ରମଣ ନେଇ ବ୍ରିଟିସ ଅଲିମ୍ପିକ୍ସ ମୁଖ୍ୟ ଚିନ୍ତା ପ୍ରକଟ କରିଛନ୍ତି। ଯଦି ଏହି ଭାଇରସ ସଂକ୍ରମଣକୁ ଠିକ୍ ସମୟରେ ନିୟନ୍ତ୍ରଣ ନ କରାଯାଏ ତା'ହେଲେ ଅଲିମ୍ପିକ୍ସ ପ୍ରସ୍ତୁତି ପାଇଁ ଆଥଲେଟମାନଙ୍କୁ ଉତ୍ସାହିତ କରାଯିବ ନାହିଁ ବୋଲି ସେ କହିଛନ୍ତି। ଅଲିମ୍ପିକ୍ସ ଅପେକ୍ଷା ଆଥଲେଟଙ୍କ ସ୍ୱାସ୍ଥ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଜୁଲାଇ ୨୪ରୁ ଟୋକିଓ ଅଲିମ୍ପିକ୍ସ ଆରମ୍ଭ କରିବାକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ଚାହୁଁଛି। କିନ୍ତୁ ବହୁ ସାଖ୍ୟାରେ ଆଥଲେଟ କରୋନା ଭାଇରସ କାରଣରୁ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତିରେ ସମସ୍ୟାର ସମ୍ମୁଖୀନ ହେବା କଥା କହିଛନ୍ତି। ଭାଇରସ୍‌କୁ ରୋକିବା ପାଇଁ ସାମାଜିକ ଦୂରତ୍ୱ ରକ୍ଷା କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି ଆଥଲେଟମାନେ କହିଛନ୍ତି।

୮୦୦ମିଟର ଦୌଡ଼ରେ ଅଲିମ୍ପିକ୍ସରେ ସାମିଲ ହେବାକୁ ଲକ୍ଷ୍ୟ ରଖିଥିବା ଗେ ଲିୟରମନ୍ଥ ପ୍ରଥମ ବ୍ରିଟିସ ଆଥଲେଟ ଭାବେ ଅଲିମ୍ପିକ୍ସ ଅଂଶଗ୍ରହଣ ନେଇ ସତର୍କ କରାଇ ଦେଇଛନ୍ତି। ପୂର୍ବରୁ ମଧ ଅଲିମ୍ପିକ ପୋଲ ଭୋଲ୍ଟ ଚାମ୍ପିୟନ କାଟେରିନା ଷ୍ଟିଫାନିଡି ଏ ନେଇ ଆଇଓସିକୁ କଡ଼ା ସମାଲୋଚନା କରିଛନ୍ତି। କରୋନ ଭାଇରସ ଆତଙ୍କ କାରଣରୁ ୟୁରୋ ୨୦୨୦ ଓ କୋପା ଆମେରିକାକୁ ସ୍ଥଗିତ ରଖାଯାଇଛି। ସେହିପରି ଅଲିମ୍ପିକ୍ସକୁ ସ୍ଥଗିତ କିମ୍ବା ବାତିଲ କରାଯିବା ନେଇ ଦାବି ହୋଇଛି। ଆଥଲେଟମାନଙ୍କ ସ୍ୱାସ୍ଥ୍ୟକୁ ବିପଦରେ ପକାଇବାକୁ ଆମେ ଚାହୁଁ ନାହୁଁ। ଯେତେବେଳେ ଅନୁକୂଳ ପରିସ୍ଥିତି ସୃଷ୍ଟି ହେବ ଓ ସରକାର ଓ ପବ୍ଲିକ ହେଲ୍‌ଥ ଗାଇଡ ଲାଇନ୍ ଅନୁସାରେ ଆଥଲେଟମାନେ ଅଲିମ୍ପିକ ପ୍ରସ୍ତୁତି ନେଇ ପ୍ରୟାସ କରିବେ ବୋଲି ବ୍ରିଟିଶ ଅଲିମ୍ପିକ୍ସ ଆସୋସିଏସନ (ବିଓଏ) ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ବିଓଏ ଓ ବ୍ରିଟିସ ସ୍ପୋର୍ଟ୍ସ ଫେଡେରେଶନର କେତେଜଣ ଅଧିକାରୀ ଟୋକିଓରୁ କେତେଗୁଡିଏ ଭେନ୍ୟୁ, ଆଥ୍‌ଲେଟ ଭିଲେଜ ବା କ୍ରୀଡ଼ା ଗ୍ରାମ ପରି ଦର୍ଶନ କରି ସ୍ୱଦେଶ ଫେରିଛନ୍ତି। ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ଠିକ୍ ବାଟରେ ଚାଲିଛି ବୋଲି ଏମାନେ କହିଛନ୍ତି।

## ଅସୁସ୍ଥ ଥାଇ ଯୁବି ଖେଳିଥିଲେ ବିଶ୍ୱକପ୍ ବିଜୟୀ ଶତକୀୟ ଇନିଂସ



ନୂଆଦିଲ୍ଲୀ, ୨୦।୩- ଭାରତୀୟ ଅଲରାଉଣ୍ଡର ଯୁବରାଜ ସିଂ (ଯୁବି) ଠିକ୍ ୯ ବର୍ଷ ତଳେ ୨୦୧୧ ବିଶ୍ୱକପ୍‌ରେ ଶତକୀୟ ଇନିଂସ ଖେଳିଥିଲେ। ସେତେବେଳେ କର୍କଟରେ ପୀଡ଼ିତ ଯୁବି ୱେଷ୍ଟଇଣ୍ଡିଜ ବିପକ୍ଷରେ ଶତକ ହାସଲ କରିଥିଲେ। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୫୧ ରନ୍ ମଧ୍ୟରେ ୨ ଉଇକେଟ ହରାଇ ସାରିଥିଲା। ଯୁବି ଓ ବିରାଟ କୋହଲି ତୃତୀୟ ଉଇକେଟ ଲାଗି ୧୨୨ ରନ୍ ଯୋଡ଼ିଥିଲେ। କୋହଲି ୫୯ ରନ୍‌ର ଇନିଂସ ଖେଳି ଆଉଟ୍ ହୋଇଥିଲେ। ଏହାପରେ ଯୁବି ଖେଳିଥିଲେ ୧୧୩ ରନ୍‌ର ଇନିଂସ। ତାଙ୍କ ଇନିଂସରେ ଥିଲା ୧୦ ଚୌକା ଓ ୩ ଛକା। ଯୁବିଙ୍କ ଇନିଂସ ଏବେ ବି ଭାରତୀୟ କ୍ରିକେଟ ପ୍ରଶଂସକଙ୍କ ମନରେ ଉଜ୍ଜୀବିତ ରହିଛି। ଭାରତୀୟ ଦଳ ଧାର୍ଯ୍ୟ ୫୦ ଓଭରରେ ୨୬୮ ରନ୍ କରିଥିଲା। ପରେ ଯୁବି ବୋଲିଂ କରି ଡେଭନ ଥୋମାସ ଓ ଆଣ୍ଡ୍ରେ ରସେଲଙ୍କ ଉଇକେଟ ନେଇ ଟିମ୍ ଇଣ୍ଡିଆକୁ ୮୦ ରନ୍‌ରେ ଜିତାଇଥିଲେ। କିମ୍ବଦନ୍ତୀ ଅଲରାଉଣ୍ଡରଙ୍କ ଲାଗି ୨୦୧୧ ବିଶ୍ୱକପ୍ ସ୍ମରଣୀୟ ଥିଲା। ଏହି ଇଭେଣ୍ଟରେ ତାଙ୍କୁ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ଘୋଷିତ କରାଯାଇଥିଲା। ପୂରା ଟୁର୍ନାମେଣ୍ଟରେ ସେ ୩୬୨ ରନ୍ କରିବା ସହ ୧୫ ଉଇକେଟ ନେଇଥିଲେ। ଯୁବରାଜଙ୍କ କ୍ୟାରିୟରରେ ୩୦୪ ଦିନିକିଆ, ୫୮ ଟି୨୦ ଓ ୪୦ ଟେଷ୍ଟ ଖେଳିଥିଲେ। ତାଙ୍କ କ୍ୟାରିୟରର ବହୁ ଉଲ୍ଲେଖନୀୟ ଘଟଣା ରହିଛି। ଓଡ଼ିଶାର କଟକ ସ୍ଥିତ ଐତିହାସିକ ବାରବାଟୀ ଷ୍ଟାଡିୟମରେ ୧୫୦ ରନ୍‌ର ଇନିଂସ ଖେଳିଥିଲେ, ଯାହାକି ତାଙ୍କ କ୍ୟାରିୟରର ଶ୍ରେଷ୍ଠ ସ୍କୋର।

# ପାରାଅଲିମ୍ପିକ୍ସ ପାଇଁ ଜୟନ୍ତୀଙ୍କୁ ଯୋଗ୍ୟତା

ଭୁବନେଶ୍ୱର, ୨୦।୩(କ୍ରୀଡ଼ା ପ୍ରତିନିଧି)

କରୋନା ଭାଇରସ ସଂକ୍ରମଣ ଯୋଗୁ କ୍ରୀଡାଜଗତ ଆତଙ୍କିତ ଅବସ୍ଥାରେ ଥିବାବେଳେ ଗୁରୁବାର ଓଡ଼ିଶା କ୍ରୀଡ଼ାକୁ ମିଳିଛି ଏକ ଖୁସି ଖବର। ରାଜ୍ୟର ପାରା ଆଥଲେଟ୍ ଜୟନ୍ତୀ ବେହେରା ଟୋକିଓ ପାରା ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏ ସମ୍ପର୍କରେ ପାରାଅଲିମ୍ପିକ୍ସ କମିଟି ପକ୍ଷରୁ ଇ-ମେଲ ଯୋଗେ ଜୟନ୍ତୀଙ୍କୁ ଜଣାଇ ଦିଆଯାଇଛି। କରୋନା ଭାଇରସ ଆତଙ୍କ ଯୋଗୁ ଏବେ ବିଶ୍ୱବ୍ୟାପୀ ଟୁର୍ନାମେଣ୍ଟଗୁଡ଼ିକ ବନ୍ଦ ରହିଛି। ତେଣୁ ର୍‍ୟାଙ୍କିଙ୍ଗ୍ ଭିତ୍ତିରେ ଜୟନ୍ତୀଙ୍କୁ ପାରା ଅଲିମ୍ପିକ୍ସ ଯୋଗ୍ୟତା ମିଳିଥିବା ଜଣାଯାଇଛି। ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ଟୋକିଓରେ ହେବାକୁଥିବା ପାରାଅଲିମ୍ପିକ୍ସର ମହିଳା ୪୦୦ ମିଟର ଇଭେଣ୍ଟରେ ଭାଗନେବେ ପୁରୀ ସତ୍ୟବାଦୀ ଅଞ୍ଚଳର ଜୟନ୍ତୀ। ଓଡ଼ିଶାର ପ୍ରଥମ ଦିବ୍ୟାଙ୍ଗ ମହିଳା ଆଥଲେଟ୍‌ଭାବେ ଜୟନ୍ତୀ ପାରାଅଲିମ୍ପିକ୍ସ ପାଇଁ ଯୋଗ୍ୟତା ପାଇଛନ୍ତି। ପୂର୍ବରୁ ୨୦୦୮ରେ ଓଡ଼ିଶାର ମାର୍କଣ୍ଡ ରେଡ୍ଡୀ ପାରା ଅଲିମ୍ପିକ୍ସରେ ଭାଗ ନେଇଥିଲେ। ଟି୪୬ ପୁରୁଷ ୧୦୦ ମିଟର ରେସ୍‌ରେ ୧୧.୯୨ ସେକେଣ୍ଡ ସମୟ ନେବାରୁ ସେ ୫ମ ସ୍ଥାନରେ ରହିଥିଲେ। ଫଳରେ ପରବର୍ତ୍ତୀ ରାଉଣ୍ଡକୁ ଯୋଗ୍ୟତା ଅର୍ଜନ କରିପାରି ନ ଥିଲେ। ଏଥର ପାରା ବ୍ୟାଡ୍‌ମିଣ୍ଟନରେ ଅର୍ଜୁନ ପୁରସ୍କାରପ୍ରାପ୍ତ ପ୍ରମୋଦ ଭଗତ ଯୋଗ୍ୟତା ଅର୍ଜନ କରିବା ଶତ ପ୍ରତିଶତ ସମ୍ଭାବନା ରହିଛି। ପ୍ରମୋଦ ୨୦୧୯ରେ ଅନୁଷ୍ଠିତ ପ୍ରତିଯୋଗିତା ଗୁଡ଼ିକରେ ଚମତ୍କାର ପ୍ରଦର୍ଶନ କରିବା ସହ ସମ୍ପ୍ରତି ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ନମ୍ବର ୱାନ ସ୍ଥାନରେ ରହିଛନ୍ତି।



ଜୟନ୍ତୀ ବେହେରା

**ମହିଳା ୪୦୦ ମିଟର ଇଭେଣ୍ଟରେ ଭାଗନେବେ**

ପ୍ରକାଶଯୋଗ୍ୟ ଯେ, ୨୦୧୭ରେ ବେଜିଂରେ ଅନୁଷ୍ଠିତ ୫ମ ଚାଇନା ଓପନ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଜୟନ୍ତୀ ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ ମିଟରରେ ରୌପ୍ୟ ପଦକ ପାଇଥିଲେ। ସେହିବର୍ଷ ସୁଇଜରଲାଣ୍ଡରେ ଆୟୋଜିତ ବିଶ୍ୱ ଜୁନିୟର ପାରା ଆଥଲେଟିକ୍ସର ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ ମିଟରରେ ରୌପ୍ୟ ପଦକ ପାଇଥିଲେ। ୨୦୧୭ରେ ଦୁବାଇରେ ଅନୁଷ୍ଠିତ ୟୁଥ୍ ଏସିଆନ ପାରା ଗେମ୍ସର ୨୦୦ ଓ ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୧୦୦ ମିଟରରେ ସେ ରୌପ୍ୟ ପଦକ ହାସଲ କରିଥିଲେ। ଜାକର୍ତ୍ତାଠାରେ ଅନୁଷ୍ଠିତ ଏସିଆନ ପାରା ଗେମ୍ସର ୨୦୦ ମିଟରରେ ସେ ବ୍ରୋଞ୍ଜ ଏବଂ ୪୦୦ ମିଟରରେ ରୌପ୍ୟ ପଦକ ଅର୍ଜନ କରିଥିଲେ। ପ୍ରକାଶଯୋଗ୍ୟ ଯେ, କରୋନା ଭାଇରସ୍ ସଂକ୍ରମଣ ପ୍ରଭାବରେ ଟୋକିଓ ଅଲିମ୍ପିକ୍ସ ଘୁଞ୍ଚିବା ସମ୍ଭାବନା ଅଛି। ସେହି ଅନୁସାରେ ପାରାଅଲିମ୍ପିକ୍ସ ମଧ ଘୁଞ୍ଚିବା ଆଶଙ୍କା ରହିଛି।

# ବାଲା ଦେବୀଙ୍କ ସ୍କଟ୍‌ଲାଣ୍ଡ ରହଣି ବଢ଼ିଲା

ନୂଆଦିଲ୍ଲୀ, ୨୦।୩ (ପି.ଟି.)

**କୋଭିଡ-୧୯ ପ୍ରତିବନ୍ଧ**

କାରାନା ଭାଇରସ ବା କୋଭିଡ-୧୯ ପ୍ରତିବନ୍ଧ ପାଇଁ ଭାରତୀୟ ମହିଳା ଫୁଟବଲ ତାରକା ଏନ୍ ବାଲା ଦେବୀଙ୍କ ସ୍କଟଲାଣ୍ଡ ରହିଣୀରେ ବୃଦ୍ଧି ଘଟିଛି। ପ୍ରଥମ ଭାରତୀୟ ଭାବେ ସେ ସ୍କଟିଶ ମହିଳା ପ୍ରିମିୟର ଲିଗ୍ କ୍ଲବ ରେଞ୍ଜର୍ସ ସହ ଚୁକ୍ତି କରିଥିଲେ। କରୋନା ଭାଇରସ ପାଇଁ ଲାଗୁ ହୋଇଥିବା ପ୍ରତିବନ୍ଧ ପାଇଁ ସେ ନିଜ କ୍ଲବ ସହ ଅଧିକ ଦିନ ରହିବାକୁ ବାଧ ହୋଇଛନ୍ତି। ଇତିମଧ୍ୟରେ ଭାରତ ସରକାର ମଧ ମାର୍ଚ୍ଚ ୨୨ରୁ ୩୧ ତାରିଖ ମଧରେ ବିଦେଶରୁ ସବୁ ପ୍ରକାର ଫ୍ଲାଇଟ୍‌କୁ ବାସନ୍ଦ କରିଛନ୍ତି। ଫଳରେ ସ୍ୱଦେଶ ଫେରିବାରେ ତାଙ୍କର ବିଳମ୍ବ ହେବା ନିଶ୍ଚିତ ହୋଇଛି। ଲିଗ୍‌କୁ ଏପ୍ରିଲ ୩୦ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଫଳରେ ଏବେ କୌଣସି ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ନାହିଁ। ସେ ଏବେ ଚାହିଁଲେ ବି ଘରକୁ ଆସିପାରିବେ ନାହିଁ। ଏବେ ସେ ସେଠାରେ ରହି ଟ୍ରେନିଂ ଜାରି ରଖିବେ। ଲିଗ ଆରମ୍ଭ ହେଲେ ସେ ସେଠାରେ ରହି ଖେଳିବେ। ଉଲ୍ଲେଖଥାଉ କି, ବାଲା ଦେବୀଙ୍କ ନେତୃତ୍ୱରେ ଭାରତ ସାଉଥ ଏସିଆନ ଗେମ୍ସରେ ଗତବର୍ଷ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏହି ଟୁର୍ନାମେଣ୍ଟରେ ସେ ୫ଟି ମ୍ୟାଚ୍ ଖେଳି ୧୬ଟି ଗୋଲ ସ୍କୋର କରିଥିଲେ।



ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶନିବାର, ମାର୍ଚ୍ଚ ୨୧/୨୦୨୦ Berhampur,Saturday, March 21/ 2020




# ୧୮ ବିଦେଶ ଫେରନ୍ତାଙ୍କ ଟ୍ରାକିଂ, ପଞ୍ଜୀକରଣ ନିର୍ଦ୍ଦେଶ

## ଛତ୍ରପୁର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

**ଛତ୍ରପୁର,୨୦।୩(ଡି.ଏନ୍.ଏ.)**

କରୋନା ଭୟାବହତାକୁ ନେଇ ଶୁକ୍ରବାର ଛତ୍ରପୁର ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ଏମ୍. ଧନଞ୍ଜୟ ରେଡ୍ଡୀ ଅଧ୍ୟକ୍ଷତା କରିଥିଲେ। ବିଦେଶରୁ ଫେରିଥିବା ୧୮ଜଣଙ୍କୁ ବ୍ଲକର ଗଠିତ ଟିମ୍ ଠାବ କରିବାରେ ସକ୍ଷମ ହୋଇପାରିଛି। ଲକ୍ଷ୍ମୀପୁର ପଞ୍ଚାୟତର ୯ଜଣ ଭୁଟାନ୍‌ରୁ ଆସିଥିବା ବେଳେ ବଡମାଧପୁରକୁ ଦୁବାଇରୁ ଜଣେ, ଚିକଲଖଣ୍ଡି ପଞ୍ଚାୟତକୁ ଦୁବାଇରୁ ଜଣେ, ସୁନ୍ଦରପୁର ପଞ୍ଚାୟତକୁ ପଶ୍ଚିମ ଆଫ୍ରିକାରୁ ଜଣେ ଆସିଛନ୍ତି। ସେହିପରି ନରେନ୍ଦ୍ରପୁରକୁ ମାଲେସିଆରୁ ଜଣେ, କାଳିପଲ୍ଲୀ ପଞ୍ଚାୟତକୁ ଆବୁଧାବିରୁ ୨ଜଣ, ଆର୍ଯ୍ୟପଲ୍ଲୀ ପଞ୍ଚାୟତକୁ ଦୁବାଇରୁ ୩ ଜଣ ଫେରଛନ୍ତି। ଏମାନଙ୍କୁ ଟ୍ରାକିଂ କରିବା ସହ ସମସ୍ତଙ୍କର ୧୦୪ ନଂ.ରେ ପଞ୍ଜୀକରଣ କରିବାକୁ ବୈଠକରେ ଅତିରିକ୍ତ ଜିଲାପାଳ ଅମୀୟ କୁମାର ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଅଙ୍ଗନୱାର୍ଡ଼ି କର୍ମୀମାନେ ନିୟମିତ ଉକ୍ତ ବିଦେଶ ଫେରନ୍ତାଙ୍କ ଘରକୁ ଯାଇ ଅନୁଧ୍ୟାନ କରି ଫେରିବେ। ପ୍ରତି ବ୍ଲକ, ସିଏଚସି ଓ ପିଏଚସିରେ ଆଇସୋଲେସନ ରୁମ୍ ରହିବ। କରୋନା ନେଇ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଗାଇଡଲାଇନ୍‌କୁ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବିଡିଓ ଅମ୍ବିକା ପ୍ରସାଦ ଦାଶ କହିଛନ୍ତି। ବଉଲଗାଁ ପଞ୍ଚାୟତକୁ ବାଙ୍ଗାଲୋରରୁ ୨୦ ଜଣ ଫେରିଥିବା ସ୍ଥାନୀୟ ସରପଞ୍ଚ କହିଥିଲେ। କରୋନା ନେଇ ନିଜେ ସଚେତନ ହୋଇ ଅନ୍ୟକୁ ସଚେତନ କରିବାକୁ ପରାମର୍ଶ ଦେବା ସହ ସମସ୍ତେ ଏନେଇ ସହଯୋଗ କରିବା ଏବଂ ସରକାର ଓ ଜିଲାପାଳଙ୍କ ନିର୍ଦ୍ଦେଶନାମାକୁ ପାଳନ କରିବା ପାଇଁ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଗୁରୁତ୍ୱାରୋପ କରିଥିଲେ। ପ୍ରତି ପଞ୍ଚାୟତରେ ସ୍ୱାସ୍ଥ୍ୟ ଶିବିର ହେବ। ବିଜୁ ଯୁବ ବାହିନୀ ଏଥିରେ ସହାୟତା କରିବେ। ବୈଠକରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଅମିତା ସାହୁ, ଜିଲାପରିଷଦ ସଭ୍ୟ ଏସ୍ କିଶୋର ରେଡ୍ଡୀ ଓ ପ୍ରମୋଦ କୁମାର ପ୍ରଧାନ, ସିଡିପିଓ କ୍ରିଷ୍ଣା କୁମାରୀ ନନ୍ଦ, ଏବିଇଓ ନୃସିଂହ ମିଶ୍ର ଙ୍କ ସମେତ ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ। ବ୍ଲକ ସମ୍ମିଳନୀ ଗୃହରେ ଆୟୋଜିତ ଏହି ବୈଠକରେ ଯୋଗଦେବା ପୂର୍ବରୁ ସମସ୍ତେ ସାନିଟାଇଜରରେ ହାତ ସଫା କରିଥିଲେ।



ବୈଠକରେ ଉପସ୍ଥିତ ବିଧାୟକ ଓ ଅନ୍ୟମାନେ।




# ୬ ବସ୍‌କୁ ୫୪ ହଜାର ଜରିମାନା

**ଛତ୍ରପୁର,୨୦।୩(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ପକ୍ଷରୁ କରୋନାକୁ ନେଇ ଜାରି କରାଯାଇଥିବା ଗାଇଡ୍‌ଲାଇନକୁ ବିଭିନ୍ନ ବସ୍ ମାଲିକମାନେ ମାନୁନାହାନ୍ତି। ଫଳରେ ଗଞ୍ଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଗଞ୍ଜାମ ଆର୍‌ଟିଓଙ୍କ ପକ୍ଷରୁ ୩ଟି ଟିମ୍ ଗଠନ ହୋଇଥିଲା। ଏହି ଟିମ୍ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢାଉ କରି ଯାଞ୍ଚ କରିଥିଲେ। ୬ଟି ବସ୍ ସରକାରୀ ଗାଇଡ୍‌ଲାଇନକୁ ମାନୁ ନ ଥିବାରୁ ସେମାନଙ୍କ ଉପରେ ୫୪ ହଜାର ଟଙ୍କା ଗଞ୍ଜାମ ଆର୍‌ଟିଓ ପକ୍ଷରୁ ଜରିମାନା ପକାଯାଇଛି। ୪ଟି ବସ୍‌କୁ ୧୧ ହଜାର ଟଙ୍କା ଲେଖାଏ ୪୪ ହଜାର ଓ ଅନ୍ୟ ୨ଟି ବସ୍‌କୁ ୫ହଜାର ଟଙ୍କା ଲେଖାଏ ମୋଟ ୧୦ ହଜାର ଟଙ୍କା ଜରିମାନା ପକାଯାଇଛି। ଏଥିମଧ୍ୟରେ ୨ଟି ସିଟି ବସ୍‌କୁ ୨୨ ଜରିମାନା ପକାଯାଇଥିବା ଗଞ୍ଜାମ ଆର୍‌ଟିଓ ସଞ୍ଜୟ କୁମାର ବିଶ୍ୱାଳ ଶୁକ୍ରବାର ସନ୍ଧ୍ୟାରେ ସୂଚନା ଦେଇନ୍ତି। ଅପରପକ୍ଷରେ ଛତ୍ରପୁର ସହରରେ ସରକାରୀ ନିର୍ଦ୍ଦେଶନାମାକୁ ଉଲ୍ଲଘଂନ କରି ଦୋକାନ ଖୋଲିଥିବାରୁ ସେମାନଙ୍କ ଠାରୁ ୧୨ ହଜାର ଟଙ୍କା ଜରିମାନାଏନ୍‌ଏସି ପକ୍ଷରୁ ଆଦାୟ କରାଯାଇଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ